

**ମା' ହେଲେ କ୍ୟାଟ୍ରିନା**

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-132 •SATURDAY •8 NOVEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୩୨ •ଶନିବାର •୮ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ନୂଆପଡ଼ାରେ ବିଜେପିକୁ ନବୀନଙ୍କ ସିଧା ନିଶାଣ

# ରଙ୍ଗ ମାରିଲେ ବିକାଶ ହୁଏନି





**ସାଧାରଣ ଲୋକଙ୍କୁ ନବୀନଙ୍କ ପ୍ରଶ୍ନ**

- ଆପଣମାନଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ମିଳିଛି କି ?
- ବୁଢ଼ାବୁଢ଼ୀମାନଙ୍କୁ ୩୫୦୦ ଟଙ୍କା ପେନ୍‌ସନ ମିଳିଛି କି ?
- ଚାଷୀଭାଇଙ୍କୁ ୟୁରିଆ ସାର ସରକାର ଦେଇପାରିଛନ୍ତି କି ?
- ଧାନ ବିକ୍ରିରେ କଟ୍‌ନୀଛଟ୍‌ନୀ ବନ୍ଦ ହୋଇପାରିଛି କି ?
- ଯୁବବର୍ଗଙ୍କୁ ସରକାରୀ ଚାକିରି ପ୍ରତିଶ୍ରୁତି ପୂରଣ ହୋଇଛି କି?

- ମିଛ କହି, ପ୍ରାର୍ଥୀ ଚୋରି କରି ଲୋକଙ୍କ ହୃଦୟ ଜିତି ପାରିବ ନାହିଁ
- ୫୦୦ ଦିନରେ ରାଜ୍ୟର ଲୋକଙ୍କୁ ଧୋକ୍କା ଓ ଡବଲ ଧୋକ୍କା ମିଳିଛି
- ବିଜୁବାବୁ ନୂଆପଡ଼ା ଜିଲ୍ଲା ଗଢ଼ିଥିଲେ, ବିଜେଡି ଏହାର ବିକାଶ କରିଛି

■ **ନୂଆପଡ଼ା, ୭।୧୧ (ସମିସ):** ତିନିଦିନ ମଧ୍ୟରେ ଦ୍ୱିତୀୟବାର ଶାସକ ବିଜେପି ଓ ସରକାରଙ୍କୁ ପୁଣିଥରେ କଟୁ ସମାଲୋଚନା କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ମିଛ କହି ସେମାନେ ସରକାର ଗଢ଼ି ପାରନ୍ତି, ପ୍ରାର୍ଥୀ ଚୋରି କରିପାରନ୍ତି, ମାତ୍ର ଲୋକଙ୍କ ହୃଦୟ ସେମାନେ ଜିତି ପାରିବେ ନାହିଁ। ୫୦୦ ଦିନ ସରକାରରେ ରାଜ୍ୟର ଲୋକମାନେ କେବଳ ଧୋକ୍କାର ଶିକାର ହୋଇଛନ୍ତି; ଡ଼ବଲ ଧୋକ୍କା ପାଇଛନ୍ତି। ରଙ୍ଗ ମାରିଲେ ବିକାଶ ହୁଏ ନାହିଁ, ମିଛ କହିଲେ ସରକାର ଚାଲେନି ବୋଲି ସିଧାସିଧା ଆକ୍ଷେପ କରିବା ସହ ନୂଆପଡ଼ା ଜିଲ୍ଲା ଗଠନରେ ବିଜୁବାବୁଙ୍କ ଅବଦାନ ଓ ତାଙ୍କ ସରକାର ସମୟରେ ନୂଆପଡ଼ାର ବିକାଶ କଥା ଉଲ୍ଲେଖ କରି ନବୀନ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ରାଜୁଭାଇ ଢ଼ୋଲକିଆଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କ କଥା ଉଲ୍ଲେଖ କରି ତାଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ପଦ ପ୍ରଦାନ କରିଥିବା ନବୀନ ଉଲ୍ଲେଖ କରିଛନ୍ତି।

ଆଜି ଦିନିକିଆ ନୂଆପଡା ଗସ୍ତରେ ଯାଇ ନବୀନ ଦଳର ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ▶ପୃଷ୍ଠା-୭

### ଏଟିସିରେ ବୈଷୟିକ ସମସ୍ୟା

## ଦିଲ୍ଲୀରେ ୩୦୦ ବିମାନ ଉଡ଼ାଣ ବିଳମ୍ବିତ



**ବିମାନ ଲ୍ୟାଣ୍ଡିଂ-ଟେକ୍‌ଅଫ୍‌ର କାର୍ଯ୍ୟସୂଚୀ ମିଳୁନି**

**ଭୋପାଳ, ଚଣ୍ଡିଗଡ଼, ଅହମଦାବାଦରେ ମଧ୍ୟ ସମସ୍ୟା**

■ **ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି):** ଦିଲ୍ଲୀ ବିମାନ ବନ୍ଦରରେ ଶୁକ୍ରବାର ୩୦୦ରୁ ଊର୍ଦ୍ଧ୍ୱ ଉଡାଣ ବିଳମ୍ବିତ ହୋଇଛି। ବିମାନ ବନ୍ଦରର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ପ୍ରଣାଳୀରେ ବୈଷୟିକ ତ୍ରୁଟି ଦେଖା ଦେବାକରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହି ବୈଷୟିକ ତ୍ରୁଟି କାରଣରୁ ଏଟିସିର ବିମାନ ଅବତରଣ ଓ ଉଡାଣ ନେଇ କାର୍ଯ୍ୟସୂଚୀ ମିଳି ପାରୁନାହିଁ। ଗଣମାଧ୍ୟମଗୁଡିକର ସୂଚନା ଅନୁଯାୟୀ ଏଟିସିର ଅଟୋମେଟିକ୍ ମେସେଜ ସୁଇଚ୍ ସିଷ୍ଟମ (ଏଏମ୍‌ଏସ୍‌ଏସ୍)ରେ ତ୍ରୁଟି ଦେଖିବାକୁ ମିଳିଛି। ଏଏମ୍‌ଏସ୍‌ଏସ୍ ବିମାନଗୁଡିକର ଟେକ୍‌ଅଫ୍ ଓ ଲ୍ୟାଣ୍ଡିଂ ନେଇ ସୂଚନା ପ୍ରଦାନ କରିଥାଏ। ଏଟିସି ଅଧିକାରୀମାନେ ପୂର୍ବରୁ ଉପଲବ୍ଧ ତଥ୍ୟକୁ ଆଧାର କରି ବିମାନଗୁଡିକର ଉଡାଣ ଓ ଅବତରଣ କାର୍ଯ୍ୟସୂଚୀ ସ୍ଥିର କରୁଛନ୍ତି। ଦିଲ୍ଲୀ ବିମାନ ବନ୍ଦରର ଏହି ସମସ୍ୟା ଦ୍ୱାର ଅନ୍ୟ ବିମାନ ବନ୍ଦରଗୁଡିକ ମଧ୍ୟ ପ୍ରଭାବିତ ହୋଇଛି। ଦିଲ୍ଲୀରୁ ଅନ୍ୟ ବିମାନ ବନ୍ଦରକୁ ଯିବା ▶ପୃଷ୍ଠା-୭


## ୪୨ ଦିନରେ ୫୨ ଲକ୍ଷ ଗାଡ଼ି ବିକ୍ରି



■ **ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି):** ଚଳିତବର୍ଷର ପାର୍ବଣ ଋତୁରେ ସାରା ଦେଶରେ ଯାନବାହାନ ବିକ୍ରିରେ ପ୍ରତିଷ୍ଠା ହୋଇଛି ନୂଆ ରେକର୍ଡ। ଏହି ୪୨ ଦିନର ପାର୍ବଣରେ ୫୨ ଲକ୍ଷ ଗାଡ଼ି ବିକ୍ରି ହୋଇଛି। ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଫାଡା)ର ତଥ୍ୟ ଅନୁଯାୟୀ, ଏଥର ପାର୍ବଣ ଋତୁରେ ଖୁଚୁରା ଗାଡ଼ି ବିକ୍ରି ୨୧% ବୃଦ୍ଧି ପାଇ ୫୨, ୩୮, ୪୦୧ ୟୁନିଟ୍ ହୋଇଛି। ଯାହା ଗତ ବର୍ଷର ୪୩, ୨୫, ୬୩୨ ୟୁନିଟ୍ ତୁଳନାରେ ବହୁତ ଅଧିକ। ଅପରପକ୍ଷେ ଏହି ସମୟ ମଧ୍ୟରେ, ପାସେଞ୍ଜର ଗାଡ଼ି କ୍ଷେତ୍ରରେ ବିକ୍ରି ୨୩% ବୃଦ୍ଧି ପାଇ ୭,୬୬,୯୧୮ ୟୁନିଟ୍ ରହିଛି। ସେହିଭଳି ଦୁଇଚକିଆ ବିକ୍ରି ୨୨% ବୃଦ୍ଧି ପାଇ ୪୦, ୫୨, ୫୦୩ ୟୁନିଟ୍ରେ ପହଞ୍ଚିଛି। ଏଥିରେ ▶ପୃଷ୍ଠା-୭

## ଏସ୍‌ଆଇଟି ବୈଠକରେ 'ଏସ୍‌ଆଇ ଚାକିରି କେଳେଙ୍କାରୀ' ଉଦ୍‌ବେଗ

**ଅର୍ଥ କାରବାର ଉପରେ ଇଡି ନଜର ରଖିଛି: ଜଷ୍ଟିସ୍ ପଶାୟତ**



■ **କଟକ, ୭।୧୧ (ସମିସ):** ଓଡ଼ିଶାରେ ପୁଲିସ ଏସ୍‌ଆଇ ଚାକିରି କେଳେଙ୍କାରୀ ସମେତ ଆଉ କେତେକ ପ୍ରସଙ୍ଗକୁ ନେଇ କଳାଟଙ୍କା କାରବାର ସଂପର୍କରେ ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା(ଏସ୍‌ଆଇଟି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରଜିତ ପଶାୟତ ଏଥିରେ ଅଧ୍ୟକ୍ଷତା କରି ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ବିଶେଷକରି ଏହି କେଳେଙ୍କାରୀରେ ବିପୁଳ ଅର୍ଥ କାରବାର ହୋଇଥିବା ନେଇ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅବଗତ କରାଯାଇଛି। ଏଣୁ ଏହା ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ନଜର ରଖିଛି ବୋଲି ଜଷ୍ଟିସ ପଶାୟତ କହିଛନ୍ତି। ଏହା ସମେତ ଆଉ କେତେକ ପରୀକ୍ଷା କେଳେଙ୍କାରୀ ତଥା ଓଟିଇଟି ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିଲା। ▶ପୃଷ୍ଠା-୭

## ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ହେବ ପଲିଗ୍ରାଫ ଟେଷ୍ଟ !



■ **କଟକ, ୭ ।୧୧(ସମିସ):** ପୁଲିସ୍ ଏସ୍‌ଆଇ ଚାକିରି କେଳେଙ୍କାରୀର ମୁଖ୍ୟ ଅଭିଯୁକ୍ତ ତଥା ପଞ୍ଚସପ୍ତ ଟେକ୍ନୋଲୋଜିର ମାଲିକ ଶଙ୍କର ପୃଷ୍ଟିକୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣି ପଚରାଉଚରା କରୁଛି। କିନ୍ତୁ ସେ ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ କରୁ ନଥିବା ଜଣାଯାଇଛି। ବାରମ୍ବାର ବୟାନ ବଦଳାଇ ସେ କ୍ରାଇମବ୍ରାଞ୍ଚକୁ ବିଭ୍ରାନ୍ତି କରୁଛି। ଏହାକୁ ନେଇ କ୍ରାଇମବ୍ରାଞ୍ଚର ଚିନ୍ତା ବଢ଼ିଛି। ତେଣୁ ତା'ର ମିଛଧରା (ପଲିଗ୍ରାଫ୍) ▶ପୃଷ୍ଠା-୭

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

## ସତ୍ୟପାଠ ଦାଖଲ ସହ ହାଜର ହେବା ପାଇଁ ବ୍ରହ୍ମପୁର ଏସ୍‌ପିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



■ **କଟକ, ୭ ।୧୧ (ସମିସ):** ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟ ସାର୍ବଜନୀନ କରାଯିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇ ଶୁଣାଣି କରୁଛନ୍ତି। ଏହି ମାମଲାରେ ଆଜି ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍‌ଙ୍କ ପକ୍ଷରୁ ଲିଖିତ ଜବାବ ଦାଖଲ କରାଯାଇଛି। କିନ୍ତୁ, ସତ୍ୟପାଠ ଜରିଆରେ ଆସନ୍ତା ୧୦ ତାରିଖ ସୁଦ୍ଧା ଏହାକୁ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବ୍ରହ୍ମପୁର ଏସ୍‌ପିଙ୍କୁ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଅଦାଲତରେ ବ୍ୟକ୍ତିଗତ ହାଜର ହେବା ପାଇଁ କହିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ ତାରିଖକୁ ଧାର୍ଯ୍ୟ କରାଯାଇଛି। ▶ପୃଷ୍ଠା-୭

### ଅନାହାର ମୃତ୍ୟୁକୁ ନେଇ ୩ ସଂଗଠନର ତଥ୍ୟ ଅନୁସନ୍ଧାନ ରିପୋର୍ଟ

## ଇ-କେୱାଇସି ନେଇଛି ରିସା ମାଙ୍କଡ଼ିଆଙ୍କ ଜୀବନ

- ଇ-କେୱାଇସି ହୋଇ ନ ଥିବାରୁ ମିଳି ନ ଥିଲା ଚାଉଳ
- ଆଧାର କାର୍ଡ ନ ଥିବାରୁ ହୋଇପାରି ନ ଥିଲା ଇ-କେୱାଇସି
- ବୟସ ହୋଇଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଥିଲେ ରିସା
- ଏପ୍ରିଲ୍‌ରୁ ମିଳି ନ ଥିଲା ଚାଉଳ, ସନ୍ଦେହରେ ଶେଷ ଦୁଇ କିସ୍ତି

■ **ଭୁବନେଶ୍ୱର,୭।୧୧(ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକରେ ଅନାହାରରେ ମୃତ୍ୟୁବରଣ କରିଥିବା ଆଦିମ ଜନଜାତି ସମ୍ପ୍ରଦାୟର (ପିଭିଟିଜି ) ୭୦ ବର୍ଷ ବୟସ୍କ ରିସା ମାଙ୍କିଡିଆ ମୃତ୍ୟୁ କେବଳ ରାଜ୍ୟ ସରକାରଙ୍କ ଇ-କେୱାସି ଯୋଗୁଁ ହିଁ ହୋଇଛି। ରିସା ମାଙ୍କିଡ଼ିଆଙ୍କର ଆଧାର କାର୍ଡ ନ ଥିବାରୁ ସେ ଇ-କେୱାଇସି କରିପାରି ନ ଥିଲେ। ତେଣୁ ତାଙ୍କୁ ଗତ ଏପ୍ରିଲ୍ ମାସଠାରୁ ଆଉ ଚାଉଳ ମିଳି ନଥିଲା। ତେଣୁ ସେ ଭିକମାଗି ବା ଅନ୍ୟର ଦୟାରେ ଚଳୁଥିଲେ। ମାତ୍ର ଖାଦ୍ୟାଭାବ ଯୋଗୁଁ ଗତ ୨୧ ଅକ୍ଟୋବରରେ ତାଙ୍କର ଜୀବନ ଯାଇଥିଲା। ଏହି ଅନାହାରରେ ମୃତ୍ୟୁ ପରେ ସିଭିଲ ସୋସାଇଟି ଫୋରମ୍ ଫର ହ୍ୟୁମାନ୍ ରାଇଟ୍ସ (ସିଏସଏଫଏଚଆର), ଓଡିଶା ଖାଦ୍ୟ ଅଧିକାର ଅଭିଯାନ (ଆରଟିଏଫ) ଓ ଜନସ୍ୱାସ୍ଥ୍ୟ ଅଭିଯାନ (ଜେଏସଏ) ଆଦି ୩ ଟି ସଂଗଠନର କର୍ମକର୍ତ୍ତାମାନେ ଘଟଣା ସ୍ଥଳକୁ ଯାଇ ତଥ୍ୟ ଅନୁଧ୍ୟାନ କରିଛନ୍ତି। ପରେ ଏହି ସଂଗଠନଗୁଡ଼ିକ ଶୁକ୍ରବାର ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସଂଗଠନ ପକ୍ଷରୁ ଦିଆଯାଇଥିବା ତଥ୍ୟ ▶ପୃଷ୍ଠା-୭


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି ?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

### ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in


## ବନ୍ଦେ ମାତରମ୍ ଗାନ ନେଇ ମହାରାଷ୍ଟ୍ରରେ ବିବାଦ

ମୁମ୍ବଇ, ୭ ।୧୧(ଏଜେନ୍ସି): ମହାରାଷ୍ଟ୍ରରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂରଣ ନେଇ ଆୟୋଜିତ ହୋଇଥିବା ସରକାରୀ କାର୍ଯ୍ୟକ୍ରମକୁ ନେଇ ବିବାଦ ସୃଷ୍ଟି ହୋଇଛି । ସମାଜବାଦୀ ପାର୍ଟି ବିଧାୟକ ଆବୁ ଆଜମି ମୁମ୍ବଇ ବିଜେପି ଅଧ୍ୟକ୍ଷ ଅମିତ ସାଟମଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖାନ କରିଛନ୍ତି । ଅମିତ ବନ୍ଦେ ମାତରମ୍‌ର ସାମୁହିକ ଗାନ ପାଇଁ ଆଜମୀଙ୍କୁ ନିମନ୍ତ୍ରଣ କରିଥିଲେ । ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତୀ ପାଳନ ପାଇଁ ମହାରାଷ୍ଟ୍ର ସରକାର ସପ୍ତାହବ୍ୟାପୀ ଉତ୍ସବ ପାଳନ କରୁଛନ୍ତି । ଏଥିପାଇଁ ରାଜ୍ୟସାରା ଏକାଧିକ କାର୍ଯ୍ୟକ୍ରମର ଆୟୋଜନ ହେଉଛି । ବନ୍ଦେ ମାତରମ୍ ଗାନ କରିବା ବେଳେ ଏହାର କିଛି ଶ୍ଲୋକ ପୂଜା ଓ ଆରାଧନା ସହିତ ଜଡିତ ରହିଛି । ହିନ୍ଦୁମାନେ ଯେଉଁଭଳି ନମାଜ ପଢ଼ିବେ ନାହିଁ, ଠିକ୍ ସେହିପରି ମୁସଲମାନ ବନ୍ଦେ ମାତରମ୍ ଗାନ କରିପାରିବେ ନାହିଁ ବୋଲି ଆଜମୀ ସ୍ପଷ୍ଟ କରିଛନ୍ତି । ପୁଣି ଏହାକୁ ଗାନ କରିବା ପାଇଁ କାହାକୁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ସ୍ପଷ୍ଟ କରିଛନ୍ତି ବୋଲି ସେ କହିଛନ୍ତି । ଏଥିପାଇଁ ଆଜମୀଙ୍କୁ ବିଜେପି ତରଫରୁ ସମାଲୋଚନା କରାଯାଇଛି ।

## ବେଙ୍ଗଡୁବି ସେନା ଠିକଣାରୁ ବାଂଲାଦେଶୀ ଗିରଫ

କୋଲକାତା, ୭ ।୧୧(ଏଜେନ୍ସି): ଉତ୍ତର ବେଙ୍ଗଲର ବେଙ୍ଗଡୁବ ସେନା ଠିକଣାରେ ଜଣେ ବାଂଲାଦେଶ ନାଗରିକଙ୍କୁ ଗିରଫ କରାଯାଇଛି । ସେ ଜଣେ ଶ୍ରମିକ ଭାବେ ଏଠାରେ କାର୍ଯ୍ୟ କରୁଥିଲା । ସିଲିଗୁଡ଼ି କରିଡର ଓ ଚିକେନ ନେକ ନିକଟରେ ଏହି ସେନା ଠିକଣା ଅବସ୍ଥିତ ଥିବାରୁ ଏହାକୁ ବେଶ ସମ୍ବେଦନଶୀଳ ମନେ କରାଯାଉଛି । ତାଙ୍କଠାରୁ ନକଲି ଆଧାର, ପାନ ଓ ଭୋଟର ପରିଚୟ ପତ୍ର ଜବତ କରାଯାଇଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ସେନା ଠିକଣାର ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ସବୁ କର୍ମଚାରୀଙ୍କର ପୁନଃ ସଂସ୍ଥାପନ ଅଭିଯାନ କରାଯାଇଥିଲା । ଶ୍ରମିକମାନଙ୍କ ଦସ୍ତାବିଜ ଯାଞ୍ଚ କରିବା ବେଳେ ଏହି ବାଂଲାଦେଶ ନାଗରିକଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା । ତାଙ୍କଠାରୁ ବାଂଲାଦେଶର ପରିଚୟ ପତ୍ର ମିଳିଥିଲା । ଏହାପରେ ପରବର୍ତ୍ତୀ ଯାଞ୍ଚ ପାଇଁ ତାଙ୍କୁ ପୁଲିସକୁ ହସ୍ତାନ୍ତର କରାଯାଇଥିଲା । ତାଙ୍କଠାରୁ ନକଲି ପରିଚୟ ପତ୍ର ମିଳିଥିଲା । ରୋଜଗାର ପାଇଁ ବାଂଲାଦେଶ ନାଗରିକମାନେ ବହୁ ସଂଖ୍ୟାରେ ନକଲି ପରିଚୟପତ୍ର ବାହାର କରି ଭାରତ ଆସୁଛନ୍ତି ବୋଲି ଅଧିକାରୀ ଜଣକ କହିଛନ୍ତି ।

## ପୁତ୍ର ସନ୍ତାନ ଲାଭ କଲେ ଭିକି-କାଟ୍ରିନା



ମୁମ୍ବଇ, ୭ ।୧୧(ଏଜେନ୍ସି): ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଓ ଅଭିନେତା ଭିକି କୌଶଲଙ୍କ ପ୍ରଶଂସକ ପାଇଁ ଏକ ବଡ଼ ଖୁସି ଖବର । ୪୨ ବର୍ଷରେ କ୍ୟାଟ୍ରିନା ପୁତ୍ର ସନ୍ତାନର ଜନନୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି । ଏଥିସହ ଭିକିଙ୍କ ପରିବାରରେ ଖୁସି ଖେଳିଯାଇଛି । ଦୁଇଜଣ ସାମାଜିକ ଗଣମାଧ୍ୟମରେ ଏ ନେଇ ପୋଷ୍ଟ କରି ସୂଚନା ଦେଇଛନ୍ତି । ବିଲିଉଡର ଅନେକ ତାରକା ଓ ପ୍ରଶଂସକ ତରଫରୁ ଦୁହିଁଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି । ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା, କରିନା କପୁର, ପରିଣିତି ଚୋପ୍ରା, ରାକୁଲ ପ୍ରୀତ ସିଂହ, ଗାୟିକା ନୀତି ମୋହନ, ଅଭିନେତା ଅର୍ଜୁନ କପୁର ଦୁହିଁଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେପ୍ଟେମ୍ବର ୨୩ରେ ଦୁହେଁ ପିତାମାତା ହେବାର ସୌଭାଗ୍ୟ ଲାଭ କରିବେ ବୋଲି ଘୋଷଣା କରିଥିଲେ ।

## ନମାଜବେଳେ ଇଣ୍ଡୋନେସିଆରେ ବିସ୍ଫୋରଣ; ୫୪ ଆହତ

ଜାକର୍ତ୍ତା, ୭ ।୧୧(ଏଜେନ୍ସି): ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରେ ଶୁକ୍ରବାର ନମାଜ ପାଠ ବେଳେ ଏକ ମସଜିଦ୍‌ରେ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଏଥିରେ ୫୪ ଜଣ ଲୋକ ଆହତ ହୋଇଛନ୍ତି । ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉତ୍ତର ଜାକର୍ତ୍ତାର କେଲାପ ଗାଣ୍ଡିଙ୍ଗ ଅଞ୍ଚଳରେ ସ୍କୁଲ ପରିସରରେ ଥିବା ଏକ ମସଜିଦ୍‌ରେ ଏହି ବିସ୍ଫୋରଣ ହୋଇଥିଲା । ଏବେ ପୁଲିସ ଏହି ଘଟଣା ଯାଞ୍ଚ କରୁଛି । ଯାଞ୍ଚ୍ ଅବସରରେ ପୁଲିସକୁ ଘଟଣାସ୍ଥଳରେ କିଛି ସଂଦିଗ୍ଧ ଜନିଷ ମିଳିଛି । ପୁଲିସ ହାତରେ ତିଆରି ବିସ୍ଫୋଟକ ଉପକରଣ (ଆଇଇଡି)ର ଅଂଶ, ଏକ ରିମୋଟ କଣ୍ଟ୍ରୋଲ, ଏୟାର ସଫ୍ଟ ଓ ରିଭଲଭର ଭଳି ବନ୍ଧୁକ ଜବତ କରିଛି । କାଚ ଖଣ୍ଡ ଓ ଦ୍ରୁତ ଗତିରେ ଆସିଥିବା ପବନ ଯୋଗୁଁ ଲୋକେ ଆହତ ହୋଇଥିଲେ ।

## ଅଭିନେତ୍ରୀ-ଗାୟିକା ସୁଲକ୍ଷଣାଙ୍କ ପରଲୋକ



ମୁମ୍ବଇ, ୭ ।୧୧(ଏଜେନ୍ସି): ଜଣାଶୁଣା ବଲିଉଡ ଅଭିନେତ୍ରୀ ତଥା ଗାୟିକା ସୁଲକ୍ଷଣା ପଣ୍ଡିତ ୭୧ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି । ଗୁରବାର ସନ୍ଧ୍ୟା ୭ଟାରେ ହୃଦ୍‌ଘାତ କାରଣରୁ ସେ ମୃତ୍ୟୁବରଣ କରିଛନ୍ତି । ଗତ କିଛିଦିନ ହେବ ସେ ଅସୁସ୍ଥ ରହି ଆସୁଥିଲେ । ମୁମ୍ବଇର ନାନାବତୀ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସ୍ଥାନୀୟ ବିଲେ ପାର୍ଲେ ପବନ ହଂସ ଶ୍ମସାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଏହି ଅବସରରେ ଅଭିନେତ୍ରୀ ଶବାନା ଆଜମି, ପୁନମ ଧିଲନ ଓ ଅନ୍ୟ ବଲିଉଡ୍ ତାରକା ଉପସ୍ଥିତ ଥିଲେ । ସେ ଜଣାଶୁଣା ସଙ୍ଗୀତକାର ଯତିନ ଓ ଲଳିତ ପଣ୍ଡିତଙ୍କ ଭଉଣୀ । ଜଣାଶୁଣା ଅଭିନେତ୍ରୀ ବିଜେତା ପଣ୍ଡିତ ମଧ୍ୟ ତାଙ୍କର ଭଉଣୀ ଥିଲେ । ସେ ଅଭିନେତା ସଞ୍ଜୀବ କୁମାରଙ୍କୁ ବିବାହ କରିବାକୁ ଚାହୁଁଥିଲେ । କିନ୍ତୁ ସଞ୍ଜୀବ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖାନ କରିବା ପରେ ସେ ମାନସିକ ଭାବେ ଗଭୀର ଆଘାତ ପାଇଥିଲେ । ସେ ସାରା ଜୀବନ ବିବାହ ମଧ୍ୟ କରି ନଥିଲେ । ସେ ୧୯୫୪ରେ ଏକ ସଙ୍ଗୀତ ସହିତ ଜଡିତ ଥିବା ଏକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଓ ମାତ୍ର ୯ ବର୍ଷରେ ସେ ଗୀତ ଗାଇବା ଆରମ୍ଭ କରିଥିଲେ । ୧୯୭୫ରେ 'ଉଲଝନ' ଓ ୧୯୭୬ରେ 'ସଂକଳ୍ପ' ସିନେମାରେ ଗୀତ ଗାଇ ସେ ଲୋକପ୍ରିୟତା ହାସଲ କରିଥିଲେ । ୧୯୭୦ ଓ ୮୦ ଦଶକରେ ସେ ଉଭୟ ଅଭିନେତ୍ରୀ ଓ ଗାୟିକା ଭାବେ ସଫଳତା ହାସଲ କରିଥିଲେ ମଧ୍ୟ ପରେ ବ୍ୟକ୍ତିଗତ ଓ ପେସାଦାର ଭାବେ କଷ୍ଟକର ସ୍ଥିତିର ସମ୍ମୁଖୀନ ହୋଇଥିଲେ । ସେ ଜିତେନ୍ଦ୍ର, ସଞ୍ଜୀବ କୁମାର, ରାଜେଶ ଖାନ୍ନା, ବିନୋଦ ଖାନ୍ନା, ଶଶି କପୁର ଓ ଶତ୍ରୁଘ୍ନ ସିହ୍ନାଙ୍କ ସହ ଏକାଧିକ ସିନେମାରେ ଅଭିନୟ କରି ସଫଳତା ହାସଲ କରିଥିଲେ ।

## ତୃଣମୂଳ ସାଂସଦଙ୍କ ଆକାଉଣ୍ଟରୁ ୫୬ ଲକ୍ଷ ଟଙ୍କା ଗାଏବ



କୋଲକାତା, ୭ ।୧୧(ଏଜେନ୍ସି): ତୃଣମୂଳ ସାଂସଦ କଲ୍ୟାଣ ବାନାର୍ଜୀ ସାଇବର ଠକେଇର ଶିକାର ହୋଇଛନ୍ତି । ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୬ ଲକ୍ଷ ଟଙ୍କା ଗାଏବ ହୋଇଛି । ଗତ ଅକ୍ଟୋବର ୨୮ ରେ ସାଇବର ଠକମାନେ ନକଲି ପାନ ଓ ଆଧାର କାର୍ଡ ବ୍ୟବହାର କରି କେୱାଇସି ଅପଡେଟ୍ କରିବା ବାହାନାରେ ପଞ୍ଜୀକୃତ ମୋବାଇଲ ନମ୍ବରର ଲିଙ୍କ ବଦଳାଇ ଏହି କାଣ୍ଡ ଘଟାଇଛନ୍ତି ବୋଲି ପୁଲିସ କହିଛି । ପର୍ଯ୍ୟାୟକ୍ରମେ ଠକମାନେ ମୋଟ୍ ୫୬ ଲକ୍ଷ ଟଙ୍କା ଉଠାଇ ନେଇଛନ୍ତି । ଏନେଇ କୋଲକାତା ପୋଲିସ ସାଇବର କ୍ରାଇମ ବ୍ରାଞ୍ଚ୍ ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଭିଯୋଗ କରିଛି । ୨୦୦୧ରୁ ୨୦୦୬ ମଧ୍ୟରେ ଦକ୍ଷିଣ ଆସାନସୋଲରେ ବିଧାୟକ ଥିବା ବେଳେ କଲ୍ୟାଣ ଏସ୍‌ବିଆଇ ଉପଶାଖାରେ ଏହି ଆକାଉଣ୍ଟ ଖୋଲିଥିଲେ । କଲ୍ୟାଣ ଏବେ ଶ୍ରୀରାମପୁରରେ ସାଂସଦ ଅଛନ୍ତି । ଏହା ଏକ ପୁରୁଣା ଆକାଉଣ୍ଟ ଓ ଦୀର୍ଘ ସମୟଧରି ଏଥିରେ ନେଣଦେଣ ହୋଇନାହିଁ ବୋଲି ସେ କହିଛନ୍ତି । ଏନେଇ ଯାଞ୍ଚ ଜାରି ରହିଛି । ଟଙ୍କା ଏକାଧିକ ଭିନ୍ନ ଏକାଉଣ୍ଟକୁ ପଠାଯାଇଛି । ଏହି ଅର୍ଥରେ ଗହଣା କ୍ରୟ କରାଯାଇଛି ଓ ଏଟିଏମ୍‌ରୁ ପଇସା ମଧ୍ୟ ଉଠାଯାଇଛି ବୋଲି ପୁଲିସ କହିଛି ।

### ଟ୍ରମ୍ପଙ୍କ ସଟ୍‌ଡାଉନ୍ ପାଇଁ କର୍ମଚାରୀଙ୍କ ସଂଖ୍ୟା ହ୍ରାସ

# ଆମେରିକାରେ ୭୦୦ ବିମାନ ଉଡ଼ାଣ ବାତିଲ

ୱାଶିଂଟନ, ୭ ।୧୧(ଏଜେନ୍ସି): ଆମେରିକାରେ ଚାଲିଥିବା ସଟ୍‌ଡାଉନ୍ ୩୭ ଦିନରେ ପହଞ୍ଚିଛି । ଏହା ଦ୍ୱାରା ବିମାନ ଯାତ୍ରା ସବୁଠାରୁ ନକାରାତ୍ମକ ଭାବେ ପ୍ରଭାବିତ ହୋଇଛି । ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫ୍ଏଏ) ଗୁରୁବାର ଦେଶର ୪୦ଟି ବୃହତ୍ ବିମାନ ବନ୍ଦରରେ ଉଡ଼ାଣ ସଂଖ୍ୟାକୁ ହ୍ରାସ କରିଛି । ଶୁକ୍ରବାର ଏହି ପ୍ରକ୍ରିୟାକୁ ଆରମ୍ଭ କରାଯାଇଛି । ଏଥିରେ ନ୍ୟୁୟର୍କ ଓ ୱାସିଂଟନର ବଡ଼ ବିମାନ ବନ୍ଦରଗୁଡିକ ସାମିଲ ରହିଛି । ଏହି ୪୦ଟି ବିମାନ ବନ୍ଦର ଦେଶର ସବୁଠାରୁ ବ୍ୟସ୍ତ ବହୁଳ ରହିଆସିଛି । ଏଥିପାଇଁ 'ଥ୍ୟାଙ୍କସ ଗିଭିଂ ୱିକ୍' ପୂର୍ବରୁ ଛୁଟି ଥିବାରୁ ଯାତ୍ରା କରିବାକୁ ଥିବା ଲୋକଙ୍କ ଚିନ୍ତା ବଢ଼ିଯାଇଛି । ଏକ ଜଣାଶୁଣା ନ୍ୟୁଜ୍ ଏଜେନ୍ସିର ସୂଚନା ଅନୁସାରେ କେତେକ ବଡ଼ ଏୟାର ଲାଇନ୍ସ ଆଗୁଆ ନିଜର ଉଡାଣକୁ ବାତିଲ କରିସାରିଛନ୍ତି । ଏପର୍ଯ୍ୟନ୍ତ ମୋଟ୍ ଉପରେ ୭୦୦ରୁ ଉର୍ଦ୍ଧ୍ୱ ଉଡାଣ ବାତିଲ ହୋଇ ସାରିଛି । ଏଥିରେ ଆଞ୍ଚଳିକ ଓ ମୁଖ୍ୟ ଉଡାଣ ମଧ୍ୟ ସାମିଲ ରହିଛି । କିନ୍ତୁ ଅନ୍ତର୍ଜାତୀୟ ଉଡାଣ ଏହା ଦ୍ୱାରା ପ୍ରଭାବିତ ହେବ ନାହିଁ ବୋଲି କୁହାଯାଇଛି । ଏୟାର ଟ୍ରାଫିକ୍ କଣ୍ଟ୍ରୋଲର୍ସଙ୍କ ଅଭାବକୁ କମ୍ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଏଫ୍ଏଏ ତରଫରୁ କୁହାଯାଇଛି । କଣ୍ଟ୍ରୋଲରମାନେ ଗତ ଗୋଟିଏ ମାସ ହେବ ବିନା ଦରମାରେ କାର୍ଯ୍ୟ କରୁଛନ୍ତି ।



ଏହି ପ୍ରକ୍ରିୟା ଧୀରେ ଧୀରେ ଆଗକୁ ବଢ଼ିବ । ଶୁକ୍ରବାରଠାରୁ ୪ ପ୍ରତିଶତ ଉଡାଣ କମ୍ ହୋଇଛି । ନଭେମ୍ବର ୧୪ ବେଳକୁ ଏହା ୧୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିବ । ଉଡାଣ ବାତିଲ ପ୍ରକ୍ରିୟା ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ । ଏହା ଦ୍ୱାରା ଘରୋଇ ଉଡାଣ ପ୍ରଭାବିତ ହେବ । ଏହା ଦ୍ୱାରା ପ୍ରତିଦିନ ୧, ୮୦୦ ଉଡାଣ ବାତିଲ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଫଳରେ ୨.୬୮ ଲୋକ ଏହା ଦ୍ୱାରା ପ୍ରଭାବିତ ହେବେ । ଡେଲ୍ଟା ଏୟାର ଲାଇନ୍ସ ଶୁକ୍ରବାର ୧୭୦ ଉଡାଣ ବାତିଲ କରିଛି । ସେହିପରି ୟୁନାଇଟେଡ ଏୟାର ଲାଇନ୍ସର ୨୦୦ ଉଡାଣ ଓ ଆମେରିକାନ ଏୟାର ଲାଇନ୍ସର ୨୨୦ ଉଡାଣ ବାତିଲ ହୋଇଛି । ସାଉଥୱେଷ୍ଟ ଏୟାର ଲାଇନ୍ସ ୧୦୦ଟି ଉଡାଣକୁ ବାତିଲ କରିଛି । ଏୟାର ଲାଇନ୍ସ ଫର ଆମେରିକା କହିଛି ଯେ, ଆମେ ସରକାରଙ୍କ ସହ ସାଥି ହୋଇ ଯାତ୍ରୀଙ୍କ ସମସ୍ୟା କମ୍ କରିବାକୁ ପ୍ରୟାସ କରୁଛୁ । କେଉଁ ଉଡାଣକୁ ବାତିଲ କରାଯିବ ଏୟାର ଲାଇନ୍ସ ନିଜେ ସ୍ଥିର କରିବେ ବୋଲି ଏଫ୍ଏଏ କହିଛି । ଏହି ସସମ୍ୟାକୁ ଦୃଷ୍ଟିରେ ରଖି ଏୟାରଲାଇନ୍ସଗୁଡିକର ମାର୍ଗ ଦର୍ଶିକା ଜାରି ରହିଛି । ବ୍ୟାକ୍‌ଅପ୍ ଟିକଟ୍ ବୁକ୍ କରିବାକୁ ପରାମର୍ଶ ଦିଆଯାଇଛି । ଆମେରିକାରେ ଚାଲିଥିବା ସଟ୍‌ଡାଉନ୍ କାରଣରୁ ୧୩,୦୦୦ କଣ୍ଟ୍ରୋଲର୍ସ ଓ ୫୦,୦୦୦ ପରିବହନ ସୁରକ୍ଷା ଏଜେଣ୍ଟ (ଟିଏସ୍ଏ) ବିନା ପାଉଣାରେ କାର୍ଯ୍ୟ କରୁଛନ୍ତି । ଉଲ୍ଲେଖଥାଉ କି, ଅକ୍ଟୋବର ପହିଲାରୁ ଲାଗୁ ହୋଇଥିବା ଏହି ସଟ୍‌ଡାଉନ୍ ୩୭ ଦିନରେ ପହଞ୍ଚିଛି । ଆମେରିକା ଇତିହାସର ଏହା ସବୁଠାରୁ ବଡ଼ ସଟ୍‌ଡାଉନ୍ । ଏହାପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୮ରେ ୩୫ ଦିନ ସଟ୍‌ଡାଉନ ଜାରି ହୋଇଥିଲା । ଏହି କାରଣରୁ ୬.୭ ଲକ୍ଷ ସରକାରୀ କର୍ମଚାରୀ ଛୁଟିରେ ଯାଇସାରିଛନ୍ତି । ୭.୩ ଲକ୍ଷ କର୍ମଚାରୀ ବିନା ଦରମାରେ କାର୍ଯ୍ୟ କରୁଛନ୍ତି । ୧୪ ଲକ୍ଷ ଲୋକ ଧାରଉଧାର କରି ଘର ଚଳାଉଛନ୍ତି । ଟ୍ରମ୍ପ ହେଲ୍ଥ କେୟାର ପ୍ରୋଗ୍ରାମ୍‌ର ସବସିଡି ବଢ଼ାଇବାକୁ ପ୍ରସ୍ତୁତ ନାହାନ୍ତି । ଏହି କାରଣରୁ ଆମେରିକା ସଂସଦର ଉପର ଗୃହରେ ସିନେଟ୍‌ରେ ଫଣ୍ଡିଂ ବିଲ୍ ପାସ୍ ହୋଇପାରୁନାହିଁ । ଏହି ବିଲ୍‌କୁ ନେଇ ଏପର୍ଯ୍ୟନ୍ତ ୧୪ଥର ଭୋଟିଂ ହୋଇ ସାରିଲାଣି । କିନ୍ତୁ ପ୍ରତ୍ୟେକଥର ବହୁମତ ପାଇଁ ୬୦ଟି ଭୋଟ ମିଳିପାରି ନାହିଁ । ପ୍ରତ୍ୟେକ ଦିନ ୩୩୦୦ କୋଟି ଟଙ୍କାର ଦରମା କ୍ଷତି ହେଉଛି ।

## ସ୍କୁଲ, କଲେଜ, ହସ୍ପିଟାଲରୁ ବୁଲା କୁକୁରଙ୍କୁ ହଟାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ସ୍କୁଲ, କଲେଜ, ହସ୍ପିଟାଲ ଓ ବସ୍‌ଷ୍ଟାଣ୍ଡରୁ ବୁଲା କୁକୁରଙ୍କୁ ହଟାଇବାକୁ ଅର୍ଥାତ ଦୁରେଇ ନେବାକୁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି । କୁକୁରଙ୍କୁ ରୋକିବା ପାଇଁ ସ୍କୁଲ, କଲେଜ ଓ ହସ୍ପିଟାଲରେ ବାଡ଼ ବସାଯିବାକୁ କୋର୍ଟ କହିଛନ୍ତି । ଧରାଯାଇଥିବା କୁକୁରଙ୍କୁ ଯେଉଁଠାରୁ ଉଠାଯାଉଛି, ସେହି ସ୍ଥାନରେ ପୁଣି ନ ଛାଡିବାକୁ ଓ ଏହି କୁକୁରଙ୍କୁ ଆଶ୍ରୟ ଗୃହରେ ରଖିବାକୁ କୁହାଯାଇଛି । ସେହିପରି ସବୁ ଜାତୀୟ ଓ ରାଜ୍ୟ ରାଜପଥରୁ ବୁଲା ପଶୁଙ୍କୁ ସ୍ଥାନାନ୍ତର କରିବାକୁ ମଧ୍ୟ ଆଦେଶ ଦେଇଛନ୍ତି । ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଏହି ଆଦେଶ କଡ଼ାକଡ଼ି ଭାବେ ପାଳନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ଆଗାମୀ ୩ ସପ୍ତାହ ମଧ୍ୟରେ ରିପୋର୍ଟ ଓ ସତ୍ୟପାଠ ଦାଖଲ କରିବାକୁ ମଧ୍ୟ କୁହାଯାଇଛି । ଉଲ୍ଲେଖଥାଉ କି, ରାଜସ୍ଥାନ ହାଇକୋର୍ଟ ୩ ମାସ ତଳେ ସରକାରୀ ଏଜେନ୍ସିଗୁଡିକୁ ସଡକରୁ ବୁଲା ପଶୁଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ।



ଏହି କାର୍ଯ୍ୟକ୍ରମକୁ ପ୍ରଭାବିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଏଫ୍ଆଇଆର ରୁଜୁ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ଥାନ ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ସାରା ଦେଶରେ ଲାଗୁ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହାପୂର୍ବରୁ ନଭେମ୍ବର ୩ରେ ସୁପ୍ରିମକୋର୍ଟ କହିଥିଲେ ଯେ, ସରକାରୀ କ୍ୟାମ୍ପସ୍‌ରେ କୁକୁରଙ୍କୁ ଖାଦ୍ୟ ଦେବା ପାଇଁ ନିୟମ ଜାରି ହେବ । ଉଲ୍ଲେଖଥାଉ କି, ଜୁଲାଇ ୨୮ରେ ଏକ ଗଣମାଧ୍ୟମ ରିପୋର୍ଟକୁ ଭିତ୍ତିକରି ସୁପ୍ରିମକୋର୍ଟ ସମସ୍ୟାକୁ ହୃଦୟଙ୍ଗମ କରିଥିଲେ । ବୁଲା କୁକୁରଙ୍କ କାମୁଡାର ଶିକାର ହୋଇ ଜଳାତଙ୍କ ରୋଗରେ ମୃତ୍ୟୁ ସଂଖ୍ୟା କୋର୍ଟଙ୍କ ନଜରକୁ ଆସିବା ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ।

● ଅହମଦାବାଦ ବିମାନ ଦୁର୍ଘଟଣା ମାମଲା

## ପାଇଲଟଙ୍କ ତ୍ରୁଟି ନ ଥିଲା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ମାମଲା ନେଇ ସୁପ୍ରିମକୋର୍ଟ ପୁଣିଥରେ ପାଇଲଟ୍‌ଙ୍କ ଭୂମିକା ନେଇ ସ୍ପଷ୍ଟ କରିଛନ୍ତି । ଏହି ଦୁର୍ଘଟଣା ପାଇଁ ପାଇଲଟ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି । ପାଇଲଟ୍ ସୁମୀତ ସଭରୱାଲଙ୍କ ୯୧ ବର୍ଷୀୟ ପିତା ପୁଷ୍କର ରାଜ ସଭରୱାଲଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି କଥା କହିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଏହି ଦୁର୍ଘଟଣାରେ ପାଇଲଟଙ୍କ ତ୍ରୁଟି ଥିଲା ବୋଲି ଦେଶରେ କେହି ଭାବୁନାହାନ୍ତି । ପୁଣି ଦୁର୍ଘଟଣା ପ୍ରାରମ୍ଭିକ ଯାଞ୍ଚ୍ ରିପୋର୍ଟରେ ମଧ୍ୟରେ ପାଇଲଟ୍‌ଙ୍କ ବରୋଧରେ କୌଣସି ଅଭିଯୋଗ କରାଯାଇନାହିଁ ବୋଲି କୋର୍ଟ କହିଛନ୍ତି । ପୁଷ୍କର ଏହି ବିମାନ ଦୁର୍ଘଟଣାର ସ୍ୱତନ୍ତ୍ର ଯାଞ୍ଚ୍ କରିବାକୁ ଦାବି କରିଛନ୍ତି । ଏହାକୁ ଭିତ୍ତି କରି କୋର୍ଟ କେନ୍ଦ୍ର ସରକାର ଓ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟଠାରୁ ଜବାବ ମାଗିଛନ୍ତି । ଏହି ଆବେଦନ ଉପରେ ନଭେମ୍ବର ୧୦ରେ ଅନ୍ୟଏକ ମାମଲା ସହିତ ପୁଣି ଶୁଣାଣି ହେବ । ଉଲ୍ଲେଖଥାଉ କି, ଗତ ଜୁନ୍ ୧୨ରେ ଏୟାର ଇଣ୍ଡିଆର ବିମାନ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏଆଇ ୧୭୧ ଟେକ୍‌ଅଫ୍ କରିବାର କିଛି ସମୟ ମଧ୍ୟରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା । ଏଥିରେ ୨୩୦ ଯାତ୍ରୀ ଓ ୧୨ କ୍ରୁ ମେମ୍ବରଙ୍କ ସମେତ ୨୧୪ ଜଣ ଲୋକ ପ୍ରାଣ ହରାଇଥିଲେ । ପୁଣି ଯେଉଁଠାରେ ବିମାନ ଖସିଥିଲା ସେଠାରେ ୨୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ । ଏହି ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀ ମଧ୍ୟ ପ୍ରାଣ ହରାଇଥିଲେ ।

## ଗାଜା ସୁଡ଼ଙ୍ଗରେ ଫସିଛନ୍ତି ୨୦୦ ହମାସ୍ ଯୋଦ୍ଧା

ଗାଜା, ୭ ।୧୧(ଏଜେନ୍ସି): ଗାଜାର ରଫା ସୀମା ନିକଟରେ ୨୦୦ ହମାସ ଯୋଦ୍ଧା ଏକ ସୁଡଙ୍ଗରେ ଫସି ରହିଛନ୍ତି ଓ ସେଠାରୁ ବାହାରକୁ ବାହରି ପାରୁନାହାନ୍ତି । ୨୦୨୫ ମାର୍ଚ୍ଚ ମାସରୁ ଏମାନେ ଏହି ସୁଡଙ୍ଗରେ ଫସି ରହିଛନ୍ତି ବୋଲି ଇସ୍ରାଏଲ ଗଣମାଧ୍ୟମଗୁଡିକ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଇସ୍ରାଏଲ ନିୟନ୍ତ୍ରଣରେ ଥିବା ଅଞ୍ଚଳରେ ଏହି ହାମାସ ଯୋଦ୍ଧାମାନେ ଫସି ରହିଛନ୍ତି ବୋଲି ଜଣେ ଅଧିକାରୀ କହିଛନ୍ତି । ଏମାନେ ସମସ୍ତେ ସୁଡଙ୍ଗ ଭିତରରେ ଲୁଚି ରହିଛନ୍ତି । କିନ୍ତୁ ଯଦି ଏମାନେ ପଛକୁ ହଟିବାକୁ ଚେଷ୍ଟା କରନ୍ତି ତେବେ, ଇସ୍ରାଏଲ ସୈନିକ (ଆଇଡିଏଫ୍) ହାତରେ ଧାରା ପଡ଼ିବାର ଆଶଙ୍କା ରହିଛି । ଏମାନଙ୍କୁ ସୁରକ୍ଷିତ ଭାବେ ବାହାରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି । ଏମାନଙ୍କୁ ବାହାର କରିବା ପାଇଁ ହମାସ ସହ କୌଣସି ଚୁକ୍ତି ହୋଇନାହିଁ ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି । ଇସ୍ରାଏଲ ସେନା ସୁଡଙ୍ଗରୁ ବାହାରିବା ରାସ୍ତା ବନ୍ଦ କରିଦେଇଛି । ଏବେ ହମାସ ଯୋଦ୍ଧା ଆତ୍ମସମର୍ପଣ କରିବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ । ନେହେଲେ ସମସ୍ତଙ୍କୁ ମାରି ଦିଆଯିବ ବୋଲି ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଏୟାଲ ଜମୀର କହିଛନ୍ତି । ଯଦି ସେମାନେ ଆତ୍ମସମର୍ପଣ କରନ୍ତି ତେବେ, ସେମାନଙ୍କୁ ତେଇମାନ ମିଲିଟାରୀ ଠିକଣାକୁ ନିଆଯିବ । ଅନ୍ୟପଟେ ଏହି ହମାସ ଯୋଦ୍ଧାଙ୍କୁ ବାହାରକୁ ବାହାର କରାଯାଇଥିବା ରିପୋର୍ଟକୁ ନେତାନ୍ୟାହୁ ଖଣ୍ଡନ କରିଛନ୍ତି । ଫସି ରହିଥିବା ଏହି ଯୋଦ୍ଧା ହମାସ ଓ ଇସ୍ରାଏଲ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତି ବିଷୟରେ କିଛି ଜାଣିନାହାନ୍ତି ବୋଲି କୁହାଯାଇଛି । ଗତ ଦୁଇବର୍ଷ ଧରି ଚାଲିଥିବା ଇସ୍ରାଏଲ- ହମାସ ଯୁଦ୍ଧରେ ଏପର୍ଯ୍ୟନ୍ତ ୬୭ ହଜାରରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ବେଳେ ଏକ ଲକ୍ଷ ୭୦ ହଜାର ଲୋକ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୨୦ ହଜାର ଛୋଟପିଲା ସାମିଲ ରହିଛନ୍ତି । ଇସ୍ରାଏଲ ମଧ୍ୟ ଗାଜାର ୭୫ ପ୍ରତିଶତ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇଥିଲା ।

■ ଆଉଏକ ମୁସ୍‌ଲିମ୍ ଦେଶ ଇସ୍ରାଏଲକୁ ମାନ୍ୟତା ଦେବ

## ଆବ୍ରାହମ୍ ଚୁକ୍ତିରେ ସାମିଲ ହେବ କାଜାଖସ୍ତାନ

ୱାସିଂଟନ, ୭ ।୧୧(ଏଜେନ୍ସି): ଆଉ ଏକ ମୁସ୍‌ଲିମ ଦେଶ ଇସ୍ରାଏଲ ସହିତ ଆବ୍ରାହମ ଚୁକ୍ତିରେ ସାମିଲ ହେବାକୁ ଯାଉଛି । କେନ୍ଦ୍ର ଏସୀୟ ଦେଶ କାଜାଖସ୍ତାନ ଏହି ଆବ୍ରାହମ ଶାନ୍ତି ଚୁକ୍ତିରେ ସାମିଲ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଘୋଷଣା କରିଛନ୍ତି । ଇସ୍ରାଏଲ ଓ ମୁସ୍‌ଲିମ ବହୁଳ ଦେଶମାନଙ୍କ ମଧ୍ୟରେ ସମ୍ପର୍କକୁ ସାମାନ୍ୟ ଓ ଶତ୍ରୁତା ତଥା ସଂଘର୍ଷକୁ କମ୍ କରିବା ଏହି ଆବ୍ରାହମ ଚୁକ୍ତିର ମୂଳ ଉଦ୍ଦ୍ୟେଶ । ଆବ୍ରାହମ ଇହୁଦୀ, ମୁସଲମାନ ଓ ଖ୍ରୀଷ୍ଟିଆନ ଧର୍ମର ପୈଗମ୍ବର ରହିଥିବାରୁ ତାଙ୍କ ନାମରେ ଏହି ଚୁକ୍ତି ନାମିତ କରାଯାଇଛି । ଏ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଓ କାଜାଖସ୍ତାନ ରାଷ୍ଟ୍ରପତି କାସିମ-ଜୋମାର୍ଟ ତୋକାୟେଭଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଖୁବ୍‌ଶୀଘ୍ର ଏହି ଚୁକ୍ତି ସ୍ୱାକ୍ଷର ନେଇ ତାରିଖ ଘୋଷଣା କରାଯିବ ଓ ଅନ୍ୟ କେତୋଟି ଦେଶ ମଧ୍ୟ ଏହି ଚୁକ୍ତିରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଉଲ୍ଲେଖଥାଉ କି, ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୨୦ରେ ଏହି ଆବ୍ରାହାମ ଚୁକ୍ତିର ଆରମ୍ଭ ହୋଇଥିଲା । ସେତେବେଳେ ଟ୍ରମ୍ପଙ୍କ କହିବା ଅନୁଯାୟୀ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ବାହାରିନ ଭଳି ଆରବ ଦେଶ ଇସ୍ରାଏଲ ସହିତ ସମ୍ପର୍କ ସ୍ଥାପନ କରିଥିଲେ । ଏହି ବର୍ଷ ଆମେରିକା ମଧ୍ୟ ଏହି ଚୁକ୍ତିରେ ସାମିଲ ହୋଇଥିଲା । ଗୁରୁବାର ଟ୍ରମ୍ପ ହ୍ୱାଇଟ ହାଉସ୍‌ରେ କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ, ତୁର୍କମେନିସ୍ତାନ ଓ ଉଜବେକିସ୍ତାନ ନେତାଙ୍କ ସହ ସାକ୍ଷାତ କରିବା ପରେ ଏ ନେଇ ସୂଚନା ଦେଇଛନ୍ତି ।

## ଆସନ୍ତା ବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ୱାସିଂଟନ, ୭ ।୧୧(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ବର୍ଷ ଭାରତ ଆସିପାରନ୍ତି । ଟ୍ରମ୍ପ ଏ ନେଇ ଗୁରୁବାର ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ତାଙ୍କର ଭଲଭାବେ କଥାବାର୍ତ୍ତା ଚାଲୁ ରହିଛି ଓ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ନେଇ ଚର୍ଚ୍ଚା ଗଠନମୂଳକ ଭାବେ ଆଗକୁ ବଢ଼ୁଛି ବୋଲି ସେ କହିଛନ୍ତି । ହ୍ୱାଇଟ ହାଉସ୍‌ର ଓଭାଲ କାର୍ଯ୍ୟାଳୟରେ ଗଣମଧ୍ୟମଗୁଡିକ ସହ କଥା ହେବା ବେଳେ ସେ ପୁଣି ଥରେ ମୋଦୀଙ୍କୁ ନିଜର ଏକ ଭଲ ବନ୍ଧୁ ଓ ଉତ୍ତମ ବ୍ୟକ୍ତି ବୋଲି ଅଭିହିତ କରିଥିଲେ । ଆମ ମଧ୍ୟରେ ପ୍ରାୟ କଥାବାର୍ତ୍ତା ଚାଲିଛି । ସେ ରୁଷଠାରୁ ତୈଳ କ୍ରୟର ପରିମାଣକୁ କମାଇଛନ୍ତି । ଭାରତ ଆସିବାକୁ ସେ ମୋତେ ନିମନ୍ତ୍ରଣ ଦେଇଛନ୍ତି ଓ ଭାରତ ଯିବାକୁ ଚାହୁଁଛି ବୋଲି ଟ୍ରମ୍ପ କହିଛନ୍ତି । ଏକ ପ୍ରଶ୍ନ ଉତ୍ତର ଦେଇ ସେ ଆସନ୍ତାବର୍ଷ ହିଁ ଭାରତ ଆସିପାରିନ୍ତି ବୋଲି କହିଛନ୍ତି ।

## ୧୮୦୦ କୋଟି ଟଙ୍କା ଜମି ଦୁର୍ନୀତିରେ ଫସିଲେ ଅଜିତ ପାୱାରଙ୍କ ପୁଅ

ମୁମ୍ବଇ, ୭ ।୧୧(ଏଜେନ୍ସି): ମହାରାଷ୍ଟ୍ରର ଉପ ମୁଖମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ପାୱାରଙ୍କ କମ୍ପାନୀ ସହିତ ଜଡିତ ଏକ ଜମି କିଣାବିକା ଦୁର୍ନୀତିକୁ ସାମ୍ନାକୁ ଆସିଛି । ଏଥିରେ ପାର୍ଥ ଏହି ବିବାଦରେ ଫସିଥିବା ବେଳେ ଅଜିତ ବ୍ୟାକ୍‌ଫୁଟ୍‌କୁ ଆସିଛନ୍ତି । ପାର୍ଥଙ୍କ କମ୍ପାନୀ ଏକ ଜମି କିଣାବିକା ମାମଲାରେ ଅନିୟମିତତା କରିଛି ବୋଲି ଅଭିଯୋଗ ହୋଇଛି । ଅଭିଯୋଗର ଗମ୍ଭୀରତାକୁ ହୃଦୟଙ୍ଗମ କରି ସରକାର ଏକ ଉଚ୍ଚସ୍ତରୀୟ ଯାଞ୍ଚ୍ କମିଟି ଗଠନ କରିଛନ୍ତି । ଆଗାମୀ ୮ ଦିନ ମଧ୍ୟରେ କମିଟି ଅନ୍ତିମ ରିପୋର୍ଟ ଦାଖଲ କରିବ ବୋଲି ଆଶା କରାଯାଉଛି । ଏହି ମାମଲାରେ ସବ-ରେଜିଷ୍ଟ୍ରାରଙ୍କ ତଥାକଥିତ ଭୂମିକାକୁ ନେଇ ତାଙ୍କୁ ନିଲମ୍ବନ କରାଯାଇଛି । ଏବେ ଏହି ମାମଲା ନେଇ ଅଜିତ ସଫେଇ ଦେଇଛନ୍ତି । ପୁଣେରେ ଏହି କୋଟି କୋଟି ଟଙ୍କା ଜମି କିଣା ନେଇ ଆମର କୌଣସି ଯାଏଆସେ ନାହିଁ ବୋଲି ସେ କହିଛନ୍ତି । ନିୟମର ଉଲ୍ଲଂଘନ କରିଥିବା କୌଣସି ବ୍ୟକ୍ତିଙ୍କୁ ସେ ସମର୍ଥନ କରୁନାହାନ୍ତି ବୋଲି କହିଛନ୍ତି ।

୧,୮୦୦ କୋଟି ଟଙ୍କାର ଏହି ଜମି କିଣାବିକାକୁ ନେଇ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ (ଆଇଜିଆର) ଏକ ରିପୋର୍ଟ ମୁମ୍ବଇର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠାଇଥିଲେ । ପୁଣେ ମୁନ୍ଦୱା ଅଞ୍ଚଳରେ ହୋଇଥିବା ଏହି ଜମି କିଣାବିକା ମାମଲାରେ ବ୍ୟାପକ ଅନିୟମିତତା ହୋଇଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା । ୪୩ ଏକର ଅର୍ଥାତ ୧୭.୫ ହେକ୍ଟର ପରିମିତ ଏହି ଜମି ରାଜ୍ୟ ସରକାରଙ୍କର ବୋଲି ଜଣାପଡ଼ିଛି । ଏହାକୁ ପାର୍ଥ ପାୱାରଙ୍କ କମ୍ପାନୀ ଆମେଡିଆ ଏଣ୍ଟରପ୍ରାଇସ୍ ଏଲ୍ଏଲ୍‌ପିକୁ ମାତ୍ର ୩୦୦ କୋଟି ଟଙ୍କାରେ ବିକ୍ରି କରାଯାଇଥିଲା । କିନ୍ତୁ ଏହି ଜମିର ପ୍ରକୃତ ମୂଲ୍ୟ ୧,୮୦୦ କୋଟି ଟଙ୍କା ବୋଲି କୁହାଯାଇଛି । ୧୫ ବର୍ଷ ତଳେ ଏହି ଜମିକୁ ଇଣ୍ଡିଆନ ବଟାନିକାଲ ସର୍ଭେକୁ ଲିଜ୍‌ରେ ଦିଆଯାଇଥିଲା । ପରେ ଏହି ଲିଜ୍‌କୁ ୫୦ ବର୍ଷ ପାଇଁ ଅର୍ଥାତ ୨୦୩୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଏହା ସତ୍ତ୍ୱେ ଏହି ଜମି କିପରି କିଣାବିକା ହେଲା ସେ ନେଇ ପ୍ରଶ୍ନ ଉଠିଛି । ଏବେ ଏ ନେଇ ରାଜନୀତି ଆରମ୍ଭ ହୋଇଛି । ଶାସକ ମହାୟୁତିକୁ ଟାର୍ଗେଟ କରିଛି ବିପକ୍ଷ ଦଳ ।








ନୂଆପଡ଼ାରେ ସ୍ନେହାଙ୍ଗିନୀଙ୍କ ପାଇଁ ପ୍ରଚାର ମଇଦାନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ

## ନିତିନ ଗଡ଼କରୀଙ୍କ ଦ୍ୱାରା ୮୪ତମ ଭାରତୀୟ ସଡ଼କ କଂଗ୍ରେସ ଉଦ୍‌ଘାଟିତ

# ତ୍ରୁଟିପୂର୍ଣ୍ଣ ଡିପିଆର୍ ବଢ଼ାଉଛି ସଡ଼କ ଦୁର୍ଘଟଣା



**ସଡ଼କ ଦୁର୍ଘଟଣାରେ ଦିନକୁ ୪୨୦ ଜଣଙ୍କ ମୃତ୍ୟୁ: ଗଡ଼କରୀ**

**ବିଶ୍ୱରେ ଏକନମ୍ବର ହେବ ଭାରତର ସଡ଼କ ନେଟୱର୍କ**

**ଗୁଣବତ୍ତା ପାଇଁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥା ଆବଶ୍ୟକ**

**କେନ୍ଦ୍ରୀୟ ସଡ଼କ ଭିତ୍ତିଭୂମି ପାଣ୍ଠିରୁ ଓଡ଼ିଶା ପାଇଁ ୧୦୦୦ କୋଟି**

**ହାଇଡ୍ରୋଜେନ ଚାଳିତ ୧୦ ପ୍ରକଳ୍ପରୁ ଓଡ଼ିଶାରେ ଗୋଟିଏ**

**ଭୁବନେଶ୍ୱର,୭।୧୧(ସମିସ):** ପ୍ରତିବର୍ଷ ଦେଶରେ ୧ ଲକ୍ଷ ୮୦ ହଜାର ଦୁର୍ଘଟଣା ମୃତ୍ୟୁ ଘଟୁଛି। ହାରାହାରି ଦିନକୁ ମୃତ୍ୟୁସଂଖ୍ୟା ୪୨୦। ତେଣୁ ଆମକୁ ପରିବହନ କ୍ଷେତ୍ରରେ ରୂପାନ୍ତରଣ କରିବାର ଆବଶ୍ୟକ ଅଛି। ପ୍ରଦୂଷଣ ମୁକ୍ତ ପରିବହନକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଆମକୁ ସଡ଼କ ସୁରକ୍ଷା, ରୋଡ଼ ଇଞ୍ଜିନିୟରିଂ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଏଥିରେ ତ୍ରୁଟି ବିଚ୍ୟୁତି ଆଦୌ ଗ୍ରହଣୀୟ ନୁହେଁ। ଡିପିଆରରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ଘଟୁଛି। ଏଥିରେ ସୁଧାର ଆଣିବା ଲାଗି ଇଞ୍ଜିନିୟର ଏବଂ ପେଶାଦାରମାନେ ସମ୍ବେଦନଶୀଳ ହୁଅନ୍ତୁ। ବ୍ଲାକ ସ୍ପଟକୁ ଚିହ୍ନଟ ସହ ଏହାର ମରାମତି କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ।

ଶୁକ୍ରବାର ସ୍ଥାନୀୟ ଜୟଦେବ ଭବନଠାରେ ୮୪ତମ ଭାରତୀୟ ସଡକ କଂଗ୍ରେସ ସମାବେଶକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଶ୍ରୀ ଗଡକରୀ କହିଛନ୍ତି ଯେ ଆମେ ଟେକ୍ନୋଲୋଜି ବ୍ୟବହାର କରି ଉତ୍ତମ ମାନର ସଡ଼କ ନିର୍ମାଣ ପାଇଁ ପ୍ରୟାସ କରୁଛୁ। ଭାରତର ସଡ଼କ ନେଟୱର୍କ ବିଶ୍ୱରେ ଏକ ନମ୍ବର ହେବାକୁ ଯାଉଛି। ଉନ୍ନତ ସଡ଼କ ବିକଶିତ ହେଲେ ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପର ଆଗମନ ହୋଇଥାଏ। ଏସବୁକୁ ପ୍ରୋତ୍ସାହନ ମିଳିଲେ ପୁଞ୍ଜିନିବେଶ, ରୋଜଗାର ସୃଜନ ଏବଂ ଆର୍ଥିକ ଅଭିବୃଦ୍ଧିର ମାର୍ଗ ପ୍ରଶସ୍ତ ହୁଏ। ସଡ଼କ ନିର୍ମାଣ କ୍ଷେତ୍ରରେ ଅର୍ଥ କିମ୍ବା ସମ୍ବଳର ଅଭାବ ନାହିଁ । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ବଜେଟ୍ ଆବଣ୍ଟନ ହାସଲ କରିଛି। ଅର୍ଥ ଖର୍ଚ୍ଚ କରିବାକୁ ହେଲେ ସକରାତ୍ମକ ଚିନ୍ତା ଓ ଚିନ୍ତା ସହ ଶୀଘ୍ର ନିଷ୍ପତ୍ତି ନେବା ଦରକାର ବୋଲି ଉଲ୍ଲେଖ କରି ସେ ଓଡ଼ିଶା ପାଇଁ ୧୦୦୦ କୋଟି ଟଙ୍କାର କେନ୍ଦ୍ରୀୟ ସଡ଼କ ଭିତ୍ତିଭୂମି ପାଣ୍ଠି ଘୋଷଣା କରିଛନ୍ତି। ଏହାସହ ସବୁଜ ହାଇଡ୍ରୋଜେନ ଚାଳିତ ବାହନ ଚଳାଚଳ ପାଇଁ ଦେଶରେ ଯେଉଁ ୧୦ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ସେଥିମଧ୍ୟରୁ ଗୋଟିଏ ଓଡ଼ିଶାରେ ରହିଛି ବୋଲି ସୂଚନା ଦେଇଛନ୍ତି।

ସେ ଆହୁରି ମଧ କହିଥିଲେ ଯେ ପ୍ରତିବର୍ଷ ଦେଶରେ ୧ ଲକ୍ଷ ୮୦ ହଜାର ଦୁର୍ଘଟଣା ମୃତ୍ୟୁ ଘଟୁଛି। ଗୋଟିଏ ଦିନରେ ୪୨୦ ଜଣଙ୍କର ମୃତ୍ୟୁ ଘଟୁଛି। ମୃତକଙ୍କ ମଧ୍ୟରେ ୬୬ ପ୍ରତିଶତ କେବଳ ୧୮ରୁ ୩୬ ବର୍ଷୀୟ ବୟସ୍କ ରହିଛନ୍ତି। ପରିବହନ କ୍ଷେତ୍ରରେ ରୂପାନ୍ତରଣର ଆବଶ୍ୟକତା ରହିଛି। ଆମକୁ ସଡ଼କ ସୁରକ୍ଷା, ରୋଡ଼ ଇଞ୍ଜିନିୟରିଂ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଏଥିରେ ତ୍ରୁଟି ବିଚ୍ୟୁତି ଆଦୌ ଗ୍ରହଣୀୟ ନୁହେଁ। ଡିପିଆରରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ଘଟୁଛି। ଏଥିରେ ସୁଧାର ଆଣିବା ଲାଗି ଇଞ୍ଜିନିୟର ଏବଂ ପେସାଦାରମାନେ ସମ୍ବେଦନଶୀଳ ହୁଅନ୍ତୁ । ବ୍ଲାକ ସ୍ପଟକୁ ଚିହ୍ନଟ ସହ ଏହାର ମରାମତି କରିବାକୁ ମୁଁ ହାତଯୋଡି ଅନୁରୋଧ କରୁଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ଓଡ଼ିଶାର ଅର୍ଥନୀତିକୁ ମଜବୁତ୍ କରୁଛୁ । ଏଥିପାଇଁ ଆମ ସରକାର ବନ୍ଦର, ସଡ଼କ, ରେଳ ଏବଂ ବିମାନ ପରିବହନ କ୍ଷେତ୍ରର ବିକାଶ ଦିଗରେ ଉଦ୍ୟମ ଅବ୍ୟାହତ ରଖିଛି। ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୧୩ ହଜାର ୬୯ କୋଟି ଟଙ୍କାର ଜାତୀୟ ରାଜପଥ ମଞ୍ଜୁର କରିଛନ୍ତି। ୫ ବର୍ଷ ମଧ୍ୟରେ ଆମ ସରକାର ୭୫ ହଜାର କିଲୋମିଟର ସଡକ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାରତୀୟ ସଡକ କଂଗ୍ରେସର ସଭାପତି ପ୍ରଫେସର ମନୋରଞ୍ଜନ ପରିଡା, ମହାସଚିବ ରାହୁଲ ଗୁପ୍ତା , ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।

## ହେଲିକପ୍ଟରର ଉଡ଼ାଣ ଅନୁମତି ପ୍ରଦାନରେ ୨ ଘଣ୍ଟା ବିଳମ୍ବ

# ବିମାନବନ୍ଦରରେ ଅପେକ୍ଷା କଲେ ନବୀନ

**ଭୁବନେଶ୍ୱର,୭।୧୧(ସମିସ):** ନୂଆପଡ଼ା ଗସ୍ତରେ ଯିବା ପାଇଁ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ବିମାନବନ୍ଦରରେ ଅନେକ ସମୟ ଅପେକ୍ଷା କରିବାକୁ ପଡ଼ିଛି। ନୂଆପଡା ଯିବା ପାଇଁ ନବୀନଙ୍କ ପାଇଁ ଯେଉଁ ହେଲିକପ୍ଟର ବ୍ୟବସ୍ଥା ହୋଇଥିଲା, ତାହାକୁ ଅନୁମତି ମିଳିବାରେ ବିଳମ୍ବ ହେତୁ ନବୀନଙ୍କ ଗସ୍ତ ବିଳମ୍ବିତ ହୋଇଥିଲା। ସକାଳ ୯ଟା ୩୦ରେ ନବୀନଙ୍କ ହେଲିକପ୍ଟର ଯିବାକୁ ଥିବା ବେଳେ ଏହାକୁ ଦିନ ୧୧ଟା ୩୦ରେ ଅନୁମତି ଦିଆଯାଇଥିଲା । ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବିଜେଡି।

ଅନ୍ୟପଟେ ନବୀନଙ୍କ ହେଲକପ୍ଟରକୁ ଜାଣିଶୁଣି କ୍ଲିଅରାନ୍ସ ଦିଆଯାଇ ନଥିବା ନେଇ ବିଜେଡି ଅଭିଯୋଗ କରିଛି। ନବୀନଙ୍କ ଲୋକପ୍ରିୟତା ଦେଖି ବିରୋଧୀ ବିଜେପି ଛାନିଆ ହୋଇଯାଇଛି। ନବୀନଙ୍କ ପ୍ରଥମ ଜନସଭା ତଥା କୋମନା ସଭା ସମୟରେ ବିଜେପି ଏହି ସଭାକୁ ଭଣ୍ଡୁର କରିବା ପାଇଁ ବହୁ ଉଦ୍ୟମ କରିଥିଲା। ଏହା ସତ୍ତ୍ୱେ ହଜାର ହଜାର ଲୋକ ଏକାଠି ହୋଇ ନବୀନଙ୍କ ହାତମୁଠାକୁ ଟାଣ କରିଥିଲେ। ଏହି ହୀନ ଉଦ୍ୟମ ସରକାରଙ୍କର ସଫଳ ହେବ ନାହିଁ ଏହାର ଜବାବ ନୂଆପଡ଼ାବାସୀ ଦେବେ ବୋଲି ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ କହିଛନ୍ତି।

ଏ ସଂକ୍ରାନ୍ତରେ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି ଯେ ନବୀନଙ୍କ ଫ୍ଲାଇଟ୍ ଅପରେଟର ଫ୍ଲାଇଟ୍ ପ୍ଲାନ୍ ସବମିଟ୍ କରି ନ ଥିବାରୁ ଏୟାର ଡିଫେନ୍ସ କ୍ଲିଅରାନ୍ସମିଳିନଥିଲା। ପରେ କୋଲକତାରୁ ନମ୍ବର ନିଆଯାଇଥିଲା। ଏଥିପାଇଁ ପ୍ରାୟ ୨୫ମିନିଟ୍ ବିଳମ୍ବ ହୋଇଛି ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି।

## ୧୦ ଦିନରେ ଠକ ଲୁଟିନେଲେ ଦେଢ଼ କୋଟି

# ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦମ୍ପତି 'ହାଉସ ଆରେଷ୍ଟ'

**ଭୁବନେଶ୍ୱର, ୭।୧୧ (ସମିସ):** ସାଇବର ଅପରାଧୀଙ୍କ ମାୟାଜାଲରେ ପଡ଼ି ୧୦ ଦିନରେ ପ୍ରାୟ ଦେଢ଼ କୋଟି ଟଙ୍କା ହରାଇଛନ୍ତି ଏକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦମ୍ପତି। ଉଭୟଙ୍କୁ ୧୦ଦିନ ଧରି ହାଉସ୍ ଆରେଷ୍ଟ କରି ଅପରାଧୀମାନେ ଯାବତୀୟ ମାନସିକ ନିର୍ଯାତନା ଦେବା ପରେ ଉଭୟ ମାନସିକ ଭାବରେ ଭାଙ୍ଗି ପଡ଼ିଛନ୍ତି। ତେବେ ସ୍ଥାନୀୟ ଲୋକ ଓ ସମ୍ପର୍କୀୟମାନେ ୧୦ଦିନ ଧରି ଯୋଗାଯୋଗ କରିବାରେ ବିଫଳ ହେବା ପରେ ସହିଦ ନଗର ପୁଲିସ ସହାୟତାରେ ଦମ୍ପତିଙ୍କୁ ଉଦ୍ଧାର କରିଛି। ପୁଲିସ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛି। ଏହି ଘଟଣା ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ମୁତାବକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିଜୟ କୁମାର ସାହୁ ଏବଂ ତାଙ୍କ ପତ୍ନୀ ଭିଏସ୍‌ଏସ୍‌ନଗର ହାଉସିଂ ବୋର୍ଡ କଲୋନୀରେ ରହୁଛନ୍ତି। ସେମାନଙ୍କ ପରିବାର ଅନ୍ୟ ସଦସ୍ୟମାନେ ବିଦେଶରେ ରୁହନ୍ତି। ଘରୋଇ ସହାୟକମାନେ ସବୁ ସମୟରେ ତାଙ୍କ ଘର କାମ କରିବାକୁ ଯିବା ଆସିବା କରନ୍ତି। ପତିପତ୍ନୀ ଘରେ ଥିଲା ବେଳେ ୧୦ଦିନ ତଳେ ବିଜୟଙ୍କ ଫୋନ୍‌କୁ ଏକ ଭିଡିଓ କଲ୍ ଆସିଥିଲା। ନମ୍ବରଟିରେ ଦେଶ ବାହାରର ପିନ୍ କୋଡ୍ ଥିଲା। ପ୍ରଥମେ କୌଣସି ଏକ ବାହାନା ଦେଖାଇ ଅପରାଧୀମାନେ ତାଙ୍କୁ ଡରାଇଥିଲେ। ମାତ୍ର ପରେ ସାଇବର ଅପରାଧୀମାନେ ପୁଣି ଥରେ ଭିଡିଓ କଲ୍ କରିଥିଲେ। ଏଥର କିନ୍ତୁ ସାଇବର ଅପରାଧୀମାନେ ନିଜକୁ କଷ୍ଟମ୍ ବିଭାଗର ଅଧିକାରୀ ବୋଲି ପରିଚୟ ଦେଇଥିଲେ। ବିଜୟଙ୍କ ନାମରେ ବିଦେଶରୁ ଏକ ପାର୍ସଲରେ ଆସିଛି। ଏହି ପାର୍ସଲରେ କିଛି ଡ୍ରଗ୍ସ କିମ୍ବା ଅପରାଧ ସମ୍ବନ୍ଧୀୟ ପଦାର୍ଥ ରହିଛି। ଏଣୁ ଏହି ମାମଲାକୁ ବମ୍ବେ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି।

ଏହାପରେ ସାଇବର ଅପରାଧୀମାନେ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ବେଶରେ ଥିବା ବସନ୍ତ ନାମକ ଜଣେ ବ୍ୟକ୍ତି ସହ କଥା ହୋଇଥିଲେ। ସେମାନଙ୍କ ପରିଚୟ ପତ୍ର ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ ବତାଇଥିଲେ। ବିଦେଶରେ ତାଙ୍କ ପରିବାର ଲୋକେ କେଉଁଠି ରହୁଛନ୍ତି। କେଉଁ ବ୍ୟାଙ୍କରେ ତାଙ୍କର ଆକାଉଣ୍ଟ ରହିଛି। ଏଭଳି କିଛି ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରି ସେ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ ବୋଲି ବିଜୟଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସଫଳ ହୋଇଥିଲେ। ପାର୍ସଲଟି ମୁମ୍ବାଇ ସହରରେ ଅପରେଟ୍ କରୁଥିବା କ୍ରାଇମ୍ ସିଣ୍ଡିକେଟ୍‌ର ପାର୍ସଲ। ଏହି ସିଣ୍ଡିକେଟ୍‌ରେ ଥିବା କିଛି ସଦସ୍ୟମାନଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ବିଜୟଙ୍କ ନାମ ନେଇଛନ୍ତି। ଏହାସହ ବିଜୟଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ମଧ ରହିଛି। ଏଣୁ ବିଜୟଙ୍କୁ ମଧ ଗିରଫ କରାଯାଉଛି ବୋଲି କ୍ରାଇମ୍‌ବ୍ରାଞ୍ଚ ବେଶରେ ଥିବା ଅପରାଧୀ କହିଥିଲା। ତତ୍‌କ୍ଷଣାତ୍ ଏକ ଡିଜିଟାଲ ଆରେଷ୍ଟ ୱାରେଣ୍ଟ ଜାରି ହୋଇଥିଲା। ଏହା ଦେଖି ବିଜୟ ଭାଙ୍ଗି ପଡ଼ିଥିଲେ। ମୁଁ କିଛି କରି ନାହିଁ। ମୋର କୌଣସି କ୍ରାଇମ୍ ସିଣ୍ଡିକେଟ୍ ସହ ଲିଙ୍କ୍ ନାହିଁ। ମୋର କିଛି ଦୋଷ ନାହିଁ ବୋଲି ବାରମ୍ବାର ନେହୁରା ହୋଇଥିଲେ।

ଅପରାଧୀମାନେ ଦମ୍ପତିଙ୍କୁ ନିଜ କବଜାକୁ ନେଇ ଯାଇଥିଲେ। ସେମାନଙ୍କ ଏକାଧିକ ଡକ୍ୟୁମେଣ୍ଟ ଯାଞ୍ଚ କରୁଥିଲେ ଓ ୧୦ଦିନ ମଧ୍ୟରେ ପ୍ରାୟ ଦେଢ଼ କୋଟି ଟଙ୍କା ଲୁଟି ନେଇଥିଲେ। ଗିରଫ ହୋଇଥିବାରୁ ସେମାନେ କାହା ସହ କଥା ହୋଇ ପାରିବେନି ବୋଲି ଧମକ ଦେଇଥିଲେ। ତାଙ୍କ ପରିବାରର ସହାୟକ ଏବଂ ସ୍ଥାନୀୟ ଲୋକେ ଯେତେ ଯୋଗାଯୋଗ କଲେ ମଧ ଉଭୟ ଡରରେ କବାଟ ଖୋଲି ନ ଥିଲେ। ଦିନ ବିତିବା ପରେ ଶେଷରେ ସହାୟକମାନଙ୍କୁ ସନ୍ଦେହ ହେଲା। ଏହାପରେ ସେମାନେ ପଡୋଶୀ ଏବଂ ସମ୍ପର୍କୀୟମାନଙ୍କୁ ଜଣାଇଥିଲେ। ଘଟଣାସ୍ଥଳରେ ସହିଦନଗର ପୁଲିସ ପହଞ୍ଚିଥିଲେ ବି ସେମାନେ କବାଟ ଖୋଲି ନ ଥିଲେ। ଶେଷରେ ଛାତ ଉପରେ ଥିବା ଏକ ଗଳା ବାଟରେ ପୁଲିସ ଘର ଭିତରକୁ ପ୍ରବେଶ କରିଥିଲା। ଅପରାଧୀମାନେ ତୁରନ୍ତ କଲ୍ କାଟି ଦେଇଥିଲେ।

# ମାଟ୍ରିକ୍ ପରୀକ୍ଷା ଫର୍ମପୂରଣ ଆଜିଠାରୁ

**କଟକ, ୭ ।୧୧ (ସମିସ):** ଆସନ୍ତା ୨୦୨୬ ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମପୂରଣ ସଂକ୍ରାନ୍ତରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଆସନ୍ତା ୮ରୁ ନଭେମ୍ବର ୨୨ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଅନଲାଇନ୍‌ରେ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀଙ୍କ ଫର୍ମପୂରଣ ବିଦ୍ୟାଳୟ ମୁଖ୍ୟଙ୍କ ଦ୍ୱାରା କରାଯିବ। ସେହିଭଳି ପତ୍ରମାଧ୍ୟମ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ଉପ-ସମ୍ପାଦକଙ୍କ ଦ୍ୱାରା ଅଫଲାଇନ୍‌ରେ ଫର୍ମପୂରଣ କରାଇବେ ବୋଲି କୁହାଯାଇଛି। ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଫର୍ମପୂରଣ ପ୍ରକ୍ରିୟା ଉପରୋକ୍ତ ଅବଧିରେ ଜିଲ୍ଲା ଓ ବ୍ଲକ୍ ଷ୍ଟଡିସେଣ୍ଟର୍‌ର ମୁଖ୍ୟଙ୍କ ଦ୍ୱାରା ସମ୍ପାଦନ କରାଯିବ। ମଧ୍ୟମା ପରୀକ୍ଷା ପାଇଁ ସଂସ୍କୃତ ଟୋଲ୍‌ର ମୁଖ୍ୟମାନେ ଆସନ୍ତା ୧୨ରୁ ୨୨ ତାରିଖ ପର୍ଯ୍ୟନ୍ତ ଅଫଲାଇନ୍‌ରେ ସମ୍ପାଦିତ କରାଇବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ତୀର୍ଥଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ; ୧୬ ଗୁରୁତର



**ବଇଣ୍ଡା,୭ ।୧୧(ସମିସ):** କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଲୁହାମୁଣ୍ଡାଠାରେ ଶୁକ୍ରବାର ଭୋର୍ ୫ଟାରେ ଏକ ତୀର୍ଥଯାତ୍ରୀ ଗାଡ଼ି ଡିଭାଇଡର୍‌ରେ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଗାଡ଼ିରେ ବସିଥିବା ଭୁବନେଶ୍ୱର ବାଲକାଟି ଅଞ୍ଚଳର ୧୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ମାନସ ରଞ୍ଜନ ସାହୁ, ଦେବଶ୍ରୀ ବେହେରା, କରିସ୍ମା ବେହେରା, ବୁବୁନ ମହାପାତ୍ର, ରୀନା ବେହେରା, ଯୋଗେନ୍ଦ୍ର ସାହୁ, ମାମିନା ସାହୁ, ମିତାଲି ସାହୁ, ଚନ୍ଦନ କୁମାର ବେହେରା, ପୂଜା ପତି, ରଶ୍ମିପ୍ରସାଦ ମହାପାତ୍ର, ନାରାୟଣ ମହାପାତ୍ର, ଲକ୍ଷ୍ମୀପ୍ରିୟା ମହାପାତ୍ର, ସସ୍ମିତା ସାହୁ, ଟଙ୍କପାଣି ରୋଡ଼ର ଚନ୍ଦ୍ରଶେଖର ନାୟକ ଓ ୫ ବର୍ଷର ଶିଶୁ ପ୍ରିୟାଂଶୁ ବେହେରା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଜରିଆରେ କିଶୋରନଗର ମେଡିକାଲରେ ଭର୍ତ୍ତି କରାଇଛନ୍ତି। ଭୁବନେଶ୍ୱରରୁ ଏମାନେ ମା' ସମଲେଶ୍ୱରୀ ଦର୍ଶନ ପାଇଁ ଏକ ଟ୍ରାଭେଲର୍ ଗାଡ଼ି ଯୋଗେ ସମ୍ବଲପୁର ଯାଉଥିବା ବେଳେ ଚାଳକ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିଲା। ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

## ସରକାରଙ୍କ ଭୁଲ୍‌ର ଦଣ୍ଡ ଭୋଗୁଛନ୍ତି ନିଯୁକ୍ତି ଆଶାୟୀ

# ଦଳେ ରାସ୍ତାରେ, ଦଳେ କୋର୍ଟରେ

**ଭୁବନେଶ୍ୱର,୭ ।୧୧ (ସମିସ):** ଲିଭ୍ ଟ୍ରେନିଂ ଟିଚର (ଏଲ୍‌ଟିଆର୍) ନିଯୁକ୍ତିରେ ବ୍ୟାପକ ଅସଙ୍ଗତି ରହିଛି। ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟଗ (ଓଏସ୍‌ଏସ୍‌ସି) ପରୀକ୍ଷା ପରିଚାଳନା କରିନାହିଁ। ପୁନଶ୍ଚ ଯେଉଁ ପରୀକ୍ଷା ହୋଇଛି, ସେଥିରେ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦିଆଯାଇଛି। ଫଳରେ ମାମଲା କୋର୍ଟରେ ପହଞ୍ଚିବା ସହ ସମ୍ପୂର୍ଣ୍ଣର୍ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇଛି। ହିନ୍ଦୀ ଶିକ୍ଷକ ପରୀକ୍ଷାକୁ ହାଇକୋର୍ଟ ରଦ୍ଦ କରିଥିବାବେଳେ ସଂସ୍କୃତ ଶିକ୍ଷକ ଆଶାୟୀମାନେ ଦୁଇଦିନ ହେଲା ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରଖିଛନ୍ତି। ଅପରପକ୍ଷରେ ହିନ୍ଦୀ ପରି ସଂସ୍କୃତ ଶିକ୍ଷକ ପଦ ପାଇଁ ୫ଗୁଣାରୁ ଅଧିକ ଆଶାୟୀ ଆବେଦନ କରିଥିବାବେଳେ ପ୍ରିଲିମିନାରୀ ପରୀକ୍ଷା କରାଯାଇ ନ ଥିବାରୁ ସମ୍ପୂର୍ଣ୍ଣ ନିଯୁକ୍ତି ପରୀକ୍ଷା ରଦ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି ।

ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତିରେ ୭୨୯ଟି ସଂସ୍କୃତ ଶିକ୍ଷକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ପ୍ରାୟ ୪୯୬୯ ଜଣ ଆଶାୟୀ ଆବେଦନ କରିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ଅର୍ଥାତ୍ ମୋଟ୍ ପଦ ପାଇଁ ପ୍ରାୟ ୭ଗୁଣା ଆଶାୟୀ ଆବେଦନ କରିଥିଲେ। ଅପରପକ୍ଷରେ ମୋଟ୍ ପଦର ୫ଗୁଣାରୁ ଅଧିକ ଆଶାୟୀ ଆବେଦନ କଲେ ପ୍ରିଲିମିନାରୀ ପରୀକ୍ଷା ହେବା ପରେ ମୁଖ୍ୟ ପରୀକ୍ଷା ହେବ ବୋଲି ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଏହାସତ୍ତ୍ୱେ ଉଭୟ ହିନ୍ଦୀ ଓ ସଂସ୍କୃତ ଆଶାୟୀଙ୍କ ପ୍ରିଲିମିନାରୀ ପରୀକ୍ଷା କରାଯାଇ ନ ଥିଲା। ହିନ୍ଦୀ ଶିକ୍ଷକଙ୍କ ମାମଲା କୋର୍ଟରେ ପହଞ୍ଚିବା ପରେ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ଗତମାସ ୧୬ ତାରିଖରେ ହାଇକୋର୍ଟ ରଦ୍ଦ କରିଛନ୍ତି। ଅନୁରୂପ ଭାବେ ସଂସ୍କୃତ ଶିକ୍ଷକ ପଦ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ କରି ପ୍ରିଲିମିନାରୀ ପରୀକ୍ଷା କରିବାକୁ କୋର୍ଟରେ ମାମଲା ବିଚାରଧୀନ ରହିଛି। ଅପରପକ୍ଷରେ ସଂସ୍କୃତ ବ୍ୟତୀତ ଅନ୍ୟ ସମସ୍ତ ପଦ ପାଇଁ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। ଆସନ୍ତା ୧୫ ତାରିଖରେ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ବାଣ୍ଟିବେ। ଏଣୁ ସଂସ୍କୃତ ଆଶାୟୀଙ୍କ ପରୀକ୍ଷା ଫଳ ପ୍ରକାଶ କରି ସେମାନଙ୍କୁ ମଧ ନିଯୁକ୍ତି ଦିଆଯାଉ ବୋଲି ଆଶାୟୀମାନେ ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ୨ଦିନ ଧରି ଆନ୍ଦୋଳନ କରିଛନ୍ତି। ଓଏସ୍‌ଏସ୍‌ସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୋର୍ଟରେ ମାମଲା ବିଚାରଧୀନ ରହିଥିବାରୁ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ଚୂଡ଼ାନ୍ତ ରାୟ ବା କୋର୍ଟଙ୍କ ନିର୍ଦ୍ଦେଶ ବିନା ପରୀକ୍ଷା ଫଳ ପ୍ରକାଶ ପାଇବ ନାହିଁ।

ସରକାରଙ୍କ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ ଆଶାୟୀମାନେ ଦହଗଞ୍ଜ ହେଉଛନ୍ତି। ପରୀକ୍ଷା ଦେଇ ଚାକିରି ପାଇଁ ଯୋଗ୍ୟ ହୋଇଥିଲେ ମଧ ନିଯୁକ୍ତି ପତ୍ର ଦିଆଯାଉ ନାହିଁ। କେବଳ ଏଲ୍‌ଟିଆର୍ ନୁହେଁ, ପ୍ରତିଟି ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେଉଥିବାରୁ ଆଶାୟୀଙ୍କ ମାନସିକ ସ୍ଥିତି ଦୋହଲି ସାରିଛି। ସରକାର ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା କରିବାରେ ବାରମ୍ବାର ବିଫଳ ହେଉଥିବା ଅଭିଯୋଗ ହେଉଛି।

# ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ

**ପୁରୀ, ୭।୧୧(ସମିସ):** ପୁଣି ଶ୍ରୀମନ୍ଦିର ଭିତରୁ ଜବତ ହୋଇଛି ଗୁପ୍ତ କ୍ୟାମେରା। ଗୁଜରାଟର ଜଣେ ଶ୍ରଦ୍ଧାଳୁ ହିଡେନ୍ କ୍ୟାମେରା ନେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିବା ବେଳେ ଜେଟିପି ଏବଂ ସେବାୟତ ତାଙ୍କୁ ଧରିଛନ୍ତି। ଯୁବକଜଣଙ୍କ ହେଲେ, ଗୁଜରାଟ ଅହମ୍ମଦାବାଦର ଭରତ ପାଣ୍ଡ୍ୟା। ତାଙ୍କଠାରୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଜବତ କରାଯାଇଛି। ଅପରପକ୍ଷେ, ଏହି ଘଟଣା ପୁଣିଥରେ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାରେ ସିଂହଦ୍ୱାର ଥାନା ପୁଲିସ ଭରତଙ୍କୁ ପଚରାଉଚରା କରିଛି। ଅପରପକ୍ଷେ, ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଶ୍ରୀମନ୍ଦିର ସେବାୟତ ଓ ବୁଦ୍ଧିଜୀବୀ ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି। ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷା ବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ବିଭିନ୍ନ ସମୟରେ ଏହା ଜଣାପଡ଼ିବା ପରେ ମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି। ହେଲେ ବାସ୍ତବତା କିନ୍ତୁ ଭିନ୍ନ। ଶୁକ୍ରବାର ମନ୍ଦିର ଭିତରକୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି।

### ଚଷମାରେ ଖଞ୍ଜା ହୋଇଥିଲା ଗୁପ୍ତ କ୍ୟାମେରା

ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ଭରତ ଗୁପ୍ତ କ୍ୟାମେରା ସଂଯୋଗ ଥିବା ଚଷମା ପିନ୍ଧି ମନ୍ଦିର ଭିତରକୁ ଯାଇଥିଲେ। ପ୍ରବେଶ ପଥରେ ଏହା ଜଣାପଡ଼ି ନଥିଲା। ତେବେ ଜଗମୋହନ ନିକଟରେ ସନ୍ଦେହ ହେବାରୁ ତାଙ୍କୁ ସେବାୟତ ଓ ଜେଟିପି ଧରିଥିଲେ। ତାଙ୍କୁ ସିଂହଦ୍ୱାର ଥାନାକୁ ହସ୍ତାନ୍ତର କରିଥିଲେ। ସିଂହଦ୍ୱାର ପୁଲିସ ଭରତଙ୍କଠାରୁ ଗୁପ୍ତ କ୍ୟାମେରା ଲାଗିଥିବା ଚଷମାକୁ ଜବତ କରିବା ସହ ତାଙ୍କୁ ପଚରାଉଚରା ମଧ କରାଯାଇଥିଲା। ତେବେ ଏହି ପଚରାଉଚରା କରାଯିବା ପରେ ଆଗାମୀ ଦିନରେ ତଦନ୍ତରେ ସହଯୋଗ କରିବା ସର୍ତ୍ତରେ ତାଙ୍କୁ ଥାନାରୁ ନୋଟିସ୍ ଦେଇ ଛାଡ଼ି ଦିଆଯାଇଛି। ସେପଟେ ଶ୍ରୀମନ୍ଦିର ଭିତରୁ କ୍ୟାମେରା ଜବତ ହେଲେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆଇନ ନାହିଁ। କେବଳ ଜରିମାନା ଦେବାର ନିୟମ ରହିଛି। ଏଣୁ ରାଜ୍ୟ ସରକାର ଶ୍ରୀମନ୍ଦିର ଆଇନରେ ତୁରନ୍ତ ପରିବର୍ତ୍ତନ କରି ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନୂଆ ନିୟମ ଆଣିବାକୁ ସାଧାରଣରେ ଦାବି ହୋଇଛି।

## ଗର୍ଭଗୃହକୁ ପ୍ରବେଶ ବେଳେ ଧରାପଡ଼ିଲେ ଭକ୍ତ

**ପୁରୀ,୭।୧୧(ସମିସ):** ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା। ମାଳମାଳ ସୁରକ୍ଷା କର୍ମୀ ମନ୍ଦିର ଭିତରେ ଏବଂ ବାହାରେ ପଇଁତରା ମାରୁଛନ୍ତି। ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେବା ଭଳି ଘଟଣା ଘଟୁଛି। ଗୁପ୍ତ କ୍ୟାମେରା ମନ୍ଦିର ଭିତରକୁ ବାରମ୍ବାର ଯାଉଥିବା ବେଳେ ପ୍ରାୟ ଅଧିକାଂଶ ଦିନ ଭକ୍ତ ପକେଟ୍‌ମାରର ଶିକାର ହେଉଛନ୍ତି। ଶୁକ୍ରବାର ମନ୍ଦିର ଭିତରେ ଆଉ ଏକ ଅଭାବନୀୟ ଘଟଣା ଘଟିଛି। ସୁରକ୍ଷା ବ୍ୟବସ୍ଥା ନମାନି ଜଣେ ଶ୍ରଦ୍ଧାଳୁ ଭିତରକାଠ ଡେଇଁ ଗର୍ଭଗୃହକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିଲେ। ଯୁବକଜଣକ ହେଉଛନ୍ତି, ଯାଜପୁର ଶାନ୍ତନୁ ମିଶ୍ର। ସେ ନିୟମ ନ ମାନି ସେବାୟତ ବେଶରେ ଗର୍ଭଗୃହ ଭିତରକୁ ପ୍ରବେଶ ପାଇଁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ଅନ୍ୟ ସେବକମାନେ ଧରିଥିଲେ। ପରେ ତାଙ୍କୁ ସିଂହଦ୍ୱାର ଥାନା ପୁଲିସକୁ ହସ୍ତାନ୍ତର କରାଯାଇଥିଲା। ସମ୍ପୃକ୍ତ ଯୁବକଙ୍କୁ ପୁଲିସ ପଚରାଉଚରା କରିଥିଲା। କେଉଁ ପରିସ୍ଥିତିରେ ଏବଂ କାହିଁକି ସେ ଗର୍ଭଗୃହ ଭିତରକୁ ଯିବାକୁ ଉଦ୍ୟମ କରୁଥିଲେ ବୋଲି ପଚରାଯାଇଥିଲା। ହେଲେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନଥିବା ସୂଚନା ମିଳିଛି। ଏ ସମ୍ପର୍କରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ଗର୍ଭଗୃହକୁ ପ୍ରବେଶ କରୁଥିବା ବେଳେ ଜଣେ ଯୁବକ ଧରାପଡ଼ିଥିଲେ। ତାଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ଏହାପରେ ୪୧ ନୋଟିସ୍‌ରେ ତାଙ୍କୁ ଛଡ଼ାଯାଇଛି।

**ପଞ୍ଚାୟତ ସମିତିର ଦଶମ ସାଧାରଣ ଅଧିବେଶନ**

# ମଞ୍ଚ ତଳେ ବସି ସମସ୍ୟା ଜଣାଇଲେ ସମିତିସଭ୍ୟ

ମୋରଡ଼ା, ୭।୧୧(ସମିସ): ମୋରଡ଼ା ବ୍ଲକ ପରିସରରେ ଥିବା ରାଜୀବ ଗାନ୍ଧୀ କନ୍‌ଫରେନ୍ସ ହଲରେ ପଞ୍ଚାୟତ ସମିତିର ଦଶମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ବିଡ଼ିଓ ଅଣାକାର ନାୟକ, ଉପାଧ୍ୟକ୍ଷ ଜେମାମଣି ମହାନ୍ତ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ଅଭିରାମ ଭୋଇ, ଝରଣା ମୁର୍ମୁ, ମେଡ଼ିକାଲ ଅଫିସର ହାମ୍ବିରା ମୁର୍ମୁ, ଏବିଡ଼ିଓ ସୁଶାନ୍ତ ରାଉଳ, ଜିପିଓ ଶଙ୍କର ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ଆରମ୍ଭ ହେବା ପୂର୍ବରୁ ଚିକିଟାମାଟିଆ ସମିତି ସଭ୍ୟ ଉପେନ୍ଦ୍ର ମହାନ୍ତ ମଞ୍ଚ ତଳେ ବସିଥିଲେ; ଯାହାକୁ ନେଇ ଗୃହରେ ତମ୍ବିତୋଫାନ ହୋଇଥିଲା। ଚିକିଟାମାଟିଆ ପଞ୍ଚାୟତରେ ହାତୀ ଉପଦ୍ରବ, ଗ୍ରାମରେ ରାସ୍ତା ନିର୍ମାଣ, ଲୋକଙ୍କୁ ଭତ୍ତା ମିଳୁନାହିଁ, ଫୁଲଝରୀ-ଭାତଛତର ଗ୍ରାମରେ ଚାଷୀଙ୍କ ପାଇଁ ସୁବର୍ଣ୍ଣରେଖା ଶାଖା



**ଜଙ୍ଗଲ ମଧ୍ୟରେ ରାସ୍ତା ନିର୍ମାଣକୁ ନେଇ ତୁମ୍ବିତୋଫାନ**

କେନାଲ ନିର୍ମାଣ, ଚିକିଟାମାଟିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣରେ ଶିକ୍ଷକ ନିଯୁକ୍ତି ଆଦି ସମ୍ପର୍କରେ ସମିତି ସଭ୍ୟ ଶ୍ରୀ ମହାନ୍ତ ତଳେ ବସି ଦାବି କରିଥିଲେ। ଉକ୍ତ ସମସ୍ୟା ଗୁଡିକର ସମାଧାନ କରାଯିବାର ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ପରେ ଏଇଇ ସୁଶାନ୍ତ ନାଏକ ବିକଶିତ ଗାଁ ବିକଶିତ ଓଡ଼ିଶାର ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଅବଗତ କରାଇଥିଲେ। ୨୦୨୪-୨୫ ଆର୍ଥିକ ବର୍ଷରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ମୋରଡା ବ୍ଲକକୁ ୮୮ଟି ପ୍ରକଳ୍ପ ବାବଦରେ ୪ କୋଟି ୪ଲକ୍ଷ ୬୯ ହଜାର ୧୨୨ ଟଙ୍କା ଆସିଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେଥିରୁ ୩୦ଟି ପ୍ରକଳ୍ପ ସରିଛି; ଯେଉଁଥିରେ ୧କୋଟି ୩୨ ଲକ୍ଷ ୮୪ ହଜାର ୧୪୯ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ୮ କୋଟି ୯ ଲକ୍ଷ ଟଙ୍କାର ପ୍ରକଳ୍ପ ମଞ୍ଜୁରୀ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨ କୋଟି ଟଙ୍କା ଆସିଛି ଏବଂ ବ୍ଲକର ମୋଟ ୧୦୦ଟି ବିଦ୍ୟାଳୟର ମରାମତି କାର୍ଯ୍ୟ ହେବ ବୋଲି କହିଥିଲେ ଏଇଇ ଶ୍ରୀ ନାଏକ। ପରେ ଚିତ୍ରଡା ଏବଂ ଗଡ଼ିଆ ଡାକ୍ତରଖାନାରେ ଡାକ୍ତର ନ ଥିବା କଥା ମଧ୍ୟ ଉଠିଥିଲା। ଚଢେଇ ଗାଁ ପଞ୍ଚାୟତର ଯକ୍ଷ୍ମା ରୋଗର ଚିହ୍ନଟ ନିମନ୍ତେ ନମୁନା ସଂଗ୍ରହ ପାଇଁ ଆଶା ଦିଦିମାନେ ଘରକୁ ଘର ଯାଉନାହାନ୍ତି ବୋଲି ସରପଞ୍ଚ ଅନୁରାଧା ସି ଅଭିଯୋଗ କରିଥିଲେ। ଏହାପରେ ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ଯୋଗାଣ ଏବଂ ଅନ୍ୟ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର ସୂଚନା ଦେଇଥିଲେ।

**● ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା**

## ପୂର୍ବତନ ତହସିଲଦାରଙ୍କୁ ୨ ବର୍ଷ ଜେଲ; ପେନସନ୍ ବନ୍ଦ ନିର୍ଦ୍ଦେଶ

ବାରିପଦା, ୭ ।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାର ବହଳଦାର ପୂର୍ବତନ ତହସିଲଦାର ଭୀମସେନ ମଙ୍ଗରାଜଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାରିପଦାର ବିଶେଷ ଭିଜିଲାନ୍ସ ଜଜ୍ କୋର୍ଟ ବିଚାରପତି ପୂର୍ଣ୍ଣିମା ଜେନା ଗୁରୁବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଚାରପତି ଶ୍ରୀ ମଙ୍ଗରାଜଙ୍କୁ ୨ ବର୍ଷ ଜେଲ ଏବଂ ୧ ଲକ୍ଷ ଟଙ୍କା ମଧ୍ୟ ଜରିମାନା କରିଛନ୍ତି। ଏହି ମାମଲା ଗତ ୧୯୮୮ ଦୁର୍ନୀତି ନିବାରଣ ଆଇନ ଅଧୀନରେ ପଞ୍ଜୀକୃତ ହୋଇଥିଲା। ପରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ତଦନ୍ତ କରାଯାଇଥିଲା। ହେଲେ ତଦନ୍ତ ସମୟରେ ଶ୍ରୀ ମଙ୍ଗରାଜ ୧୭ଲକ୍ଷ ଆୟ ବହିର୍ଭୂତ ସମ୍ପତ୍ତିର ହିସାବ ଦେଇ ପାରିନଥିଲେ। ଏଣୁ ସେ ଦୋଷୀ ସାବ୍ୟସ୍ତ ହେବା ପରେ ଭିଜିଲାନ୍ସ ବିଭାଗ ତାଙ୍କର ପେନସନ୍ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ଏହି ମାମଲାର ତଦନ୍ତ ବାଲେଶ୍ୱର ବିଭାଗୀୟ ଭିଜିଲାନ୍ସ ବ୍ୟୁରୋର ତତ୍କାଳୀନ ଡିଏସପି ଶରତ କୁମାର ମହାପାତ୍ର କରିଥିଲେ। ବାରିପଦା ଭିଜିଲାନ୍ସ କୋର୍ଟର ପିପି ଶାନ୍ତନୁ ଦାସ ଓ ଦୀପକ କୁମାର ସେଠୀ ମାମଲା ପରିଚାଳନା କରିଥିଲେ।

## ଗାଡ଼ି ଧକ୍କାରେ କନିଷ୍ଠ ଯନ୍ତ୍ରୀ ଗୁରୁତର

ବୈଶିଙ୍ଗା/ବେତନଟୀ, ୭।୧୧(ସମିସ): ବେତନଟୀ ବ୍ଲକର କନିଷ୍ଠ ଯନ୍ତ୍ରୀ ଗୁରୁବାର ରାତିରେ କାର ଯୋଗେ ବେତନଟୀ ଯାଉଥିବା ବେଳେ ୧୮ ନଂ ଜାତୀୟ ରାଜପଥର ଛୁରୁଣୀ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ଯନ୍ତ୍ରୀ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇଛି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କନିଷ୍ଠ ଯନ୍ତ୍ରୀ ଗୌରୀଶଙ୍କର ସିଂ ନିଜର କାର୍ଯ୍ୟ ସାରି ବେତନଟୀକୁ ନିଜର କାର ଯୋଗେ ଫେରୁଥିବା ବେଳେ ଛୁରୁଣୀ ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ଭାଙ୍ଗିରୁଜି ଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବାରିପଦା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଶ୍ରୀ ସିଂ ବେତନଟୀ ବ୍ଲକର ମେର୍ଦ୍ଦା, ମୁକ୍ତାପୁର ଏବଂ ଚାଞ୍ଚିପଦା ପଞ୍ଚାୟତରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ।

## ଅବକାରୀ ବିଭାଗ ଚଢଉ; ମଦ ଓ ପୋଚ ଜବତ

କୁଆମରା, ୭।୧୧(ସମିସ): ଅବକାରୀ ବିଭାଗ ଇନିସପେକ୍ଟର ସଞ୍ଜୟ କାଣ୍ଡିଙ୍କ ତତ୍ତ୍ୱାବଧାନରେ ଆଜି ଖୁଣ୍ଟା ଓ ଉଦଳା ଅବକାରୀ ବିଭାଗ ପକ୍ଷରୁ ଖୁଣ୍ଟା ଥାନା ଅନ୍ତର୍ଗତ କେନ୍ଦୁଆମୁଣ୍ଡିଠାରେ ନିର୍ଜନ ସ୍ଥାନରେ ଥିବା ଦେଶୀ ମଦ କାରଖାନା ଉପରେ ଚଢ଼ଉ କରାଯାଇଥିଲା। ହେଲେ ଚଢଉ ପୂର୍ବରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ୧୮୫ ଲିଟର ଦେଶୀ ମଦ ଓ ୨୩୫୦ କେଜି ପୋଚକୁ ଜବତ କରିଛି ଅବକାରୀ ବିଭାଗ। ଏ ନେଇ ଏକ ମାମଲା ରୁଜୁ କରିଛି ଖୁଣ୍ଟା ଅବକାରୀ ବିଭାଗ। ଚଢଉରେ ଉଦଳା ଓଆଇସି ସୂର୍ଯ୍ୟକାନ୍ତ ମଲ୍ଲିକ, ଖୁଣ୍ଟା ଅବକାରୀ ବିଭାଗ କର୍ମଚାରୀ କୃଷ୍ଣଚନ୍ଦ୍ର ସେଠୀ, କିଶୋର ଚନ୍ଦ୍ର ସୋରେନ, ନିରଞ୍ଜନ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

## ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ



କରଞ୍ଜିଆ, ୭।୧୧(ସମିସ): କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡିହା ରଘୁନାଥ ଡିଗ୍ରୀ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସାଇବର ଠକେଇ କର୍ମଶାଳା ଓ ଏକ ସଚେତନତା କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସାଇବର ଠକେଇ ମାମଲାରେ ଅଧିକ ଯୁବ ସମାଜ ଠକେଇର ଶିକାର ହେଉଛନ୍ତି। ଅଧିକ ଅର୍ଥ ହାସଲ କରିବା, ଲୋଭନୀୟ ଚାକିରି ମୋହରେ ପଡ଼ିବା, ଅଚିହ୍ନା ଲୋକଙ୍କୁ ଓଟିପି ଦେବା ଆଦିରୁ ଦୂରେଇ ରହିବାକୁ କର୍ମଶାଳାରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଡକ୍ଟର ଭାଗବତ ଲେଙ୍କା, ଅଧ୍ୟାପକ ତପନ କୁମାର ବେହେରା, ଜନ୍ମେଜୟ ଶତପଥୀ, ବନମାଳୀ ମହାନ୍ତ, କାଞ୍ଚନ କୁମାର ବାରିକ ପ୍ରମୁଖ ଯୋଗଦାନ କରିଥିଲେ।

## ସାଇବର ସୁରକ୍ଷା ସଚେତନତା ରଥ ପରିକ୍ରମା

ମହୁଲଡିହା, ୭।୧୧(ସମିସ ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଓ ମହୁଲଡିହା ଥାନା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ରଥ ପରିକ୍ରମା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରିପଦା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ ଯୋଗଦେଇ ସୋସିଆଲ ମିଡ଼ିଆ ବ୍ୟବହାର ଉପରେ ସତର୍କତା, ଅନଲାଇନ ଆର୍ଥିକ କାରବାର, କେୱାଇସି ଠକେଇ ରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁମଣି ଜେନା ଯୋଗଦେଇ ଅନଲାଇନ କ୍ରୟ ଏବଂ ବିକ୍ରୟ ଠକେଇ, ଟାୱାର ବସେଇବା ଠକେଇ, ଚାକିରି ଠକେଇ, ଲୋନ୍ ଦେବାକୁ କହି ଠକେଇ ରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ, ବାରିପଦା ସାଇବର ଥାନା ଅଧିକାରୀ ସଦାନନ୍ଦ ନାଏକ, ଠାକୁରମୁଣ୍ଡା ଥାନା ଏସ ଆଇ ଅନିତା ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ, ସମାଜସେବୀ ବସନ୍ତ କୁମାର ପୈବର୍ତ୍ତୀ ଯୋଗେ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।

## ଛାଡ଼ଖାଇରେ ଆମିଷ ବଜାରରେ ପ୍ରବଳ ଭିଡ଼

ରାଇରଙ୍ଗପୁର, ୭।୧୧(ସମିସ): ପୁଣ୍ୟ କାର୍ତ୍ତିକ ମାସ ବ୍ରତ ଶେଷହେବା ପରେ ଶୁକ୍ରବାର ଛାଡ଼ଖାଇ ବଜାରରେ ପ୍ରବଳ ଭିଡ ଦେଖିବାକୁ ମିଳିଛି। ଗୁରୁବାରରେ ଛାଡ଼ଖାଇ ପଡ଼ିଥିବାରୁ ଆମିଷ ବଜାର ମାନ୍ଦା ଥିଲା। ତେବେ ଶୁକ୍ରବାର ଆମିଷ ବାରରେ ଆମିଷ ବଜାରରେ ଭିଡ଼ ଜମିଛି; ଯାହାକୁ ନେଇ ରାଇରଙ୍ଗପୁର ଅଞ୍ଚଳର ଆମିଷ ବ୍ୟବସାୟୀ ଭଲ ବେପାର କରିଛନ୍ତି। ତେବେ ଆମିଷ ବଜାରରେ ଦରଦାମ ମଧ୍ୟ ଉପର ମୁହାଁ ରହିଥିଲା। କଚେରୀ ମାର୍କେଟ, କଣ୍ଟାବଣି, ଲିଙ୍କ ରୋଡ, ଅସନବଣି ଛକ ସମେତ ଅନ୍ୟାନ୍ୟ ସ୍ଥାନରେ ଥିବା ଆମିଷ ଦୋକାନରେ ସକାଳୁ ସକାଳୁ ଲୋକଙ୍କ ପ୍ରବଳ ଗହଳି ରହିଥିଲା। ବଜାରରେ କିଲୋ ପ୍ରତି ବ୍ରୟଲର ଚିକେନ ୨୫୦ରୁ ୩୦୦ଟଙ୍କା, ଦେଶୀ ଚିକେନ ୫୦୦ରୁ ୭୦୦ଟଙ୍କା, ମଟନ ୭୫୦ରୁ ୮୦୦ଟଙ୍କା, ଚିଙ୍ଗୁଡ଼ି ୬୦୦ଟଙ୍କା, ମାଛ ୨୦୦ରୁ ଆରମ୍ଭ କରି ୪୦୦ଟଙ୍କା ରହିଥିଲା।

## ଇତିହାସ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଓ ପୁରାତନ ଛାତ୍ର ସମ୍ମିଳନୀ



କୁଆମରା, ୭।୧୧(ସମିସ); ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟରେ ଇତିହାସ ବିଭାଗ ତରଫରୁ ପ୍ରଥମ ବର୍ଷର ବିଦ୍ୟାର୍ଥୀଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଓ ପ୍ରାକ୍ତନ ଛାତ୍ରଙ୍କ ସମ୍ମିଳନୀ ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ବିଭାଗୀୟ ଅଧ୍ୟାପକ ପ୍ରଦୀପ କୁମାର ବେହେରା ଓ ଅଧ୍ୟାପିକା ପ୍ରତିଭା ମଞ୍ଜରୀ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀ ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହେବା ସହ ନିଜକୁ ସମାଜରେ ସୁପ୍ରତିଷ୍ଠିତ କରିପାରିବେ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ତତ୍ ସଂଲଗ୍ନ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ନିମନ୍ତେ ଉପଯୁକ୍ତ ମାର୍ଗପ୍ରଦର୍ଶନ କରିଥିଲେ। ଏହି ଉତ୍ସବରେ ବୋନାଲିସା ସେନାପତି ଓ ରଞ୍ଜିତା ସିଂ ସ୍ୱାଗତ ଭାଷଣ ଦେଇଥିଲେ।

## ଦୁଇ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ଚୋରି

ବୈଶିଙ୍ଗା, ୭।୧୧(ସମିସ): ବୈଶିଙ୍ଗା ଥାନା ଅଧୀନ କଳମା ଏବଂ ଖଇରିବଣି ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ଦୁଇଟିଯାକ ମନ୍ଦିରରୁ ୧୨ଟି ଫ୍ୟାନ ଏବଂ ଇନଭର୍ଟର ଓ ବ୍ୟାଟେରୀ ଚୋରି ହୋଇଛି। ବୁଧବାର ସନ୍ଧ୍ୟା ୫ ଘଟିକା ସମୟରେ ସମସ୍ତ କର୍ମଚାରୀଙ୍କ ସମେତ କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ଘରକୁ ଯାଇଥିଲେ। ମାତ୍ର ଗୁରୁବାର ସକାଳେ ଦେଖିବା ବେଳକୁ ବାହାର ଗେଟର ତାଲା ଭଙ୍ଗା ଯିବା ସହ ସମସ୍ତ ଦ୍ୱାରର ତାଲା ମଧ୍ୟ ଭଙ୍ଗା ଯାଇଥିଲା। ମନ୍ଦିରରେ ଲାଗିଥିବା ୧୨ଟି ଫ୍ୟାନ ଚୋରି ହୋଇଯାଇଛି। ଏନେଇ କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ବୈଶିଙ୍ଗା ପୁଲିସକୁ ଖବର ଦେବା ସହ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ସେହିପରି ଖଇରିବଣି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ତାଲା ଭଙ୍ଗାଯାଇ ଗୋଟିଏ ଇନଭର୍ଟର ଓ ବ୍ୟାଟେରୀ ଚୋରି ହୋଇଛି। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି।

## ଗୋରୁମହିଷାଣି ହାଟରୁ ବାଇକ ଚୋରି

ରାଇରଙ୍ଗପୁର, ୭।୧୧(ସମିସ): ଗୁରୁବାର ଗୋରୁମହିଷାଣି ହାଟରୁ ଏକ ବାଇକ ଚୋରି ହୋଇଛି। ଏନେଇ ପଡ଼ିଆ ଅଞ୍ଚଳର ଦଳବାଦଲ ମାଝୀ ଗୋରୁମହିଷାଣୀ ଥାନାରେ ଅଭିଯୋଗ କରିଛନ୍ତି। ସେ ହାଟକୁ ସଉଦା ଆଣିବାକୁ ଯାଇଥିବା ବେଳେ ହାଟ ସମ୍ମୁଖ ରାସ୍ତା କଡରେ ବାଇକ ପାର୍କିଂ କରିଥିଲେ। ଫେରିକି ଆସିଲା ବେଳକୁ ଉକ୍ତ ସ୍ଥାନରେ ବାଇକ ନଥିଲା। ବହୁ ଖୋଜାଖୋଜି ପରେ ବାଇକ ପାଇନଥିଲେ। ପରେ ସେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।

## ସାଇବର ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ



ବୈଶିଙ୍ଗା, ୭।୧୧(ସମିସ): ଗତମାସ ୧୮ ତାରିଖରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ପୁଲିସ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସାଇବର ସୁରକ୍ଷା ସଚେନତା ଅଭିଯାନ କାଯ୍ୟକ୍ରମକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ବାବେ ଉଦଘାଟନ କରିଥିବା ବେଳେ ଏହି ପରିପ୍ରେକ୍ଷୀରେ ବ୍ୟାପକ ଜନସଚେନତା ନିମନ୍ତେ ବିଭିନ୍ନ ଜିଲ୍ଲା ପରିକ୍ରମା କରୁଥିବା ସଚେତନତା ରଥ କଳମାରେ ପହଞ୍ଚିଥିଲା। ପରେ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବୈଶିଙ୍ଗା ର ବିଭିନ୍ନ ସ୍ଥାନରେ ସାଇବର ସୁରକ୍ଷା ସମ୍ପର୍କିତ ଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରଥମେ କଳମାଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଉଦଘାଟନ କରିଥିଲେ। କିଭଳି ଅଦୃଶ୍ୟ ଠକ ଲୋଭନୀୟ ତଥା ଆକର୍ଷଣୀୟ ଉପହାର ପ୍ରଦାନ ଠାରୁ ଆରମ୍ଭ କରି ନିଜକୁ ବ୍ୟାଙ୍କ ଅଧିକାରୀ ଭାବେ ପରିଚୟ ଦେଇ ଓଟିପି ହାତେଇବା ପରେ ଜମାଖାତାରୁ ଲକ୍ଷଲକ୍ଷ ଟଙ୍କା ଆଖିପିଛୁଳାକେ ଠକି ନେଉଛନ୍ତି ସେନେଇ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲ। ସେହିପରି ନିଜକୁ ପୁଲିସ ଅଧିକାରୀ ପରିଚୟ ଦେଇ ନିକଟ ସମ୍ପର୍କୀୟ ଗିରଫ ହୋଇଥିବା ଏବଂ ଗିରଫଦାରୀକୁ ଏଡାଇବାର ପ୍ରତିଶ୍ରୁତି ଦେଇ ପର୍ଯ୍ୟାୟକ୍ରମେ ଲକ୍ଷଲକ୍ଷ ଟଙ୍କା ଠକି ନେଉଛନ୍ତି ସେନେଇ ମଧ୍ୟ ଚଳଚ୍ଚିତ୍ର ପ୍ରଦର୍ଶନ ମାଧ୍ୟମରେ ସଚେତନ କରାଯାଇଥିଲା। ତେବେ କୌଣସି ଅପରିଚିତ ବ୍ୟକ୍ତି କିମ୍ବା ଅଜଣା ନମ୍ବରରୁ ଆସୁଥିବା ଫୋନକଲରେ ନିଜର ବ୍ୟକ୍ତିଗତ ଫଟୋ, ଭିଡିଓ କିମ୍ବା କୋଣସି ପ୍ରକାର ତଥ୍ୟ ତଥା ବ୍ୟାଙ୍କ ଆକଉଣ୍ଟ ସମ୍ପକୀତ କୌଣସି ତଥ୍ୟ ଅଥବା ଓଟିପି ନଦେବାକୁ ପରାମର୍ଶ ଦିଆଯାଇଥିଲା। ଯଦି କେହି କୌଣସି ପରିସ୍ଥିତିରେ ଅଦୃଶ୍ୟଠକଙ୍କ ଶୀକାର ହୁଅନ୍ତି ତାହେଲେ ତୁରନ୍ତ ଟୋଲ ଫ୍ରି ନମ୍ବର ୧୯୩୦ରେ କଲ କରି ଅଭିଯୋଗ ଦାଖଲ କରିବା ସ୍ହିତ ନିକଟତମ ପୁଲିସଷ୍ଟେସନ ଏବଂ ସାଇବର ପୁଲିସର ତୁରନ୍ତ ସହାୟତା ନେବାକୁ ପରାମର୍ଶ ଦିଆଯାଇଥିଲା। ଥାନା ଅଧିକାରୀ ବାରିଣୀ ଦାସଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ସାଇବର ସୁରକ୍ଷା ସମ୍ପର୍କୀତ ସଚେତନତା ରଥ କଳମା, ଗଡ଼ଦେଉଳିଆ, ବୈଶିଙ୍ଗା ବଜାର ଆଗ୍ରିଆ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା।

## ଟୁଣାଗମ୍ଭାରିଆ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ବଡସାହି, ୭।୧୧(ସମିସ): ବଡସାହି ବ୍ଲକ ଚନ୍ଦନପୁର ପଞ୍ଚାୟତ ଟୁଣାଗମ୍ଭାରିଆ ଗ୍ରାମରେ ଏକ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ମା' କାଳିକା କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ୪ର୍ଥ ସଂସ୍କରଣରେ ବଡସାହି ଓ ବେତନଟୀ ବ୍ଲକର ୧୫ଟି ପଞ୍ଚାୟତର ବଛାବଛା ଯୁବ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ସରପଞ୍ଚ ହରିଶ୍ଚନ୍ଦ୍ର ମୁର୍ମୁ, ସମିତିସଭ୍ୟ ମିନତୀ ପାତ୍ର ଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଦିବ୍ୟାଂଶ ଫାଇଟର, ମାନଗୋବିନ୍ଦପୁର ଓ ଜଗନ୍ନାଥ ୱାରିଅର୍ସ, ଦୁର୍ଗାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେଦିବ୍ୟାଂଶଫାଇଟରଦଳଟସଜିଣିପ୍ରଥମେବୋଲିଂକରିବାର ନିଷ୍ପତ୍ତି ନେଇଥିଲା। ଜଗନ୍ନାଥ ୱାରିୟର୍ସ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା। ଜବାବରେ ଦିବ୍ୟାଂଶ ଫାଇଟର ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୧୫ରନ ସଂଗ୍ରହ କରି ଉଦଘାଟନୀ ମ୍ୟାଚରେ ବିଜୟ ହୋଇଛି।

## ରାଜସ୍ୱ କାର୍ଯ୍ୟାଳୟରୁ ଚୋରି

ରାଇରଙ୍ଗପୁର, ୭।୧୧(ସମିସ): ସାତକୋଶିଆ ରାଜସ୍ୱ କାର୍ଯ୍ୟାଳୟରୁ ଚୋରି ହୋଇଛି। ଏନେଇ ରାଜସ୍ୱ ନିରୀକ୍ଷକ ଅବିନାଶ କୁମାର ନାଏକ ମହୁଲଡିହା ଥାନାରେ ଅଭିଯୋଗ କରିଛନ୍ତି। ସେ ସବୁ ଦିନ ପରି ସକାଳ ୧୦ ସମୟରେ କାର୍ଯ୍ୟାଳୟ ଖୋଲିବା ବେଳକୁ ତାଲା ଭଙ୍ଗା ହେଇକି ଥିଲା। କାର୍ଯ୍ୟାଳୟରେ ଥିବା ଇନଭର୍ଟର, ବ୍ୟାଟେରୀ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଛନ୍ତି। ଜରୁରୀ କାଗଜପତ୍ର ଗୁଡ଼ିକ ଆଲମାରୀରୁ ବାହାରକରି ନଷ୍ଟ କରିଛନ୍ତି ଦୁର୍ବୃତ୍ତ। ଅନ୍ଧାରର ସୁଯୋଗ ନେଇ କାଣ୍ଡ ଭିଆଇଛନ୍ତି ଦୁର୍ବୃତ୍ତ। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି।

## ପାରିବାରିକ କଳହରୁ ଗଣ୍ଡଗୋଳ

ବଡ଼ସାହି, ୭।୧୧(ସମିସ): ବଡସାହି ଥାନା ଅଧୀନ ଉଠାଣୀନୂଆଗାଁ ଗ୍ରାମର ପାରିବାରିକ କଳହକୁ ନେଇ ସେହି ଗ୍ରାମର ଦଉହରି ବେହେରାଙ୍କୁ ତାଙ୍କ ସାନ ଭାଇ ଦୀନବନ୍ଧୁ ବେହେରା ଓ ତାଙ୍କ ସ୍ତ୍ରୀ ମିଶି ଗାଳିଗୁଲଜ କରିବା ସହିତ ମାଡ ମାରିଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କୁ ବିଭିନ୍ନ ଧମକଚମକ ଦିଆଯାଇଥିବା ନେଇ ମଧ୍ୟ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112


# ଆଦିବାସୀ ଗ୍ରାମ ସମାଜରେ ସାମାଜିକ ବାସନ୍ଦ ବନ୍ଦ ଦାବି

ଉଦଳା, ୭ ।୧୧(ସମିସ): ଆଦିବାସୀ ସେଙ୍ଗେଲ ଯୁବା ମୋର୍ଚ୍ଚା ଜିଲ୍ଲା ସଭାପତି ସହ କପ୍ତିପଦା ଉପଖଣ୍ଡ ସେଙ୍ଗେଲ ପାର୍ଗାନା ଉଦୟନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ଉଦଳା ଉପଜିଲ୍ଲାପାଳ ସମେତ ବିଡ଼ିଓ, ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଆଦିବାସୀ ସମାଜକୁ ଅଣଦେଖା କରୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆଦିବାସୀ ସ୍ୱଶାସନ ନାମରେ ଚାଲିଥିବା ମାଝୀ-ପାର୍ଗାନା ବ୍ୟବସ୍ଥାର ପ୍ରମୁଖଙ୍କ ଦ୍ୱାରା ବାରମ୍ବାର ସମ୍ବିଧାନ, ଆଇନ, ମାନବାଧିକାର, ମୌଳିକ ଅଧିକାର ଆଦିକୁ ହତ୍ୟା କରାଯାଉଛି ଏବଂ ଗଣତନ୍ତ୍ର ବ୍ୟବସ୍ଥାକୁ ଉଲଂଘନ କରାଚାଲିଛି। ପ୍ରତ୍ୟେକ ଆଦିବାସୀ ଗ୍ରାମ ସମାଜରେ ମାଝୀ-ପାର୍ଗାନାଙ୍କ ଗୁଣ୍ଡାରାଜ ଶାସନ ଚାଲିଛି। ଏହାକୁ ସମାପ୍ତ କରାଯିବା ପାଇଁ ଲଗାତାର ଦାବି ସତ୍ତ୍ୱେ ଏଥିରେ କୌଣସି ସାକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପ୍ରତ୍ୟେକ ଆଦିବାସୀ ଗ୍ରାମରେ ମଦ, ହାଣ୍ଡିଆ



ପରି ଘାତକ ନିଶାଦ୍ରବ୍ୟ ସେବନ, ବୁଢା-ବୁଢୀକୁ ଡାହାଣୀ ନାମରେ ହତ୍ୟା, ପ୍ରତାରଣା, ନିରୀହ ଲୋକଙ୍କୁ ମନଇଚ୍ଛା ଜରିମାନା, ସାମାଜିକ ବାସନ୍ଦ ଆଦି ଘୋର ଅନ୍ୟାୟ, ଅତ୍ୟାଚାର, ଶୋଷଣ ଜାରି ରହିଛି। ତେବେ ସମ୍ବିଧାନ, ଆଇନ, ମାନବାଧିକାର ଏବଂ ଗଣତନ୍ତ୍ର ଆଦି ବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟପାଳିକାର ଦାୟିତ୍ୱ ଥିବା ସତ୍ତ୍ୱେ ନୀରବ। ବାରମ୍ବାର ଦାବି ସତ୍ତ୍ୱେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ସହିତ ବିଡ଼ିଓ, ତହସିଲଦାର ଏବଂ ପୁଲିସ ପ୍ରଶାସନ ନୀରବ ରହୁଛନ୍ତି। ଏହିପରି ଅପରାଧିକ ମାମଲା ଏବଂ ବେଆଇନ କାର୍ଯ୍ୟରେ ସମସ୍ତ ପୁଲିସ ଏବଂ ପ୍ରଶାସନ ଏହାକୁ ଆଦିବାସୀଙ୍କ ସାମାଜିକ ସମସ୍ୟା ବୋଲି କହି ହାତ ଝାଡିଦେଉଛନ୍ତି ବୋଲି ସେଙ୍ଗେଲ ନେତାମାନେ ଅଭିଯୋଗ କରିଛନ୍ତି। ଯାହାକି ଭାରତୀୟ ନାଗରିକଙ୍କ ବିରୋଧରେ ଏକ ଅପରାଧ ଭଳି କାର୍ଯ୍ୟ କରାଯାଉଛି। ଆଦିବାସୀ ସ୍ୱଶାସନ ମାଝୀ-ପାର୍ଗାନା ବ୍ୟବସ୍ଥାକୁ ଅବିଳମ୍ବେ ଜନତାନ୍ତ୍ରିକ ଏବଂ ସାମ୍ବିଧାନିକ ସୁଧାର କରାଯିବା ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ନିମାଇଁ ମୁର୍ମୁ ପଞ୍ଚାୟତ ସଭାପତି ଶରତ, ଭୋଳାନାଥ ହାଁସଦା ସେଙ୍ଗେଲ ପାର୍ଗାନା କପ୍ତିପଦା ବ୍ଲକ, ସୁଦର୍ଶନ ମାର୍ଣ୍ଡି ପଞ୍ଚାୟତ ସେଙ୍ଗେଲ ସଭାପତି ବାହାନଡା, ହିନ୍ଦୁ ମାର୍ଣ୍ଡି, ରାବନ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶ୍ରୀକାନ୍ତ କୁମାର ମହାନ୍ତି
କାଳୀମେଘା, ତିହିଡ଼ି, ଭଦ୍ରକ
ଆବିର୍ଭାବ : ୨୫-୦୫-୧୯୬୨ / ତିରୋଧାନ : ୦୮-୧୧-୨୦୨୪
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ: ପୁତ୍ର-ମାନବେଶ, କନ୍ୟା- ଶ୍ରୀବଲ୍ଲୀ, ବନ୍ଧୁ ଓ ପରିବାରବର୍ଗ

### ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଘାଟିତ

# ୨୬ ବ୍ଲକର ୧୪୦୦ ପ୍ରତିଯୋଗୀ ସାମିଲ





ବାରିପଦା, ୭ ।୧୧(ସମିସ): ମୟୂରଭଞ୍ଜ ସମଗ୍ର ଶିକ୍ଷା ତରଫରୁ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସମାରୋହରେ ସହିଦ ସ୍ମୃତି ଭବନରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ବ୍ଲକସ୍ତରରୁ କୃତିତ୍ୱ ଅର୍ଜନ କରି ଜିଲ୍ଲାସ୍ତରକୁ ଆସିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ୱାଗତ ଜଣାଇଥିଲେ। ବିଧାୟିକା ପିଲାଙ୍କୁ ମାନସିକ ସ୍ତରରେ ଦୃଢ଼ ରହିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଜୀବନରେ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଅନୁପ୍ରାଣିତ କରିଥିଲେ। ସୁରଭି ମହୋତ୍ସବ ହେଉଛି ପାଠ୍ୟ ଖସଡ଼ା ବାହାରେ ଏକ ଶିକ୍ଷା; ଯାହାକି ପିଲାମାନଙ୍କୁ ଗଢି ତୋଳିବାର ଏକ ମାଧ୍ୟମ। ଏହି ଅବସରରେ ୩୨ଟି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ୧୧ତାରିଖଠାରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ୬ଟି ବିଭାଗରେ ଭିନ୍ନକ୍ଷମ ପିଲାମାନେ ଅଂଶଗ୍ରହଣ କରିଥିଲେ। ବିଧାୟିକା ଦଳଗତ ଭାବେ ଅଂଶଗ୍ରଣ କରି ନୃତ୍ୟ କରୁଥିବା ଦଳଗୁଡିକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୬ଟି ବ୍ଲକରୁ ୧୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମସ୍ତ ବ୍ଲକରୁ ବିଇଓ, ଏବିଇଓ, ଶିକ୍ଷକ, ଭିନ୍ନକ୍ଷମ ପିଲାଙ୍କର ପିତାମାତା ଓ ଓଡିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ମଧ୍ୟ ଯୋଗ ଦେଇଥିଲେ। ଶିକ୍ଷକ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା ଓ ଅତିରିକ୍ତ ଶିକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସ୍କାଉଟ୍ସ ଗାଇଡ଼ର ୭୫ତମ ପ୍ରତିଷ୍ଠା ଦିବସ




ମୋରଡା,୭।୧୧(ସମିସ): ମୋରଡା ବ୍ଲକ ଚିତ୍ରଡା ମହାବିଦ୍ୟାଳୟରେ ଶୁକ୍ରବାର ସ୍କାଉଟ ଗାଇଡ଼ର ୭୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଫ୍ଲାଗ ହୋଷ୍ଟିଙ୍ଗ କରି ଛାତ୍ରଛାତ୍ରୀ ରାଲି କରି ସ୍କାଉଟ ଗାଇଡ଼ମାନେ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ବ୍ଲକ ପରିସରକୁ ଯାଇ ଲୋକମାନଙ୍କ ନିକଟରୁ ଆର୍ଥିକ ସହାୟତା ମାଗିଥିଲେ। ଏହି ସମୟରେ ଆଜି ପଞ୍ଚାୟତ ସମିତିକୁ ଆସିଥିବା ଗଣମାଧ୍ୟମ ପ୍ରତିନିଧି, ସରପଞ୍ଚ ଏବଂ ଅଧିକାରୀ ପିଲା କାର୍ଯ୍ୟକୁ ଉତ୍ସାହିତ କରିବା ସହିତ ଆର୍ଥିକ ସହାୟତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇପ୍ସିତା ସାହୁ, ରୋହିତ ମୁଖୀ, ଲକ୍ଷ୍ମୀ ପ୍ରିୟା ପାତ୍ର, ରୁପାଲି ମାତ୍ର, ରଶ୍ମିମୟୀ ସେଠୀ ସମେତ ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

## ବିଶ୍ୱବିଦ୍ୟାଳୟରେ 'ବନ୍ଦେ ମାତରଂ'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ



ବାରିପଦା, ୭ ।୧୧(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ 'ବନ୍ଦେ ମାତରଂ'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ହୋଇଯାଇଛି। ୧୮୭୫ ମସିହା ନଭେମ୍ବର ୭ ତାରିଖରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି ଗୀତଟି ତାଙ୍କରି ଉପନ୍ୟାସ ଆନନ୍ଦମଠରେ ସ୍ଥାନିତ ହୋଇଥିଲା। ଏହାର ୧୫୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀ ସମୂହ 'ବନ୍ଦେ ମାତରମ୍' ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଅଧ୍ୟକ୍ଷତା କରି 'ବନ୍ଦେ ମାତରମ୍' ଭଳି ଏକ କାଳଜୟୀ ଗୀତ ସମସ୍ତଙ୍କ ମନରେ ଦେଶପ୍ରେମ ଉଦ୍‌ବୁଦ୍ଧ କରିବାରେ ସହାୟକ ହୋଇଛି ବୋଲି ସେ କହିଥିଲେ। ଛାତ୍ରଛାତ୍ରୀଙ୍କୁ ଦେଶମାତୃକାର ସେବାରେ ବ୍ରତୀ ହେବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜିକା ଡ. ମୋନାଲି ଗୋସ୍ୱାମୀ, ଡ. ଶାନ୍ତିସ୍ୱରୂପ ବସା, ଡ. ବିଷ୍ଣୁପ୍ରିୟା ହାଁସଦା, ଡ. ଶିଶିର ବେହେରା, ଡ. ଯତୀନ୍ଦ୍ର ନାଥ ବେଶ୍ରା, ଡ. ଭୁବନେଶ୍ୱର ଶବର ପ୍ରମୁଖ ପରିଚାଳନା କରିଥିଲେ।

## 'ପ୍ରତିଶ୍ରୁତି' ପକ୍ଷରୁ ଆଦିକବି ସାରଳା ଦାସ ଜୟନ୍ତୀ



ବାରିପଦା, ୭ ।୧୧(ସମିସ): ଦୀର୍ଘ ୪୩ ବର୍ଷ ଧରି ମୟୂରଭଞ୍ଜର ବାରିପଦାରୁ ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଉଥିବା ସାହିତ୍ୟ ସଂସ୍କୃତି ମୂଳକ ତ୍ରୈମାସିକ ପତ୍ରିକା 'ପ୍ରତିଶ୍ରୁତି' ପକ୍ଷରୁ ଓଡିଆ ସାହିତ୍ୟର ଆଦିକବି ସାରଳା ଦାସଙ୍କ ଜୟନ୍ତୀ ଉତ୍ସବ ସ୍ଥାନୀୟ ରଘୁନାଥପୁର ସାଇ ଆଦର୍ଶ ବିଦ୍ୟାମନ୍ଦିର ପରିସରରେ ପ୍ରତିଷ୍ଠାନର ସଭାପତି ଡା ପାର୍ଥସାରଥୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ତଥା ବିଦ୍ୟାମନ୍ଦିରର ସମ୍ପାଦିକା ମୀନାରାଣୀ ସାହୁ ମୁଖ୍ୟଅତିଥି, କବି ଓ ସାହିତ୍ୟିକ ତଥା ପତ୍ରିକାର ସମ୍ପାଦକ ଭାଗବତ ପଣ୍ଡା ମୁଖ୍ୟବକ୍ତା, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମନ୍ତ୍ରୀ ଓ ଶିକ୍ଷକ ଅଶୋକ କୁମାର ବୁଗୁଡେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥଲେ। ମୁଖ୍ୟଅତିଥି ଶ୍ରୀମତୀ ସାହୁ କବିଙ୍କ ଜୀବନାଦର୍ଶ ସମ୍ପର୍କରେ ଅଭିବ୍ୟକ୍ତି ପ୍ରକାଶ କରିଥିବା ବେଳେ ମୁଖ୍ୟବକ୍ତା ଅଭିଭାଷଣରେ ଉତ୍କଳର ବ୍ୟାସ, ମାଟିର ମହାକବି ଶୁଦ୍ରମୁନି ସାରଳା ଦାସ ଦେବୀ ସାରଳାଙ୍କ କୃପାଲାଭ କରି କିପରି ସିଦ୍ଧେଶ୍ୱର ପରିଡାରୁ ସାରଳା ଦାସ ହୋଇ ବିରାଟ ଗ୍ରନ୍ଥ ମହାଭାରତ, ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ ଓ ଲକ୍ଷ୍ମୀନାରାୟଣ ବଚନିକା ଭଳି ଗ୍ରନ୍ଥ ରଚନା କରି ସାହିତ୍ୟ ଇତିହାସରେ ଆଦିକବି ଭାବରେ ସ୍ୱୀକୃତିଲାଭ କରିଥିଲେ ସେ ନେଇ ବଖାଣି ଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ହରିପ୍ରିୟା ଦାଶ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ କମଳ ଲୋଚନ ସାହୁ ଓ ଶିକ୍ଷକ ସିଦ୍ଧାର୍ଥ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରୀ ସ୍ମୃତିପ୍ରଭା ସାହାଣୀ, ଅଲିଭା ମହାନ୍ତ ଓ ଓମପ୍ରକାଶ ଜେନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରତିଶ୍ରୁତି ତରଫରୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଧାନ କରାଯାଇଥିଲା। ପରିଶେଷରେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତଃ ପଞ୍ଚାୟତ ଫୁଟବଲ ପ୍ରତିଯୋଗିତା



କରଞ୍ଜିଆ,୭।୧୧(ସମିସ): କରଞ୍ଜିଆ କ୍ରୀଡା ସଂସଦ ଆନୁକୂଲ୍ୟରେ ଆନ୍ତଃ ପଞ୍ଚାୟତ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିନର ଖେଳ ପ୍ରଥମ ରାଉଣ୍ଡରେ ସାରଙ୍ଗଗଡ ପଞ୍ଚାୟତ ବନାମ ବାଟପଲସା ପଞ୍ଚାୟତ ମଧ୍ୟରେ ହେବାର ଥିଲା; କିନ୍ତୁ ସାରଙ୍ଗଗଡ ଦଳ ଅନୁପସ୍ଥିତ ଥିବାରୁ ୱାକଓଭର ପାଇ ବାଟପଲସା ପଞ୍ଚାୟତ ପାଟବିଲ ପଞ୍ଚାୟତ ମଧ୍ୟରେ ଦ୍ୱିତୀୟ ରାଉଣ୍ଡ ଖେଳ ହୋଇଥିଲା। ମୁଖ୍ୟ ଅତିଥି ଡ଼ା ଜନାର୍ଦ୍ଦନ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରଭାକର ବାଗସିଂ, ସହ ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ, ସୁବାସ ମହାନ୍ତି, ମନମୋହନ ସାମଲ, ଗୌରୀ ଶଙ୍କର ସିହ୍ନା, କାବୁଲୁ ଚନ୍ଦ୍ର ରାଉଳ ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ। ଖେଳ ଶେଷ ସୁଦ୍ଧା ଉଭୟ ଦଳ ୧-୧ ଗୋଲ ଦେଇଥିଲେ। ପରେ ଟାଇବ୍ରେକାର ଜରିଆରେ ପାଟବିଲ ପଞ୍ଚାୟତ ୫-୪ ଗୋଲରେ ବିଜୟୀ ହୋଇଥିଲା। ଆଜିର ଖେଳକୁ ସନ୍ତୋଷ ମହାକୁଡ, ନାରାୟଣ ହାଁସଦା, କେଶବ ସୋରେନ, ଯୋଗେନ୍ଦ୍ର ମାଝୀ ପରିଚାଳନା କରିଥିଲେ। ଆସନ୍ତା କାଲି ପ୍ରଥମ ରାଉଣ୍ଡ ବଳା ପଞ୍ଚାୟତ ବନାମ ଚିତ୍ରପୋଷି ପଞ୍ଚାୟତ ଓ ପ୍ରଥମ ରାଉଣ୍ଡର ବିଜେତା ବନାମ ବଡ଼ଗାଁ ପଞ୍ଚାୟତ ମଧ୍ୟରେ ହେବ।

## ଶରତରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସ୍ଥାପନ ଦାବିକଲା ବିକାଶ ମଞ୍ଚ



ବାରିପଦା, ୭ ।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ଅଞ୍ଚଳ କପ୍ତିପଦା ବ୍ଲକର ଶରତଠାରେ ଏକ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସ୍ଥାପନ ପାଇଁ ଶରତ ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଜରିଆରେ ମଞ୍ଚର ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ଏବଂ ଯୁଗ୍ମ ସମ୍ପାଦକ ନବୀନ ମୁଣ୍ଡୁରୀ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଆଦିବାସୀ ବହୁଳ ଶରତ ଅଞ୍ଚଳ ଶିକ୍ଷା କ୍ଷେତ୍ରରେ ବହୁ ପଛୁଆ ହୋଇରହିଛି। ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଏହି ଅଞ୍ଚଳରେ ଶିକ୍ଷିତ ମହିଳାଙ୍କ ସଂଖ୍ୟା ଅତ୍ୟନ୍ତ କମ। ଏଥିସହିତ ଶରତ ଅଞ୍ଚଳରେ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ସ୍ତରରେ ପାଠ ପଢୁଥିବା ଅନେକ ଛାତ୍ରୀ ଆବାସିକ ବିଦ୍ୟାଳୟର ସୁବିଧା ଅଭାବରୁ ପାଠ ଛାଡ଼ି ଦେଉଛନ୍ତି। ଶରତ ଅଞ୍ଚଳରେ ଗରିବ ଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକେ ବସବାସ କରୁଥିବା ବେଳେ ସେମାନେ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ତେଣୁ ସେମାନଙ୍କ ପିଲାଙ୍କୁ ଦୂରଦୂରାନ୍ତରରେ ଥିବା ବିଦ୍ୟାଳୟକୁ ଉନ୍ନତ ମାନର ଶିକ୍ଷା ଗ୍ରହଣ କରିବା ପାଇଁ ପଠାଇପାରୁନାହାନ୍ତି। ତେଣୁ ଶରତଠାରେ ଏକ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସ୍ଥାପନ କରାଯାଇ ଶରତ ଅଞ୍ଚଳରେ ମହିଳାଙ୍କ ଶିକ୍ଷା ସୂଚକାଙ୍କରେ ଅଗ୍ରଗତି ଅଣାଯାଇ ପାରିବା ସହିତ ଉକ୍ତ ଅଞ୍ଚଳରେ ବାଲ୍ୟ ବିବାହ ରୋକାଯାଇ ପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗତ ୨୦୦୪ ମସିହା ଅଗଷ୍ଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରୀଙ୍କ ଆବାସିକ ବିଦ୍ୟାଳୟରେ ସୁବିଧା ପ୍ରାପ୍ତି ନିମନ୍ତେ ଅତିକମରେ ୭୫% ସ୍ଥାନ ସଂରକ୍ଷଣ ରହିଛି ଏବଂ ୨୫% ସ୍ଥାନ ନିମ୍ନ ଗରୀବ ଶ୍ରେଣୀର ପରିବାରର ଛାତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ। ଶିକ୍ଷା କ୍ଷେତ୍ରରେ ପଛୁଆ ଶରତ ଅଞ୍ଚଳ (୯ଟି ଗ୍ରାମ ପଞ୍ଚାୟତ) କପ୍ତିପଦା ବ୍ଲକରେ ଅବସ୍ଥିତ। କପ୍ତିପଦାରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସ୍ଥାପନ କରାଯାଇଥିଲେ ମଧ୍ୟ ଅନ୍ୟ ଏକ ନୂତନ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଶରତରେ ପ୍ରତିଷ୍ଠା କରାଯିବା ନିମନ୍ତେ ଦାବିପତ୍ରରେ ଦର୍ଶାଯାଇଛି।

## ବ୍ୟବସାୟୀଙ୍କୁ ଅପହରଣ ଘଟଣା; ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଲା ପୁଲିସ

ବେତନଟୀ,୭।୧୧(ସମିସ): ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଟୋଲ ପ୍ଲାଜା ନିକଟରୁ ଗତ ୨୩ ତାରିଖରେ ରାଇସ ମିଲ ମାଲିକ ସୁନୀଲ କୁମାର ଅଗ୍ରୱାଲଙ୍କୁ ନାଟକୀୟ ଢଙ୍ଗରେ ଅପହରଣ କରାଯାଇ ୮୦ଲକ୍ଷ ଟଙ୍କାର ମୁଣ୍ଡ ଜାମିନ ରଖି ପରିବାରକୁ ଖବର ଦେଇଥିଲେ ଅପହର୍ତ୍ତା। ପରିବାର ପକ୍ଷରୁ ୪୦ଲକ୍ଷ ଟଙ୍କା ଲୁଟେରାଙ୍କୁ ଦେବାପରେ ସେମାନେ ବ୍ୟବସାୟୀଙ୍କୁ ଛାଡିଦେଇଥିଲେ। ଏ ନେଇ ଶ୍ରୀ ଅଗ୍ରୱାଲ ଗତ ୩୧ ତାରିଖରେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ୧ ତାରିଖରେ ୪ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଏହି ଘଟଣାର ଦୁଇ ଦିନ ପରେ ଘଟଣାର ମାଷ୍ଟର ମାଇଣ୍ଡ ଓ ସହଯୋଗୀକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ମାମଲାରେ ଆଉ କେତେଜଣ ସମ୍ପୃକ୍ତ ଥିବାବେଳେ ସେମାନଙ୍କୁ ପୁଲିସ ଗିରଫ କରିପାରିନାହିଁ। ଘଟଣାର ଅଧିକ ତଦନ୍ତ କରିବା ଓ ଘଟଣାକୁ ଲୋକ ଲୋଚନକୁ ଆଣିବା ନିମନ୍ତେ ଗିରଫ ୬ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ରିମାଣ୍ଡରେ ଆଣିଥିବା ଉପଖଣ୍ଡ ପୁଲିସ ଅଧିକାରୀ ମୀନତି ବିଶ୍ୱାଳ ସୂଚନା ଦେଇଛନ୍ତି। ସେମାନେ ହେଲେ ଅରମାନ ଖାଁ, ରାଜେଶ ବାରିକ ଓ ଦାମୋଦର ରାଉତ।

### ରେଳବାଇ ଡିଆର୍‌ଏମ୍‌ଙ୍କ ଦିନିକିଆ ମୟୂରଭଞ୍ଜ ଗସ୍ତ

## ବାରିପଦା ଓ ବେତନଟୀ ରେଳଷ୍ଟେସନ ପରିଦର୍ଶନ



ବାରିପଦା, ୭ ।୧୧(ସମିସ): ଖଡ଼ଗପୁର ସ୍ଥିତ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ ଲଳିତ ମୋହନ ପାଣ୍ଡେ ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ରେଳପଥର ଅନୁଧ୍ୟାନ ସମେତ ବାରିପଦା ଓ ବେତନଟୀ ରେଳ ଷ୍ଟେସନ ପରିଦର୍ଶନ କରିଥିଲେ। ଅମୃତ ଭାରତ

### ଅମୃତ ଯୋଜନାରେ ସାମିଲ ହୋଇଛି ଦୁଇ ଷ୍ଟେସନ

ଷ୍ଟେସନ ଯୋଜନାରେ ନୂତନ ରୂପ ପାଇଥିବା ବାରିପଦା ରେଳଷ୍ଟେସନ ଓ ନିର୍ମାଣାଧୀନ ବେତନଟୀ ଷ୍ଟେସନ ବୁଲି ଦେଖିଥିଲେ। ଏହି ଅବସରରେ ଜିଲ୍ଲାରୁ ଆଗାମୀ ଦିନରେ ଆରମ୍ଭ ହେବାକୁ ଥିବା ଦୁଇଟି ନୂତନ ରେଳପଥ ନିର୍ମାଣ କାର୍ଯ୍ୟ ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବୁଢାମରା-ଚାକୁଳିଆ ଏବଂ ବାଙ୍ଗିରିପୋଷି-ଗୋରୁମହିଷାଣି ମଧ୍ୟରେ ନୂତନ ରେଳ ଚଳାଚଳ କରିବ। ଉକ୍ତ ଦୁଇଟି ରେଳ ପ୍ରକଳ୍ପର ସମସ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଜମି ଅଧିଗ୍ରହଣ ର୍ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି ବୋଲି ସେ କହିଛନ୍ତି। ପରେ ଏ ନେଇ ସେ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ବର୍ତ୍ତମାନର ରେଳ ଲାଇନରେ ନିଜେ ଟ୍ରାଏଲ କରି ଅନୁଧ୍ୟାନ କରିଥିଲେ। ଏଥିସହିତ ବାରିପଦା ରେଳ ଷ୍ଟେସନ ୧୭ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ ବିଲ୍ଡିଂ ହେବା ସହ ଉନ୍ନତିକରଣ କାର୍ଯ୍ୟ ହୋଇଛି। ଜିଲ୍ଲାର ସଦର ମହକୁମା ବାରିପଦା ରେଳ ଷ୍ଟେସନ ଆଗକୁ ଏକ ମୁଖ୍ୟ ରେଳ ଷ୍ଟେସନ ଭାବେ ପରିଚୟ ପାଇବାକୁ ଯାଉଛି ବୋଲି ମଧ୍ୟ ସେ କହିଥିଲେ। ବାରିପଦା ରେଳ ଷ୍ଟେସନର ଆହୁରି ରୂପରେଖ ପରିବର୍ତ୍ତନ କରି ନବକଳେବର କରାଯିବାର ଯୋଜନା ରହିଛି। ରେଳ ଷ୍ଟେସନ ସ୍ଥାନୀୟ ଜନସାଧାରଣ ଏବଂ ଯାତ୍ରୀ ମାନଙ୍କୁ କିପରି ଆକୃଷ୍ଟ କରିବ, ସେନେଇ ଏହାର ସାଜସଜ୍ଜା କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥି ସହିତ ଆନୁଷଙ୍ଗିକ ବ୍ୟବସ୍ଥା ଆଦିର ଅନୁଧ୍ୟାନ କରିବା ସହ ରେଳ ବିଭାଗ ଅଧିକାରୀଙ୍କ ସହ ଆଲୋଚନା ବୈଠକ କରିଛନ୍ତି। ପରେ ବେତନଟୀ ରେଳ ଷ୍ଟେସନର ବୁଲି ଉନ୍ନତିକରଣ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ରୂପସା-ବାଙ୍ଗିରିପୋଷି ରେଳଲାଇନ ଦୋହରୀକରଣ ଓ ବାରିପଦା ସହର ବାଇପାସ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ।


### ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ

# ଶ୍ରୀଅନ୍ନ ଅଭିଯାନରେ ଖାଦ୍ୟମେଳା, ପ୍ରଦର୍ଶନୀ ଉଦ୍‌ଘାଟିତ




ବାରିପଦା, ୭ ।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଶୁକ୍ରବାର ପାଳନ ହୋଇଛି। ଏଥି ସହିତ ଶ୍ରୀ ଅନ୍ନ ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଖାଦ୍ୟମେଳା ଓ ପ୍ରଦର୍ଶନୀ ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ସ୍ୱତନ୍ତ୍ର ଅତିଥି ଭାବେ ମାଣ୍ଡିଆ ମା' (ସଫଳ ଚାଷୀ) ସୁବାସା ମହାନ୍ତ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ଓ ଅତିରିକ୍ତ ସମାଜ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ବୁରୁଡ଼ା ଯୋଗଦେଇ ମାଣ୍ଡିଆ ଶରୀରକୁ ପୋଷଣ ଯୋଗାଇବା ସହିତ ରୋଗ ପ୍ରତୋରୋଧକ ଶକ୍ତି ବଢାଇ ଥାଏ କହିଛନ୍ତି। ବର୍ତ୍ତମାନ ମଣ୍ଡିଆର ଲୋକପ୍ରିୟତା ବଢିବା ସହିତ ମିଶନ ଶକ୍ତି ମା'ମାନଙ୍କ ଦ୍ୱାରା ମାଣ୍ଡିଆ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଉଛି। ମାଣ୍ଡିଆ ଶରୀରକୁ ସୁସ୍ଥ ରଖେ ପିଲାମାନେ ଫାଷ୍ଟଫୁଡ୍ ଛାଡ଼ି ମାଣ୍ଡିଆ ଜାତ ଖାଦ୍ୟ ଖାଇବାକୁ ସେ ପରାମର୍ଶ ଦେଇଥିଲେ। କ୍ଷେତ୍ର ପ୍ରଦର୍ଶନୀ ଅନ୍ତର୍ଗତ ମିଲେଟ୍ ଚାଷୀଙ୍କୁ ହେକ୍ଟରକୁ ପ୍ରଥମ ବର୍ଷରେ ୧୦ ହଜାର ଟଙ୍କା, ଦ୍ୱିତୀୟ ବର୍ଷରେ ୭,୫୦୦ ଟଙ୍କା, ତୃତୀୟ ବର୍ଷରେ ୫,୦୦୦ ଟଙ୍କା ଏବଂ ଚତୁର୍ଥ ଓ ପଞ୍ଚମ ବର୍ଷରେ ୨,୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ଏହି ଯୋଜନାରେ ଫସଲ ବିବିଧିକରଣ, ଅମଳ ପରବର୍ତ୍ତୀ ପରିଚାଳନା ପାଇଁ ଓ ଥ୍ରେସର ଚୋପଛଡ଼ା ଯନ୍ତ୍ର, କଷ୍ଟମ ହାଇୟାରିଂ ସେଣ୍ଟର୍ , ଗୋଷ୍ଠୀ ପରିଚାଳିତ ବିହନ କେନ୍ଦ୍ର, ଜୈବ ସାମଗ୍ରୀ ପ୍ରସ୍ତୁତି ଏବଂ ମିଲେଟର ବିପଣନ ପାଇଁ ଏମ୍-ପିଏଏସ୍ ପଦ୍ଧତି ଏବଂ ରପ୍ତାନି ଇତ୍ୟାଦି ବ୍ୟବସ୍ଥା ମଧ୍ୟ କରାଯାଇଛି। ବିଶ୍ୱସ୍ତରରେ ପୁଷ୍ଟିଶସ୍ୟ ଓ ଶ୍ରୀ ଅନ୍ନର ପୁନରୁଦ୍ଧାର କରାଯାଇ ଏହାକୁ ପ୍ରତ୍ୟେକ ଖାଦ୍ୟ ଥାଳିରେ ସାମିଲ କରିବା ଦ୍ୱାରା ଏହାର ପୃଷ୍ଟି ପୋଷକତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରରେ ଶ୍ରୀ ଅନ୍ନ ଓ ଖାଦ୍ୟ ମେଳା ଆୟୋଜିତ ହେଉଛି। ଏହା ବିଭିନ୍ନ ଅଂଶୀଦାରଙ୍କ ଅନୁଭୂତ ମୂଳକ କାର୍ଯ୍ୟକ୍ରମ ହୋଇଥିବାରୁ ଏହାର ସଫଳ ରୂପାୟନ ନିମନ୍ତେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କ ସହଯୋଗ କାମନା କରାଯାଉଛି। ପ୍ରାରମ୍ଭରେ ଜିଲ୍ଲା କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକରେ ମାଣ୍ଡିଆ ଚାଷକୁ ବ୍ୟାପକ କରାଇ ଶସ୍ୟ ଉତ୍ପାଦନ କରାଇ ପାରିଥିବା ଶ୍ରେଷ୍ଠ ୩ ଚାଷୀ, ୩ ସ୍ୱୟଂ ସହାୟକ ଗୋଷ୍ଠୀ, ଜଣେ ଉଦ୍ୟୋଗୀ ଓ ମାଣ୍ଡିଆ ମା' ସୁବାସା ମହାନ୍ତଙ୍କୁ 'ଆଜୀବନ ସାଧନା ସମ୍ମାନ'ରେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ କୃଷି ଅଧିକାରୀ ଗୌମ୍ୟରଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ କୃଷି ଅଧିକାରୀ, ସ୍ୱୟଂସହାୟିକା ଗୋଷ୍ଠିର ସଦସ୍ୟା, ଛାତ୍ରଛତ୍ରୀ, ଚାଷୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଜୀବନ ଅତି ସରଳ, ଆମେ ହିଁ ତା'କୁ ଜଟିଳ କରୁଛେ।
-କନ୍‌ଫୁସିୟସ୍

ସକାଳ THE SAKALA

## ଆରମ୍ଭରୁ ବିଲକ୍ଷଣ

ଉତ୍କଳୀୟ ନୌବାଣିଜ୍ୟର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପ୍ରତୀକାତ୍ମକ ନିଦର୍ଶନ କଟକ ବାଲିଯାତ୍ରା ପ୍ରତିବର୍ଷ ନୂଆ ରୂପ ଓ ରଙ୍ଗରେ ସଂପ୍ରସାରିତ ହୋଇ ଚାଲିଛି। ତେଣୁ କିଛି ନା କିଛି ସମସ୍ୟା ଉପୁଜିବ ଏବଂ ପରବର୍ତ୍ତୀ ବର୍ଷ ତାହାକୁ ସଂଶୋଧନ କରାଯିବ। କିନ୍ତୁ ଏହା ଅର୍ଥ ନୁହେଁ ଯେ ବ୍ୟବସ୍ଥାରେ ସଂକୋଚନ କରି ତାହାର ଗରିମାକୁ କ୍ଷୁର୍ଣ୍ଣ କରାଯିବ। ସହରବାସୀ, ଲୋକ ପ୍ରତିନିଧିଙ୍କ ଅନୁରୋଧ ଓ ଅଦାଲତୀୟ ହସ୍ତକ୍ଷେପ ସତ୍ତ୍ୱେ ଏଥର ଉପର ପଡ଼ିଆରେ ଆୟୋଜନକୁ ସଂକୋଚନ କରାଯାଇଛି। ରାଜନୀତିର ରଙ୍ଗ ପରିବର୍ତ୍ତନରେ ମୁଖ୍ୟତୋରଣ ତା'ର ପାରମ୍ପରିକ ଆକର୍ଷଣ ଓ ଚମକ୍ ହରାଇଥିବା ଅଭିଯୋଗ ସହିତ ଜନତାଙ୍କ ମଧ୍ୟରେ ଚାପା ଅସନ୍ତୋଷ ସୃଷ୍ଟି ହୋଇଛି।

ଅଲିଖିତ ପରମ୍ପରା ଓ ବ୍ୟବସ୍ଥା ଅନୁଯାୟୀ ବାଲିଯାତ୍ରା ଆୟୋଜନରେ ସିଏମ୍‌ସି, ସିଡିଏ ଓ ଜିଲ୍ଲା ପ୍ରଶାସନର ମିଳିତ ଭୂମିକା ରହିଆସିଛି। କିନ୍ତୁ ଏଥର ଉଦ୍‌ଘାଟନ ଉତ୍ସବରେ କଟକ ମହାନଗର ନିଗମର ଭୂମିକାକୁ ଉଦ୍ଦେଶ୍ୟମୂଳକ ଭାବେ ଗୌଣ କରାଯାଇଛି। ମେୟର ଅନୁପସ୍ଥିତ ରହିଥିବା ବେଳେ ସିଏମସି ଓ ସିଡିଏ ଉଭୟଙ୍କୁ ପ୍ରତିନିଧିତ୍ୱ କରୁଥିବା କମିସନର ନିରବରେ ମଞ୍ଚ ତଳେ ବସି ରହିଥିବା ଦେଖାଯାଇଛି। ଜିଲ୍ଲା ପ୍ରଶାସନ ହିଁ ରାଜ୍ୟ ଉନ୍ନୟନ କମିଶନରଙ୍କ ନିର୍ଦ୍ଦେଶରେ ସବୁକିଛି କରୁଛି। ବାଲିଯାତ୍ରାର ଉଦ୍‌ଘାଟନ ଉତ୍ସବରେ ମେୟରଙ୍କ ଅନୁପସ୍ଥିତିରୁ ବାରି ହୋଇପଡ଼ିଛି କେଉଁଠି ନା କେଉଁଠି ଅସଂଲଗ୍ନ କାର୍ଯ୍ୟଧାରା ନେଇ ଅସନ୍ତୋଷ ମୁଣ୍ଡ ଟେକୁଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କ୍ଷମତା ପରିବର୍ତ୍ତନ ସ୍ୱାଭାବିକ। କିନ୍ତୁ ଏହାର ଅର୍ଥ ନୁହେଁ କଟକର ନଗରପାଳ ବା ମେୟର ବିରୋଧୀଦଳର ହୋଇଥିବାରୁ ଦାୟିତ୍ୱ ନିର୍ବାହରେ କଟକଣା ପ୍ରୟୋଗ କରାଯିବ। ଦୁଇ ଦଳ ମଧ୍ୟରେ ଥିବା ରାଜନୈତିକ ବିରୋଧାଭାସର ପ୍ରତିଫଳନ ବାଲିଯାତ୍ରା ଆୟୋଜନକୁ ପ୍ରଭାବିତ କରିବା ଉଚିତ୍ ହୋଇନାହିଁ। ପ୍ରତିବାଦର ସ୍ୱର କ୍ଷୀଣ ହେଲେ ମଧ୍ୟ ଏହାର ଗୁଞ୍ଜରଣ ସୁଦୂରପ୍ରସାରୀ ହେବା ଅସମ୍ଭବ ନୁହେଁ।

ଚଳିତ ବାଲିଯାତ୍ରା ଉତ୍ସବ ଆୟୋଜନରେ ଲୋକପ୍ରତିନିଧିଙ୍କ ପ୍ରାଧାନ୍ୟ ପରିବର୍ତ୍ତେ ବାବୁରାଜ୍‌ର ଇଙ୍ଗିତ ଓ ନିୟନ୍ତ୍ରଣରେ କାର୍ଯ୍ୟ ଚାଲିଛି। ଏକଥା ସତ ଯେ ବ୍ୟବସ୍ଥାଗତ ଶୃଙ୍ଖଳା ଦାୟିତ୍ୱରେ ସବୁକାଳେ ଅଧିକାରୀମାନେ ରହିଆସିଛନ୍ତି। କିନ୍ତୁ ଏହାର ଅର୍ଥ ନୁହେଁ ଲୋକ ପ୍ରତିନିଧିଙ୍କୁ ସଂପୂର୍ଣ୍ଣ ରୂପେ ଏଡ଼ାଇଯାଇ ପ୍ରଶାସନ ସବୁ ନିଷ୍ପତ୍ତି ଗ୍ରହଣ କରିବ। ମେୟର ଏହି ସହରର ପ୍ରଥମ ନାଗରିକ। ବାଲିଯାତ୍ରା ଭଳି ପାରମ୍ପରିକ ଉତ୍ସବରୁ ସେ କାହିଁକି ଓ କେଉଁ ପରିସ୍ଥିତିରେ ନିଜକୁ ନିବୃତ୍ତ କରାଇଲେ? ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅସମ୍ମାନିତ କରିବାର ଅପଚେଷ୍ଟା ହୋଇନାହିଁ ତ? ନିଜକୁ ନିନ୍ଦା ଓ ଅପବାଦରୁ ଦୂରେଇ ରଖିବା ପାଇଁ ସେ ଶ୍ରେୟ ମଣି ନାହାନ୍ତି ତ? ଏଭଳି ଅନେକ ପ୍ରଶ୍ନ ଉଠିଛି। ନୂଆପଡ଼ା ଉପନିର୍ବାଚନ ପ୍ରଚାରରେ ସେ ବ୍ୟସ୍ତ ଅଛନ୍ତି କହି ମେୟର ଲଘୁ ମନ୍ତବ୍ୟ ଦେବାର ଯଥାର୍ଥତା କେତେ ତାହା ସହରବାସୀ ନିଶ୍ଚୟ ଅନୁଭବ କରୁଥିବେ।

ସଂକୀର୍ଣ୍ଣ ରାଜନୀତି ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ପ୍ରୟୋଗ ଓ ସେମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାର ଯେଉଁ ପ୍ରୟାସ ହୋଇଛି ତାହା ଆଗାମୀ ଦିନର ସହରବାସୀଙ୍କ ବୃହତ୍ତର ସ୍ୱାର୍ଥହାନି. ଘଟାଇବ। ଉଭୟ ନିନ୍ଦା ଓ ପ୍ରଶଂସା ପାଇଁ ଜିଲ୍ଲା ପ୍ରଶାସନ ହିଁ ହକ୍‌ଦାର। ମନେ ରଖିବାକୁ ହେବ ଯେ ପ୍ରଶଂସା ସାଉଁଟିବ କ୍ଷମତା ଏବଂ ନିନ୍ଦାର ନଡ଼ିଆ ଭାଙ୍ଗିବ ପ୍ରଶାସନ ମୁଣ୍ଡରେ। ●

## ଗୁମର ଖୋଲିବ କେବେ?

ଗତ ଜୁନ ମାସରୁ କେନ୍ଦ୍ର ସରକାର ଆସନ୍ତା ଖରିଫ ଓ ରବି ଋତୁରେ ଧାନ ସଂଗ୍ରହର ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି। ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ନଭେମ୍ବର ପହିଲାରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବା କଥା। ତାହାକୁ ଦୃଷ୍ଟିରେ ରଖି ସରକାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ସଂପର୍କରେ ଅବଗତ କରିଛନ୍ତି। ଧାନର ବର୍ଦ୍ଧିତ ସଂଗ୍ରହ ମୂଲ୍ୟ କ୍ୱିଣ୍ଟାଲ ପିଛା ୨,୩୦୦ରୁ ୨,୩୬୯ ଟଙ୍କାକୁ ବୃଦ୍ଧି ପାଇଛି। ଇଏ ହେଉଛି ସାଧାରଣ କିସମ ଧାନର ଦର। ଗ୍ରେଡ୍ ଏ କିସମ ଧାନର କ୍ୱିଣ୍ଟାଲ ପିଛାମୂଲ୍ୟ ୨,୩୮୯ ଟଙ୍କାକୁ ବୃଦ୍ଧି ପାଇଛି। ଏବର୍ଷର ଖରିଫ ଋତୁରେ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବାତ୍ୟା ସହ କ୍ରମାଗତ ବର୍ଷା ଲାଗି ରହିଥିବାରୁ ଧାନ ଅମଳ ସ୍ୱାଭାବିକ ଭାବେ ବିଳମ୍ବିତ ହେବ। ଯେତେଦୂର ସମ୍ଭବ ଡିସେମ୍ବର ପୂର୍ବରୁ ମଣ୍ଡି ଖୋଲିବା ସମ୍ଭବ ହେବ ନାହିଁ।

ଏ କ୍ଷେତ୍ରରେ ଆମ ରାଜ୍ୟ ପରିସ୍ଥିତି ସଂପୂର୍ଣ୍ଣ ଅଲଗା। କେନ୍ଦ୍ର ନିର୍ଦ୍ଧାରିତ କ୍ୱିଣ୍ଟାଲ୍ ପିଛା ମୂଲ୍ୟ ଉପରେ ସରକାର ୮୦୦ ଟଙ୍କା ବୋନସ ବା ଇନପୁଟ ସହାୟତା ଦେଉଛନ୍ତି। ଗତ ଖରିଫ ଓ ରବି ଋତୁରେ ସରକାର ଦୁଇ କିସମର ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଓ ୩୧୨୦ ଟଙ୍କାରେ ସଂଗ୍ରହ କରିଛନ୍ତି। କିନ୍ତୁ ଏବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଥିବାରୁ ସରକାର ଯଦି ୮୦୦ ଟଙ୍କା ବୋନସ ନିଷ୍ପତ୍ତିରେ ସ୍ଥିର ରହିବେ ତେବେ ସାଧାରଣ ଧାନ କ୍ୱିଣ୍ଟାଲ ପିଛା ମୂଲ୍ୟ ୩୧୬୯ ଟଙ୍କା ଓ ଏ ଗ୍ରେଡ ଧାନ ମୂଲ୍ୟ ୩୧୮୯ ଟଙ୍କା ଚାଷୀଙ୍କୁ ଦେବାକୁ ପଡ଼ିବ। କିନ୍ତୁ ସରକାର ଏନେଇ କୌଣସି ସ୍ପଷ୍ଟ ନିଷ୍ପତ୍ତି ଗ୍ରହଣ କରିନାହାନ୍ତି। ଯେତେଦୂର ମନେ ହୁଏ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପ୍ରକ୍ରିୟା ଜାରି ରହିଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ଠୋସ ନିଷ୍ପତ୍ତି ଗ୍ରହଣକୁ ସରକାର ଏଡ଼ାଇ ଯାଇଛନ୍ତି। ସରକାର ଯଦି ଧାନର ବର୍ଦ୍ଧିତ ମୂଲ୍ୟ ସହ ୮୦୦ ଟଙ୍କା ବୋନସ ଦେବାର ଅଛି ତାହାକୁ ବିଧିବଦ୍ଧ ଭାବେ ଘୋଷଣା କରି ନିର୍ବାଚନ ଫାଇଦା ହାସଲ କରିପାରିଥା'ନ୍ତେ। ଏଥିରେ ମଧ୍ୟ ଆଦର୍ଶ ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ ହେବାର ଆଶଙ୍କା ଊଣା। କାରଣ ଏହା କେନ୍ଦ୍ର ସରକାରଙ୍କ ଜୁନ ମାସର ନିଷ୍ପତ୍ତି। ଯେତେଦୂର ମନେ ହୁଏ ସରକାର ଏ ସଂପର୍କରେ ବିଧିବଦ୍ଧ ବିଜ୍ଞପ୍ତି ଜାରି ନ କରି ଗଣମାଧ୍ୟମ ସହାୟତାରେ ନିଜର ପ୍ରଚାର କରିଛନ୍ତି। କିନ୍ତୁ ବିଶ୍ୱସ୍ତ ସୂତ୍ରରୁ ହସ୍ତଗତ ହୋଇଥିବା ତଥ୍ୟ କୁହେ ଯେ ରାଜ୍ୟ ସରକାର ଧାନର ବର୍ଦ୍ଧିତ ମୂଲ୍ୟ ସେହି ୮୦୦ ଟଙ୍କା ବୋନସ୍‌ରୁ କାଟି ଚାଷୀଙ୍କୁ ଦେବେ। କହିବାକୁ ଗଲେ ଦୁଇ କିସମ ଧାନର କ୍ୱିଣ୍ଟାଲ ପିଛା ମୂଲ୍ୟ ଅପରିବର୍ତ୍ତିତ ରହିବ।

ରାଜ୍ୟ ସରକାରଙ୍କ ପାଇଁ ବାଳକା ଚାଉଳ ଏବେ ବୋଝ ହୋଇ ରହିଛି। ଭାରତୀୟ ଖାଦ୍ୟ ନିଗମ ଚାଉଳ ଉଠାଇବାକୁ ଅରାଜି ହେଉଥିବାରୁ ଏବଂ ପର୍ଯ୍ୟାପ୍ତ ଭଣ୍ଡାରଣ ସୁବିଧା ନଥିବାରୁ ବଳକା ଚାଉଳ ସରକାର ନେବେ କୁଆଡ଼େ? ଏବେ ରାଜ୍ୟରେ ୧୩ ଲକ୍ଷ ଟନ୍ ଚାଉଳ ବଳକା ରହି ଥିବା ବେଳେ ପୂର୍ବବର୍ଷ ଭଳି ଏଥର ମଧ୍ୟ ସରକାରଙ୍କ ପାଇଁ ୯୩ ଲକ୍ଷ ଟନ ଧାନ ସଂଗ୍ରହ କରିବାର ବାଧ୍ୟବାଧକତା ରହିଛି। ଏହା ଉପରେ ପୁଣି ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ଇନ୍‌ପୁଟ୍ ସହାୟତା ରାଜ୍ୟ ସରକାରଙ୍କ ପାଇଁ ବୋଝ ହୋଇଥିବ। ବୋଧହୁଏ ଏହି ଗୁମରକୁ ଲୁଚାଇବା ପାଇଁ କ୍ରୟମୂଲ୍ୟକୁ ଅସ୍ପଷ୍ଟ ରଖାଯାଇଛି। ଗୁମର କେବେ ଖୋଲିବ ତାହାକୁ ଅପେକ୍ଷା! ●

# ଅର୍ଥନୈତିକ ବିକାଶ ଓ ସୁସ୍ଥ ଜୀବନକାଳ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ବିଗତ ବିଂଶ ଶତାବ୍ଦୀରେ ଘଟିଯାଇଛି ଦୁଇଟି ବିଶ୍ୱଯୁଦ୍ଧ। ବ୍ୟାପିଛି ଅନେକ ମହାମାରୀ। ଏହାସତ୍ତ୍ୱେ ମଣିଷର ପ୍ରତ୍ୟାଶିତ ଜୀବନକାଳ ବୃଦ୍ଧି ପାଇଛି ପୃଥିବୀର ସର୍ବତ୍ର। ଏହା ସମ୍ଭବ ହୋଇପାରିଛି ଜୀବନଯାପନ ପ୍ରଣାଳୀରେ ଉନ୍ନତି ଏବଂ ରୋଗ ନିବାରଣ, ରୋଗ ନିର୍ଣ୍ଣୟ ଓ ରୋଗ ଚିକିତ୍ସାରେ ଉନ୍ନତି ଯୋଗୁଁ। ଉପଲବ୍ଧ ହେଲା ବିଶୁଦ୍ଧ ଜଳ। ଉନ୍ନତ ହେଲା ପରିମଳ ବ୍ୟବସ୍ଥା। ଖାଦ୍ୟାଭାବ ଆଉ ଉତ୍କଟ ରୂପ ଧାରଣ କଲାନି। ବୃଦ୍ଧି ପାଇଲା ଶିକ୍ଷାର ପ୍ରସାର। ଜନସାଧାରଣଙ୍କ ଆୟ ବଢ଼ିଲା। ବୃତ୍ତିଗତ ଜୀବନ ହୋଇପାରିଲା ଅଧିକ ନିରାପଦ। ସମାଜରେ ମହିଳାମାନଙ୍କ ସ୍ଥିତିରେ ଉନ୍ନତି ସଂଘଟିତ ହେଲା। ବିଶେଷ କରି ଶିକ୍ଷାଗତ ଓ ଅର୍ଥନୈତିକ ବିକାଶ ହିଁ ସବୁ ସାମ୍ମୁଖ୍ୟରେ ପ୍ରଗତିକୁ ତ୍ୱରାନ୍ୱିତ କରିଦେଲା। ଏହା ମଧ୍ୟ ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶରେ ତ୍ୱରକର ଭୂମିକା ନିର୍ବାହ କଲା।

ସେହି ଏକାସମୟରେ ଏସିଆ, ଆଫ୍ରିକା ଓ ଆମେରିକାର ଅଧିକାଂଶ ଅଧିବାସୀ ଔପନିବେଶିକ ଶାସନରୁ ମୁକ୍ତ ହୋଇ ଜୀବନରେ ପ୍ରଥମ ଥର ପାଇଁ ଚାଖିଲେ ସ୍ୱାଧୀନତାର ସ୍ୱାଦ। ସେମାନେ ସ୍ଥିର କଲେ ସେମାନଙ୍କ ପ୍ରଗତିର ଧାରା। ବହୁରୋଗ ନିବାରିତ ହୋଇଗଲା, ବହୁ ଜୀବନ ରକ୍ଷା ପାଇଗଲା। ଫଳରେ ବୃଦ୍ଧି ପାଇଚାଲିଲା ଆୟୁକାଳ। ମାତ୍ର ବହୁ ବ୍ୟାଧି ମଧ୍ୟ ଛାଡ଼ି ଦେଇଗଲା ତା'ର ପାଦଚିହ୍ନ। ତଥାକଥିତ ଆରୋଗ୍ୟ ବ୍ୟକ୍ତିଠାରେ ପରେ ପରିଲକ୍ଷିତ ହେଲା ଅସୁସ୍ଥତା ଜନିତ ଶାରୀରିକ ଅସାମର୍ଥ୍ୟ। ସେ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ରହିପାରିଲାନି। ଅବନତି ଘଟିଲା ତା'ର ଜୀବନ ନିର୍ବାହର ମାନରେ। ଫଳରେ ସେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇ ବଞ୍ଚିବା ପାଇଁ ବାଧ୍ୟ ହେଲା। ଏହି ଦୀର୍ଘକାଳୀନ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ କରିଦେଲା ପରିବାରର ଆର୍ଥିକ ସ୍ଥିତିକୁ।

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସଂଘଟିତ ହେଲା ଅସାଧାରଣ ପ୍ରଗତି। ହ୍ରାସ ପ୍ରାଇଲା ସଂକ୍ରାମକ ରୋଗଗୁଡ଼ିକର ହାର। କିନ୍ତୁ ଖାଦ୍ୟାଭାବ ଜନିତ ରୋଗ ଏବଂ ମାତୃ ଓ ଶିଶୁସ୍ୱାସ୍ଥ୍ୟରେ ସମାନୁପାତିକ ଉନ୍ନତି ପରିଲକ୍ଷିତ ହୋଇ ନପାରିବା କାରଣରୁ ଅସୁସ୍ଥତା, ଶାରୀରିକ ଅସାମର୍ଥ୍ୟ ଏବଂ ମୃତ୍ୟୁହାର ଆଶାନୁରୂପ ଭାବରେ ହ୍ରାସ ପାଇଲାନି। ବରଂ ରାଜୁତି ଚଳେଇବା ଆରମ୍ଭ କରିଦେଲା ହୃଦ୍‌ଘାତ, ମସ୍ତିକାଘାତ, ମଧୁମେହ, ଦୀର୍ଘକାଳୀନ ଶାସତନ୍ତ୍ରୀ ରୋଗ, କର୍କଟ, ଯକୃତ ଓ ବୃକ୍‌କ ରୋଗ, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଚକ୍ଷୁ-ନାସା-କର୍ଣ୍ଣ ଆଦିର ରୋଗମାନ। ବିଂଶ ଶତାବ୍ଦୀର ଶେଷ ଆଡ଼କୁ ଉଭା ହେଲା ପୃଥୁଳତା ବା ଓବେସିଟି। ପୃଥିବୀର ବହୁ ରାଷ୍ଟ୍ରରେ ଏହି ପୃଥୁଳତା ବଡ଼ ଆତଙ୍କଜନକ ଭାବରେ ବୃଦ୍ଧି ପାଇବା ଆରମ୍ଭ ହୋଇଗଲା।

ଏହିସବୁ ରୋଗର ଅଧିକାଂଶକୁ କୁହାଗଲା ଜୀବନଶୈଳୀ ରୋଗ ବା ଲାଇଫ୍ ଷ୍ଟାଇଲ ଡିଜିଜେସ୍। ମୁଖ୍ୟତଃ ଆର୍ଥିକ ଲାଭକୁ ଦୃଷ୍ଟିରେ ରଖି ବ୍ୟବସାୟୀ ଗୋଷ୍ଠୀ ଏହାକୁ ଜନସାଧାରଣଙ୍କ ଉପରେ ଲଦି ଦେଲେ ଏବଂ ଜନସାଧାରଣ ଏହାକୁ ବିନାଦ୍ୱିଧାରେ ଗ୍ରହଣ କରିନେଲେ। ତମାଖୁଜାତୀୟ ପ୍ରଦାର୍ଥ, ଅତିପ୍ରକ୍ରିୟାକୃତ ଖାଦ୍ୟଦ୍ରବ୍ୟ, ଅଧିକ ଶର୍କରା ପଡ଼ିଥିବା ଖାଦ୍ୟ ଓ ପାନୀୟ, ମଦ୍ୟ, ମାଦକ ଦ୍ରବ୍ୟ ଇତ୍ୟାଦିର ବ୍ୟବହାର ବିପର୍ଯ୍ୟସ୍ତ କରିଦେଲା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ। ଆକର୍ଷଣୀୟ ବିଜ୍ଞାପନଗୁଡ଼ିକ ଦ୍ୱାରା ପ୍ରଲୁବ୍ଧ ହୋଇ ଜନସାଧାରଣ ଏଗୁଡ଼ିକରେ ଜାଲରେ ପଡ଼ିଗଲେ ଏବଂ ବିପତ୍ତିକୁ ଆମନ୍ତ୍ରଣ କରିବସିଲେ ନିଜ ଉପରକୁ। ତା'ସାଙ୍ଗକୁ ବୃଦ୍ଧିପାଇଲା ଯାନବାହନର ସଂଖ୍ୟା। ଘରେ ଘରେ ଶୋଭାପାଇଲା ଟେଲିଭିଜନ। ଇଣ୍ଟରନେଟ୍ ହୋଇପଡ଼ିଲା ହାତବାରିସୀ। ଫଳରେ ଜନସାଧାରଣ ଶାରୀରିକ ଶ୍ରମରୁ ଏକ ରକମର ମୁକ୍ତ ପାଇ ଉପଭୋଗ କରିଚାଲିଲେ ଶ୍ରମବିହୀନ ଜୀବନ। ଡିଜିଟାଲ ଦୁନିଆ ସହ ଜନସାଧାଣଙ୍କ ସଂପୃକ୍ତି ବୃଦ୍ଧି ପାଇଚାଲିବାରୁ ସେମାନେ ଆବେଗିକ ସଂପର୍କ ସ୍ଥାପନରୁ ବିଚ୍ଛିନ୍ନ ହୋଇପଡ଼ିଲେ। ଏପରି ପ୍ରବଣତା ବେଶୀ ବୃଦ୍ଧି ପାଇଛି ମୁଖ୍ୟତଃ ଯୁବଗୋଷ୍ଠୀ ଭିତରେ। ଅଧିକାଂଶ ରାଷ୍ଟ୍ରରେ ସଡ଼କ ଦୁର୍ଘଟଣା ଏକ ପ୍ରଧାନ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଆଶାତୀତ ଭାବରେ ବୃଦ୍ଧି ପାଇ ଚାଲିଛି ହତ୍ୟା ଓ ଆତ୍ମହତ୍ୟା ହାର। ସବୁଠାରେ ଲୋକେ ଏବେ ବାୟୁ ପ୍ରଦୂଷଣରେ ଅତିଷ୍ଠ। ନୂଆ ନୂଆ ବ୍ୟାଧିମାନଙ୍କୁ ଜନ୍ମ ଦେଇଚାଲିଛି ଜଳବାୟୁ ପରିବର୍ତ୍ତନ ଏବଂ ଏହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଆହ୍ୱାନ ରୂପେ ଉଭା ହୋଇପଡ଼ିଲାଣି।

ଏକବିଂଶ ଶତାବ୍ଦୀରେ ସଭ୍ୟତାର ଏହି ବିକୃତ ପ୍ରଗତି ଫଳରେ ପ୍ରତ୍ୟାଶିତ ଆୟୁକାଳ ବା ଜୀବନକାଳ ବୃଦ୍ଧି ପାଇଛି ସିନା, କିନ୍ତୁ ପଛେଇ ଯାଇଛି ସୁସ୍ଥ ପ୍ରତ୍ୟାଶିତ ଆୟୁକାଳ ବା ସୁଦୀର୍ଘ ସୁସ୍ଥ ଆୟୁକାଳ। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଆନୁକୂଲ୍ୟରେ ୧୯୫ଟି ରାଷ୍ଟ୍ରରେ କରାଯାଇଥିବା ଏକ ଅନୁଧ୍ୟାନରୁ ପ୍ରକାଶ ଯେ ୨୦୦୦ ରୁ ୨୦୧୯ ମସିହା ଭିତରେ ପ୍ରତ୍ୟାଶିତ ଆୟୁକାଳ ଏବଂ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିଲା ୯.୬ ବର୍ଷର ବ୍ୟବଧାନ। ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ କ୍ଷେତ୍ରରେ ଏହି ବ୍ୟବଧାନ ଥିଲା ୨.୪ ବର୍ଷ ଅଧିକ। ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ସର୍ବାଧିକ ବ୍ୟବଧାନ ପରିଲକ୍ଷିତ ହୋଇଥିଲା ଯୁକ୍ତରାଷ୍ଟ୍ର ଆମେରିକାରେ (୧୨.୪ ବର୍ଷ) ଏବଂ ଯୁକେରେ (୧୧.୩ ବର୍ଷ)। ଅର୍ଥନୈତିକ ପ୍ରଗତି କାରଣରୁ ଏହି ରାଷ୍ଟ୍ର ଦୁଇଟିରେ ପ୍ରତ୍ୟାଶିତ ଆୟୁକାଳ ବୃଦ୍ଧି ପାଇଥିବା ବେଳେ ସେହି ବର୍ଦ୍ଧିତ ଆୟୁକାଳରେ କିନ୍ତୁ ସେମାନେ ସୁସ୍ଥ ଜୀବନ ଉପଭୋଗ କରିପାରି ନଥିଲେ। ଅନ୍ୟପକ୍ଷରେ ଅବିକଶିତ ଦେଶଗୁଡ଼ିକରେ ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ବ୍ୟବଧାନ ଥିଲା ଊଣା। ତେଣୁ ସେହିସବୁ ରାଷ୍ଟ୍ରରେ ଉଭୟ ପରିମାପକରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି।

୨୦୦୦-୨୦୧୯ ମସିହାରେ ଭାରତରେ ପ୍ରତ୍ୟାଶିତ ଆୟୁକାଳ ବର୍ଷକୁ ୦.୪୩ ହାରରେ ବୃଦ୍ଧି ପାଇଥିବା ବେଳେ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ବୃଦ୍ଧି ପାଇଥିଲା ବର୍ଷକୁ ୦.୩୭ ହାରରେ। ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳର ବ୍ୟବଧାନ ବୃଦ୍ଧି କରିବାରେ ଏହା ହିଁ ଥିଲା କାରଣ। ଭାରତରେ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ୨୦୨୨ ମସିହାରେ ମୋଟାମୋଟି ଭାବେ ପ୍ରତ୍ୟାଶିତ ଆୟୁକାଳଠାରୁ ଥିଲା ଗୋଟିଏ ଦଶକ ପଛରେ। ଏହି ବ୍ୟବଧାନ ମୋଟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ୧୦.୪୯ ବର୍ଷ ଥିବା ବେଳେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ଥିଲା ୯.୨୨ ବର୍ଷ ଓ ମହିଳାମାନଙ୍କ କ୍ଷେତ୍ରରେ ୧୧.୭୭ ବର୍ଷ। ୨୦୨୭ ମସିହା ସୁଦ୍ଧା ଭାରତରେ ବିକାଶର ସ୍ତରକୁ ଆହୁରି ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରହିଛି। ସୁତରାଂ ଆମ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟର ପ୍ରୋତ୍ସାହନ ଓ ସୁରକ୍ଷା ପାଇଁ ଆହୁରି ଅଗ୍ରାଧିକାର ଦେବାକୁ ପଡ଼ିବ। ଏହା ସାକାର ହୋଇ ନ ପାରିଲେ ଭାରତର ଅଧିକତର ବିକାଶ ଫଳବତୀ ହୋଇପାରିବନି କି ଅର୍ଥନୈତିକ ଅତି ଶକ୍ତିଶାଳୀ ରାଷ୍ଟ୍ର ହେବାର ଆକାଂକ୍ଷା ପୂରଣ ହୋଇପାରିବନି। ଭାରତର ବିପୁଳ ଯୁବଶକ୍ତିଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିପାରିଲେ ହିଁ ଏହି ଲକ୍ଷ୍ୟ ହାସଲ ସମ୍ଭବ।

ଭାରତୀୟମାନଙ୍କ ସ୍ୱାସ୍ଥ୍ୟକୁ ବିପନ୍ନ କରିବାରେ ଅସ୍ୱାସ୍ଥ୍ୟକର ଖାଦ୍ୟ ହିଁ ପ୍ରଧାନତଃ ଦାୟୀ। ତେଣୁ ଯୋଜନା ପ୍ରଣୟନ ସମୟରେ ଏଥିପ୍ରତି ସମୁଚିତ ଧ୍ୟାନ ଦେବା ବାଞ୍ଛନୀୟ। ସଂପ୍ରତି ଭାରତର ଲୋକସଂଖ୍ୟା ପୃଥିବୀରେ ସର୍ବାଧିକ। ଏମାନଙ୍କ ଏକ ବିରାଟ ଅଂଶ ସେମାନଙ୍କ ଜୀବନର ବହୁବର୍ଷ ନିମ୍ନ ଧରଣର ସ୍ୱାସ୍ଥ୍ୟ ଓ ନିମ୍ନମାତ୍ରାର କର୍ମଦକ୍ଷତା ମଧ୍ୟରେ ଅତିବାହିତ କରିବା ଦେଶର ପ୍ରଗତି ପାଇଁ ଆଦୌ ଅନୁକୂଳ ନୁହେଁ। ତେଣୁ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ବ୍ୟାଧି ଓ ଶାରୀରିକ ଅସାମର୍ଥ୍ୟର ବୋଝରୁ ମୁକ୍ତ ରହିବା ନିମିତ୍ତ ନିରନ୍ତର ଭାବେ ସ୍ୱାସ୍ଥ୍ୟର ସୁରକ୍ଷା ଆୟୁକାଳ ଏବଂ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନର ଅନେକାଂଶ ଜାତ ହୋଇଥାଏ ଜୀବନକାଳର ଶେଷ ଦୁଇ ଦଶକରେ। କିନ୍ତୁ ସ୍ୱାସ୍ଥ୍ୟର ଅବକ୍ଷୟ ପ୍ରକ୍ରିୟା ଆରମ୍ଭ ହୋଇଯାଏ କମ ବୟସରୁ। ବୟସ୍କମାନଙ୍କଠାରେ ହୃଦଧମନୀ ରୋଗ ଓ ମଧୁମେହରେ ସଂଘଟିତ ହେଉଥିବା ବିକୃତ ଶାରୀରିକ ପ୍ରକ୍ରିୟା ଆଦ୍ୟ ଜୀବନର ଖାଦ୍ୟାଭ୍ୟାସ ଉପରେ ବହୁଳାଂଶରେ ନିର୍ଭରଶୀଳ।

ତେଣୁ ପରିଣତ ବୟସରେ ବ୍ୟାଧିଭାରକୁ ହ୍ରାସ କରିବା ନିମିତ୍ତ ପ୍ରୟାସ ଆରମ୍ଭ କରିବା ପାଇଁ ପଡ଼ିବ ବୟସର ବହୁପୂର୍ବରୁ ଏବଂ ଏହି ପ୍ରୟାସକୁ ଅବ୍ୟାହତ ରଖିବା ପାଇଁ ପଡ଼ିବ ଜୀବନସାରା। ଜନ ସାଧାରଣଙ୍କଠାରେ ଅନୁକୂଳତମ ସ୍ୱାସ୍ଥ୍ୟକୁ ନିଶ୍ଚିତ କରିବା ନିମିତ୍ତ ସେହି ଅନୁଯାୟୀ ପ୍ରସ୍ତୁତ କରିବାକୁ ପଡ଼ିବ ସ୍ୱାସ୍ଥ୍ୟନୀତି ତଥା ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ବ୍ୟବସ୍ଥା। ଏହାକୁ ସୁଚାରୁଭାବେ ରୂପାୟିତ କରିପାରିଲେ ହିଁ ଆମେ ଆୟୁକାଳ ଓ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନକୁ ସଂକୁଚିତ କରିବାରେ ସଫଳ ହୋଇପାରିବା। ●

କଟକ ମୋ: ୯୪୩୭୭୬୬୧୧୭

# ଗଣିତ-ତର୍କର ସଙ୍ଗୀତ

ପୁଣ୍ୟବିନୟ ଦାସ

କିଏ କହେ ଜୀବନ ଏକ ଧୂପକାଠି, ତା'କୁ ସୁଗନ୍ଧିତ କର। କିଏ କହେ ଜୀବନ ଏକ ନାଟକ, ସେଥିରେ ଅଭିନୟ କର। ଆଉ କିଏ କହେ ଜୀବନ ଏକ ଖେଳ, ତା'କୁ ଖେଳ। କିନ୍ତୁ ଜୀବନ ଏକ ଗଣିତ-ତର୍କର ସଙ୍ଗୀତ। ବିନା ଗଣିତରେ ଜୀବନ ନାହିଁ। ବିନା ତର୍କରେ ଜୀବନରେ ସିଦ୍ଧି ନାହିଁ। ଆଉ ସାଙ୍ଗିତିକତା ଜୀବନର ପୁଞ୍ଜି ବା ମୂଳଧନ। ଗାଣିତିକ ନିୟମରେ ସୂର୍ଯ୍ୟ, ଚନ୍ଦ୍ର ଉଦୟ-ଅସ୍ତ ହେବା ପରି ଜୀବନ ଗତିଶୀଳ ହୁଏ। ମଣିଷର ନିତ୍ୟନୈମିତିକ କାର୍ଯ୍ୟଧାରା ଗାଣିତିକ ସୂତ୍ର ଉପରେ ହିଁ ପର୍ଯ୍ୟବସିତ।

ସେହିପରି ତର୍କର ବି ଜୀବନରେ ବହୁଳ ଆବଶ୍ୟକତା ରହିଛି। ବିନା ତର୍କରେ ସିଦ୍ଧି ନାହିଁ। ତର୍କସିଦ୍ଧ ଜୀବନ ହିଁ ଏକ ଶୃଙ୍ଖଳିତ ଜୀବନ। ତର୍କର ପରିଭାଷା ଭିନ୍ନ ଭିନ୍ନ ହୋଇପାରେ। କିନ୍ତୁ ତର୍କ ଆଧାରିତ ଜୀବନ ହେଲେ ମଣିଷ ବୁଦ୍ଧିଦୀପ୍ତ, ଶୃଙ୍ଖଳିତ, ସିଦ୍ଧି ପ୍ରାପ୍ତ ହୋଇପାରେ। ତର୍କରୁ ଦର୍ଶନର ଜନ୍ମ। ଏହି ତର୍କ କରି ମଣିଷ ବିଭିନ୍ନ ଆବିଷ୍କାର ଓ ଉଦଭାବନ କରିପାରିଛି; ସାରା ଦୁନିଆ ସମ୍ପର୍କରେ ଅବଗତ ହୋଇପାରିଛି। ସମଗ୍ର ଜୀବନ ତର୍କସିଦ୍ଧ ଏକ ଗାଣିତିକ ସଙ୍ଗୀତ। ମନ, ବୁଦ୍ଧି, ବିବେକକୁ ନେଇ ଆମେ ପରିଚାଳିତ। ମଣିଷର ମନ ଗଣିତ କରେ। ଭୁଲ ଠିକ ହିସାବ କରେ। ବିଭିନ୍ନ ପ୍ରକାର ସୂତ୍ରକୁ ନେଇ ଗତିଶୀଳ ହୁଏ। ନାନାଦି ପ୍ରୟୋଗ ଜରିଆରେ ଜୀବନକୁ ଗାଣିତିକ ଉପାୟରେ ପରୀକ୍ଷା ନିରୀକ୍ଷା କରେ।

ଗଣିତ ଭିତରେ ତର୍କ ଲୁଚି ରହିଛି। ସେହି ଗାଣିତିକ ସୂତ୍ର ଅନୁସାରେ ଜୀବନରୂପୀ ଗଣିତ ନିଷ୍କର୍ଷରେ ପହଞ୍ଚେ। ଆଉ ଏହି ନିଷ୍କର୍ଷକୁ ନେଇ ମଣିଷ ସଙ୍ଗୀତକୁ ଖୋଜେ। ଖୋଜି ଖୋଜି ଶେଷରେ ସାଙ୍ଗିତିକତା ସିଦ୍ଧାନ୍ତରେ ଉପନୀତ ହୁଏ। ରଙ୍ଗ ରୂପ ରସରେ ଜୀବନକୁ ସଙ୍ଖୋଳେ। ସଙ୍ଗୀତର ମୂର୍ଚ୍ଛନାରେ ଜୀବନକୁ ଉପଭୋଗ କରେ। ନିଜକୁ ଆବିଷ୍କାର କରିବାକୁ ଉଦ୍ୟତ ହୁଏ। ଖୋଜି ଖୋଜି ସେହି ବ୍ରହ୍ମ ସ୍ୱରୂପ ଜୀବନୀ ସତ୍ତାକୁ ଆବିଷ୍କାର କରେ। ନିର୍ଗୁଣ ନିରାକାର ପରଂବ୍ରହ୍ମଙ୍କ ସାକ୍ଷାତରେ ତା'ର ଚକ୍ଷୁ ଉନ୍ମୀଳନ ହୁଏ। ଗଣିତ-ତର୍କର ସଙ୍ଗୀତରେ ଅଭିମନ୍ତ୍ରିତ ଜୀବନଧାରା ପରଂବ୍ରହ୍ମଙ୍କ ସାକ୍ଷାତରେ ସଞ୍ଜୀବନୀ ପାଏ। ଚିଦାନନ୍ଦ ରୂପୀ ସେହି ଶିବଙ୍କ ସାକ୍ଷାତ କରି ଆତ୍ମଦର୍ଶନ କରେ। ଶିବୋହମର ଭାବଧାରାରେ ନିଜର ସାଙ୍ଗିତିକ ଜ୍ୟାମିତିକୁ ସଜାଡ଼େ। ସେ ଭୋଜନ କିମ୍ବା ଭୋକ୍ତା ନୁହେଁ ବୋଲି ହୃଦବୋଧ କରେ। ପୁଣ୍ୟ କିମ୍ବା ପାପ ବି ସେ ନୁହେଁ। ମନ୍ତ୍ର ତୀର୍ଥ କିମ୍ବା ବେଦ କିମ୍ବା ଯଜ୍ଞ ବି ସେ ନୁହେଁ। ମୃତ୍ୟୁ କିମ୍ବା ଶଙ୍କା କିମ୍ବା ଜାତିଭେଦ କିମ୍ବା ପିତା କିମ୍ବା ମାତା କିମ୍ବା ମିତ୍ର କିମ୍ବା ଗୁରୁ କିମ୍ବା ଶିଷ୍ୟ ବି ସେ ନୁହେଁ। ବରଂ ଚିଦାନନ୍ଦ ରୂପୀ ସ୍ୱୟଂ ଶିବ ସ୍ୱରୂପ।

କଳ୍ମଷ ପଙ୍କ ଭିତରେ ରହି ପଦ୍ମ ଯେପରି କୋଟି ଲାବଣ୍ୟନିଧିର ଅଧିକାରୀ ହୋଇଥାଏ, ସେହିପରି ମଣିଷ ପଙ୍କିଳ ସଂସାର ଭିତରେ ରହି ସେହି ଗଣିତ-ତର୍କର ଦୌଡ଼ରେ ନିଜକୁ ହଜାଇ ମଜାଇ ସଙ୍ଗୀତରେ ପାଖୁଡ଼ା ମେଲାଇବା ପରି ଜୀବନକୁ ସଂଚାରିତ କରେ। ଫଳରେ ସସାଗରାଧରା ସେହି ଅଦେଖା ସଂଚରଣ ଭିତରେ ଜୀବନକୁ ସାଉଁଟେ। ଜୀବନସାରା ଦୌଡ଼େ। ଅର୍ଥ ଓ କ୍ଷମତାର ଲୋଭରେ ମଣିଷ ମୋହାବିଷ୍ଟ ହୁଏ। ପଥ ଅପଥ ବିପଥରେ ପଡ଼େ। ମନ ବିମନ କୁମନରେ ପଡ଼ି ସୁମନାଶ୍ରିତ ହୁଏ। ହାନି ଲାଭର ଗୋଲକଧନ୍ଦାରେ ସଙ୍ଗୀତ ଭିତରେ ଆନନ୍ଦ ଖୋଜେ। ଆଉ ସେହି ସଙ୍ଗୀତ ଭିତରେ ଜୀବନ ଜିନ୍ଦାବାଦର ସ୍ୱର ଗୁଣୁଗୁଣାଏ।

ବିନା ସଙ୍ଗୀତରେ ଜୀବନ ନାହିଁ। ବିନା ଗଣିତରେ ତର୍କ ନାହିଁ। ତେଣୁ ଉଭୟ ଗଣିତ ଓ ତର୍କକୁ ନେଇ ସଙ୍ଗୀତର ତାଳେ ତାଳେ ଜୀବନକୁ ଗତିଶୀଳ କରାଇଲେ ସମଗ୍ର ଜୀବନ ଧାରା ନାଚି ଉଠେ। ତାଳ, ଲୟ, ମଣିଷ ସଙ୍ଗୀତ ଗାନ କରେ। କୋମଳ, ଗାନ୍ଧାର, ଭୈରବ ସ୍ୱରରେ ଜୀବନର ତନ୍ତ୍ରୀକୁ ଅଭିମନ୍ତ୍ରିତ କରେ। ଜୀବନର ସଂଜ୍ଞା ଓ ସ୍ୱରୂପ ବୁଝିଗଲେ ମଣିଷ ସଙ୍ଗୀତ ମାଧ୍ୟମରେ ଆତ୍ମଉପଲବ୍ଧି କରିଥାଏ। ସମଗ୍ର ଜୀବନ ଏକ ସଙ୍ଗୀତ ହେଲେ ଏହା ଗଣିତ ଓ ତର୍କ ସିଦ୍ଧ ହେବା ଆବଶ୍ୟକ। କାରଣ ବିନା ଗଣିତରେ ସଙ୍ଗୀତର ସ୍ୱର କିମ୍ବା ତାଳ କିମ୍ବା ଲୟ ସ୍ଥିର ହୋଇନଥାଏ।

ସଙ୍ଗୀତର ବିଭିନ୍ନ ପର୍ଯ୍ୟାୟ ଅନୁରୂପ ଜୀବନ ଗତିଶୀଳ ହେଉଥିବାରୁ ମଣିଷ ସଫଳ ଜୀବନ ଜୀଇଁବାକୁ ଏଥିରେ ହିଁ ସଞ୍ଜୀବନୀ ଖୋଜିବା ଆବଶ୍ୟକ। ତା'ରି ଭିତରେ କିଛି ମୂର୍ଚ୍ଛନା ଦରକାର। ଭକ୍ତି, ପ୍ରେମ, କର୍ମ ପରି ବିଭିନ୍ନ ପର୍ଯ୍ୟାୟରେ ଗତି କରି ମଣିଷ ଗଣିତ-ତର୍କର ସଙ୍ଗୀତ ଗାନ କଲେ ଜୀବନ ମଧୁମୟ ହୋଇପାରିବ। ସାରା ଜୀବନ ସାଙ୍ଗିତିକତାରେ ଭରିଯିବ।

ବେସୁରା ଜୀବନ ଜୀବନ ନୁହେଁ। ସ୍ୱରାବିଷ୍ଟ ହେଲେ ଏହା ଶ୍ରୁତିମଧୁର ହୁଏ। ପଲ୍ଲବିତ ହୁଏ। ସାକାର ହୁଏ। ସାର୍ଥକ ହୁଏ। ତେଣୁ ସେହି ଚିଦାନନ୍ଦରୂପୀ ଶିବ ସ୍ୱରୂପୀ ଆତ୍ମା ଦର୍ଶନ କରିବାକୁ ଯେଉଁ ଗଣିତ-ତର୍କ ଦରକାର ତାକୁ ଆୟତ୍ତ କରିବା ଆବଶ୍ୟକ। ଏଥିଲାଗି ସାଧନା ଦରକାର। ପ୍ରକୃତିର ନିୟମ ଯେପରି ଗଣିତ-ତର୍କ ସିଦ୍ଧାନ୍ତରେ ପର୍ଯ୍ୟବସିତ ସେହି ସାଙ୍ଗିତିକ ନିୟମାନୁସାରେ ମଣିଷ ଜୀବନ ଗତିଶୀଳ ହେଲେ ସଫଳ ହୁଏ। ଦୀର୍ଘସ୍ଥାୟୀ ଓ ଚିରଞ୍ଜୀବୀ ହୁଏ। ସୁଲଳିତ ହୁଏ। ସୁଶ୍ରାବ୍ୟ ହୁଏ। ମନୋରଞ୍ଜନ ସହ କର୍ମ ରଞ୍ଜନ ବି ହୋଇଥାଏ।

ଜନ୍ମରୁ ମୃତ୍ୟୁ ଗଣିତ-ତର୍କର ହିଁ ଏକ ସଙ୍ଗୀତ। କେତେବେଳେ ଗଣିତକୁ ନେଇ ହାନି-ଲାଭ ତ କେବେ ତର୍କକୁ ନେଇ ବାକ-ବିତର୍କ। କିନ୍ତୁ ଏହା ହିଁ ଜୀବନର ସାମ ସଙ୍ଗୀତ। ବିଭିନ୍ନ ଭାବରେ ଗତିଶୀଳ। କେତେବେଳେ ଉତଥିତ କେବେ ନିରବ କେବେ ତଳମୁଖୀ ତ କେବେ ସମାନ୍ତରାଳ। କେବେ ହାସ୍ୟ ତ କେବେ ବୀଭତ୍ସ ତ କେବେ କରୁଣ। ତାରି ଭିତରେ ଜୀବନର ସଙ୍ଗୀତ ଗାନ କରିବାକୁ ପଡ଼େ। ଗଣିତ-ତର୍କର ଜୀବନରେ ହିଁ ଆନନ୍ଦମୁଖୀ ହୁଏ ମଣିଷ। ●

କଟକ, ମୋ: ୯୯୩୮୬୧୧୦୫୩

# ପଦ୍ମପୁର: ପଦ୍ମସମ୍ଭବଙ୍କ ଜନ୍ମସ୍ଥଳ

ପ୍ରବୀର କୁମାର ପଟ୍ଟନାୟକ

ଦ୍ୱିତୀୟ-ବୁଦ୍ଧ କଥା



ତିବ୍ବତୀୟ କିମ୍ବଦନ୍ତୀ ଦର୍ଶାଇଥାଏ ପ୍ରାଚୀନ ଉଡ୍ଡୀୟାନ ଅନ୍ତର୍ଗତ ସମ୍ବଳ ରାଜ୍ୟର ଧନକୋଷ ନାମକ ହ୍ରଦରେ ଏକ ଫୁଟନ୍ତା ପଦ୍ମଫୁଲ ଉପରେ ଆଠ ବର୍ଷ ବୟସର ବାଳକ ଭାବେ ବସିଥିବା ଅବସ୍ଥାରେ ତାଙ୍କର ଆର୍ବିଭାବ ହୋଇଥିଲା। ପଦ୍ମ ଫୁଲ ଉପରେ ବସିଥିବା ବେଳେ ତାଙ୍କର ଆବିର୍ଭାବ ଯୋଗୁଁ ତାଙ୍କ ନାମ 'ପଦ୍ମସମ୍ଭବ' ହେଇଛି। ସମ୍ବଳର ରାଜା ଇନ୍ଦ୍ରଭୂତିଙ୍କ ମନ୍ତ୍ରୀ ପ୍ରଥମେ ତାଙ୍କର ସନ୍ଧାନ ପାଇ ରାଜାଙ୍କୁ ଖବର କଲେ। ସେତେବେଳେ ନିଜ ପୁଅର ବିୟୋଗରେ ରାଜା ଅତ୍ୟନ୍ତ ଦୁଃଖ ଓ ମନସ୍ତାପରେ ଥିଲେ। ମନ୍ତ୍ରୀ ଏହି ବାଳକଟି ପାଖରେ ବହୁ ଶୁଭଲକ୍ଷଣ ଦେଖିଥିବାରୁ ରାଜା ଓ ପ୍ରଜାମାନେ ବହୁସଂଖ୍ୟାରେ ହ୍ରଦ କୂଳରେ ଏକାଠି ହୋଇ ବାଳକଟିକୁ ହ୍ରଦ ମଧ୍ୟରୁ ଉଦ୍ଧାର କରି ମହାସମାରୋହରେ ରାଜପ୍ରସାଦକୁ ନେଲେ।

ଏହି ପ୍ରାଚୀନ ସମ୍ବଳ ବା ସମ୍ବଳକ ରାଜ୍ୟ ହେଉଛି ବର୍ତ୍ତମାନର ଅବିଭକ୍ତ ତଥା ବୃହତ୍ତର ସମ୍ବଲପୁର ଅଞ୍ଚଳ। ସମ୍ବଲପୁର ଜିଲ୍ଲାଟି ଏବେ ସମ୍ବଲପୁର, ଝାରସୁଗୁଡା, ବରଗଡ଼ ଓ ଦେବଗଡ଼ - ଏପରି ଚାରିଗୋଟି ଜିଲ୍ଲାରେ ବିଭକ୍ତ ହେଇଛି। ଏଥିମଧ୍ୟରୁ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲା ମହାନଦୀର ତଟବର୍ତ୍ତୀ ଅଞ୍ଚଳ। ସମ୍ବଲପୁର ସହର ମହାନଦୀ କୂଳରେ ହିଁ ଅବସ୍ଥିତ। ସମ୍ବଲପୁର ନିକଟରେ ମହାନଦୀରେ ହୀରାକୁଦ ନଦୀବନ୍ଧ ଯୋଗନା କରାଯାଇଛି ଏବଂ ଏହାର ଜଳଭଣ୍ଡାରକୁ ଲାଗି ତିନୋଟି ଯାକ ତଟବର୍ତ୍ତୀ ଜିଲ୍ଲାର ବହୁଅଞ୍ଚଳ ରହିଛି। ଆହୁରି ଅନେକ ଅଞ୍ଚଳ ଜଳଭଣ୍ଡାର ମଧ୍ୟରେ ବୁଡ଼ିଯାଇଛି।

ସ୍ଥାନୀୟ ପରମ୍ପରା ତଥା ଗବେଷଣା ମୁତାବକ ଖ୍ରୀ ୭୧୭ ରୁ ୭୨୨ ମଧ୍ୟରେ ଧନକୋଷ ହ୍ରଦରେ ପଦ୍ମସମ୍ଭବଙ୍କ ଆବିର୍ଭାବ ଘଟିଥିଲା। ଭୁବନେଶ୍ୱର ମହାବୋଧି ସୋସାଇଟି ସହ ସଂପର୍କିତ ଜଣେ ବୟୋଜ୍ୟେଷ୍ଠ ଗବେଷକ ଏହି ଆବିର୍ଭାବ ଖ୍ରୀ ୭୧୭ରେ ହୋଇଥିଲା ବୋଲି ଦର୍ଶାଇଛନ୍ତି। ଆବିର୍ଭାବ ବେଳକୁ ତାଙ୍କର ବୟସ ଆଠ ବର୍ଷ ହୋଇଥିଲା ଏବଂ ରାଜା ଇନ୍ଦ୍ରଭୂତି ତାଙ୍କଠାରୁ ତାଙ୍କ ପିତାମାତାଙ୍କ ନାମ ଆଦି ସଂଗ୍ରହ କରି ତାଙ୍କର ନିଜର ପ୍ରକୃତ ଜନ୍ମସ୍ଥାନକୁ ସେହି ମହାନଦୀ କୂଳରେ ସମ୍ବଳ ରାଜପ୍ରସାଦ ରହିଥିବା ହୀରାକୁଦ ଅଞ୍ଚଳର ସ୍ଥାନଠାରୁ ମହାନଦୀର ଉପର ମୁଣ୍ଡରେ କିଛି ଦୂରରେ ଅବସ୍ଥିତ ପଦ୍ମପୁର ନଗରକୁ ଚିହ୍ନଟ କରିଥିଲେ। ଏହି ସ୍ଥାନଟି ଏବେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଅଞ୍ଚଳରେ ଅବସ୍ଥିତ। ମାତ୍ର ଏହି ସ୍ଥାନ ସହ ସମ୍ବଲପୁର ପାଖକୁ ଧରି ଏକ ବୃହତ୍ ଅଞ୍ଚଳ ହୀରାକୁଦ ନଦୀବନ୍ଧର ଜଳଭଣ୍ଡାର ମଧ୍ୟରେ ବୁଡ଼ି ଯାଇଛି। ଏହି ସ୍ଥାନର ସମସ୍ତ ଲୋକ ଉଠି ଯାଇ ନିକଟସ୍ଥ ଛତିଶଗଡ଼ ଅଞ୍ଚଳରେ ତଥା ପାଖାପାଖି ଅଞ୍ଚଳରେ ବାସ କରୁଛନ୍ତି।

ରାଜା ଇନ୍ଦ୍ରଭୂତିଙ୍କ ଦ୍ୱାରା ପ୍ରତିଷ୍ଠିତ ବୌଦ୍ଧ ଦେବୀ ପଦ୍ମାସିନୀଙ୍କ ମନ୍ଦିର ପୁନରୁଦ୍ଧାର ହୋଇ ଏବେ ମଧ୍ୟ ସେହି ବୁଡ଼ିସ୍ଥାନରେ ରହିଯାଇଛି ଏବଂ ଗ୍ରୀଷ୍ମ ଋତୁରେ ଜଳସ୍ତର ତଳକୁ ଖସିଗଲେ ଏବେ ମଧ୍ୟ ସେହି ପ୍ରାଚୀନ ମନ୍ଦିର ଦୃଶ୍ୟମାନ ହେଉଛି। ମାତ୍ର ଦେବୀଙ୍କୁ ଲୋକମାନେ ଉଠାଇ ନେଇ ନୂଆ ବସବାସ କରୁଥିବା ସ୍ଥାନରେ ରଖି ପୂଜା କରୁଛନ୍ତି। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA

## ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନୀଳମାଧବ ବିକାଶ ପ୍ରକଳ୍ପ ବିପର୍ଯ୍ୟସ୍ତ

# ପାଚେରିରେ ଶୁଖୁଛି ଲୁଗା, ପାହାଚରେ ବଡ଼ି

**ନୟାଗଡ଼/ଖଣ୍ଡପଡ଼ା, ୭।୧୧(ସମିସ):** ମହାପ୍ରଭୁ ଜଗନ୍ନାଥଙ୍କ ଆଦିପୀଠ ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ପୀଠ ଉନ୍ନତି ଓ ବିକାଶ ପାଇଁ ପୂର୍ବ ସରକାର ଯୋଜନା ପ୍ରସ୍ତୁତ କରିଥିଲେ। ଶହେ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟବରାଦ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଅର୍ଥକୁ ବ୍ୟୟ କରି ଅନେକ ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲା। କିନ୍ତୁ ସାଧାରଣ ନିର୍ବାଚନ ପରଠାରୁ ଏହି କାର୍ଯ୍ୟ ଧୀରେଧୀରେ ଧିମା ହୋଇ ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯେତିକି ବି ବିକାଶମୂଳକ କାର୍ଯ୍ୟ ହୋଇଥିଲା, ରକ୍ଷଣାବେକ୍ଷଣ ଓ ସୁରକ୍ଷା ଅଭାବରୁ ତାହା ବିପର୍ଯ୍ୟସ୍ତ ହୋଇଗଲାଣି।

ନୀଳମାଧବ ପୀଠ ଉନ୍ନତି ପାଇଁ ସମ୍ପୂର୍ଣ୍ଣ ମନ୍ଦିରକୁ ସ୍ୱଚ୍ଛ ଧଳା ରଙ୍ଗ କରାଯାଇଥିଲା। କିନ୍ତୁ ଭକ୍ତମାନଙ୍କ ସଚେତନତା ଅଭାବରୁ ମନ୍ଦିର କାନ୍ଥ ସାରା ସିନ୍ଦୂର ଦାଗ ଜଳଜଳ ଦେଖାଯାଉଛି। ମନ୍ଦିର ପରିସରରେ ସ୍ୱଚ୍ଛତା ପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ। ବେଢ଼ା ଭିତରେ ଦୀପ, ଭୋଗ, ଖେଳଣା ଓ ଆଇସକ୍ରିମ ଦୋକାନ ଖୋଲିଛି। କୋଟିକୋଟି ଟଙ୍କା ବ୍ୟୟରେ ହୋଇଥିବା ଏହି ରୂପାନ୍ତରଣ କାର୍ଯ୍ୟର ଅବସ୍ଥା ଦେଖିଲେ, ରାଜ୍ୟ ତଥା ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକ ନାକ ଟେକୁଛନ୍ତି। ଖାଲି ସେତିକି ନୁହେଁ, ଭକ୍ତଙ୍କ ପାଇଁ ନିର୍ମାଣ ହୋଇଥିବା ଲିଫ୍ଟ ଆଦୌ ବ୍ୟବହାର ହେଉନାହିଁ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଦିନଟିଏ ଲିଫ୍ଟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏବେ ତାହା ବନ୍ଦ ଅବସ୍ଥାରେ ରହିଛି। ମନ୍ଦିର ଆଲୋକୀକରଣ ବ୍ୟବସ୍ଥା ବି ଫେଲ୍ ମାରିବାକୁ ବସିଛି। ପାର୍କଠାରୁ ଆରମ୍ଭ କରି ଦୟଣାଚୋରି ବଗିଚା ପର୍ଯ୍ୟନ୍ତ ସବୁଠି ବିପର୍ଯ୍ୟସ୍ତ ଅବସ୍ଥା କଣ୍ଟିଲୋବାସୀଙ୍କୁ ଚିନ୍ତାରେ ପକାଇଛି। ଦୟଣାଚୋରି ବଗିଚାରେ ଲାଜକୁଳି ଲତା ମାଡ଼ି ଯାଇଥିବା ବେଳେ ସେଥିରେ ତାଲା ଝୁଲୁଛି। ପାର୍କରେ ଲାଇଟ୍ ବ୍ୟବସ୍ଥା ସଠିକ୍ ନଥିବା ଦେଖିବାକୁ ମିଳିଛି। ଏହାସହ ପୁନରୁଦ୍ଧାର ହୋଇଥିବା ଚାପ ପୋଖରୀ ଭିତର ଓ ବାହାରେ କୁଡ଼କୁଡ଼ ଆବର୍ଜନା ଦେଖିବାକୁ ମିଳିଛି।



ନୀଳମାଧବ ବିକାଶ ପ୍ରକଳ୍ପରେ ଏକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିବା ବେଳେ ତାହା ଅବ୍ୟବହୃତ ହୋଇ ପଡ଼ିରହିଛି। ନୀଳମାଧବ କ୍ଷେତ୍ରକୁ ପ୍ରତ୍ୟେକ ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସୁଥିବା ବେଳେ ଏସବୁ ବିପର୍ଯ୍ୟସ୍ତ ଅବସ୍ଥା ଦେଖି ସ୍ଥାନୀୟ ଲୋକଙ୍କୁ ପ୍ରଶ୍ନ ପଚାରି ମନକୁ ସନ୍ତୁଷ୍ଟ କରୁଛନ୍ତି।

ନୀଳମାଧବ ବିକାଶ ପ୍ରକଳ୍ପରେ ଅନେକ ଯୋଜନା ରହିଥିବା ବେଳେ ଏଥିପ୍ରତି ସରକାର ଆଦୌ ଧ୍ୟାନ ନଦେବା, ହୋଇଥିବା କାମର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରାନଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୀଳମାଧବ ମନ୍ଦିର ପରିକ୍ରମା ପାଇଁ ରହିଥିବା ଯୋଜନା କେବେ କାର୍ଯ୍ୟକାରୀ ହେବ ବୋଲି ସ୍ଥାନୀୟବାସିନ୍ଦା ପ୍ରଶ୍ନ କରୁଛନ୍ତି। ମନ୍ଦିର ଚାରିପାଖରେ ଘର କରି ରହିଥିବା ସେବାୟତଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ, ପାହାଚ ଚାରିପାଖରେ ପରିକ୍ରମା ରାସ୍ତା ନିର୍ମାଣ କାର୍ଯ୍ୟ ଆଦୌ ଆରମ୍ଭ ହୋଇପାରିନାହିଁ।

ଐତିହ୍ୟସଂପନ୍ନ ନୀଳମାଧବ ପୀଠର ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେବାକୁ ବସିଥିବା ବେଳେ ଜିଲ୍ଲା ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗ ଏଥିପ୍ରତି ଆଡ଼ ଆଖିରେ ଚାହୁଁନାହିଁ। ମନ୍ଦିର ନିକଟରେ ଆବଶ୍ୟକ ଶୌଚାଳୟ ସୁବିଧା ନାହିଁ। ବ୍ରହ୍ମାଦୀ ପାହାଡ଼ ଉପରେ ଅବସ୍ଥିତ ନୀଳମାଧବ ପୀଠ ପୁରୀ ଶ୍ରୀମନ୍ଦିର ଭଳି ରୂପାନ୍ତରିତ ହେବ ବୋଲି ଜିଲ୍ଲାବାସୀ ଆଶା ରଖିଥିଲେ। ସେହି ଆଶା ଧୂଳିସାତ ହୋଇଥିବା ବେଳେ ସ୍ଥାନୀୟ ବିଧାୟକ ମଧ୍ୟ ଏଥିପ୍ରତି ଧ୍ୟାନ ଦେଉନଥିବା ଜନସାଧାରଣ ଅଭିଯୋଗ କରିଛନ୍ତି।

# ମହୁମାଛି ଆକ୍ରମଣରେ ଶିଶୁ ମୃତ

**କରଞ୍ଜିଆ, ୭।୧୧(ସମିସ):** ମହୁମାଛି ଆକ୍ରମଣରେ ଜଣେ ୪ ବର୍ଷର ଶିଶୁର ମୃତ୍ୟୁ ଘଟିଛି। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ରୋଡଙ୍ଗ ଗ୍ରାମରେ। ସୂଚନା ଅନୁଯାୟୀ, ରୋଡଙ୍ଗ ଗ୍ରାମର ରାଜା ନାଏକଙ୍କ ଚାରିବର୍ଷର ପୁଅ ଇଷାନ ନାଏକ ଜଣେ ପଡୋଶୀଙ୍କ ସହିତ ନଦୀକୁ ଗାଧୋଇବା ପାଇଁ ଯାଇଥଲା। ସେଠାରୁ ଘରକୁ ଫେରିବା ବାଟରେ ଗଛରେ ଥିବା ମହୁମାଛି ବସାକୁ ଏକ ବାଜ ଆକ୍ରମଣ କରିଥିଲା। ଫଳରେ ଉକ୍ତ ଗଛରୁ ମହୁମାଛି ବାହାରି ଲୋକଙ୍କୁ ଆକ୍ରମଣ କରିଥିଲା। ସେହି ସମୟରେ ଇଷାନ ନଦୀରୁ ଗାଧୋଇ ଫେରୁଥିଲା। ମହୁମାଛି ତା ଉପରେ ଆକ୍ରମଣ କରିଥିଲେ। ଫଳରେ ତାର ଦେହସାରା ଫୁଲିଯାଇଥିଲା। ପରିବାର ଲୋକେ ତୁରନ୍ତ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର କେନ୍ଦୁଝର ନେବାକୁ ପରାମର୍ଶ ଦେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ବାର୍‌ହା ଫାଶରେ ପଡ଼ି ଦୁଇ ଭାଇ ମୃତ

**ଲକ୍ଷ୍ମୀପୁର, ୭।୧୧(ସମିସ):** ବାର୍‌ହା ଶିକାର ପାଇଁ ଲାଗିଥିବା ବିଦ୍ୟୁତ୍ ଫାଶରେ ପଡ଼ି ଦୁଇଜଣଙ୍କର ମୃତ୍ୟୁ ଘଟିଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ପିପଲପଦର ଗ୍ରାମପଞ୍ଚାର କାନାପାଇ ଗାଁ ଜଙ୍ଗଲରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଘନିଲା ମାଣ୍ଡିଙ୍ଗା (୨୬) ଓ ତାଙ୍କର ସମ୍ପର୍କୀୟ ଭାଇ କୁମ୍ବର ହିକକା। ଗୁରୁବାର ସନ୍ଧ୍ୟାରେ ଦୁଇଭାଇ ଗାଁ ନିକଟ ଜଙ୍ଗଲକୁ ଯାଇଥିବା ବେଳେ ସେଠାରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଜଳି ଯାଇଥିଲେ। ଆଜି ଏହି ଖବର ପ୍ରଘଟ ହେବା ପରେ ଲକ୍ଷ୍ମୀପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଛି। ଶବଦ୍ୱୟକୁ ଜବତ କରି ଲକ୍ଷ୍ମୀପୁର ମେଡିକାଲକୁ ପଠାଇବା ସହ ତଦନ୍ତ ଚଳାଇଛି। କିଏ ଏହି ଫାଶ ବସାଇଥିଲା, ସେନେଇ ପୁଲିସ ଛିନ୍‌ଭିନ୍ ଚଳାଇଛି।

ଉଲ୍ଲେଖଯୋଗ୍ୟ, ଏହା ଗୋଟିଏ ଘଟଣା ନୁହେଁ, କିଛି ଦିନ ତଳେ ବାର୍‌ହା ଫାଶରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଲକ୍ଷ୍ମୀପୁର ବ୍ଲକ୍‌ର କିଛି ଗାଁରେ ଗତ କିଛି ଦିନ ହେଲା ବିଦ୍ୟୁତ୍ ତାର ବିଛାଇ ବାର୍‌ହା ଶିକାର କରାଯାଉଛି। ଏହା ମଣିଷଙ୍କ ପାଇଁ କାଳ ସାଜୁଥିବା ଦେଖାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରଙ୍ଗ ମାରିଲେ ବିକାଶ...

ମାରାଥନ ପ୍ରଚାର କରିଛନ୍ତି। ଦୀର୍ଘ ତିନି ଘଣ୍ଟା ଧରି ଖରିଆର ରୋଡ ଓ ନୂଆପଡାରେ ନବୀନଙ୍କ ରୋଡ୍ ଶୋ'ରେ ହଜାର ହଜାର ଲୋକ ସାମିଲ ହେବା ସହ ବିଭିନ୍ନ ଛକରେ ତାଙ୍କୁ ସମ୍ବର୍ଦ୍ଧନା ଦେଇଛନ୍ତି। ରାସ୍ତାର ଦୁଇ ପଟରେ ଥିବା ହଜାର ହଜାର ଶୁଭେଚ୍ଛୁଙ୍କୁ ହାତ ହଲାଇ ଅଭିବାଦନ ଜଣାଇବା ସହ ଖରିଆର ରୋଡର ଡାଗା ଛକ, ବିଜୁ ପଟ୍ଟନାୟକ ଛକ ଓ ଲଖନିଆ ପେଟ୍ରୋଲ୍ ପମ୍ପ ଛକରେ ଜନସାଧାରଣଙ୍କୁ ନବୀନ ସମ୍ବୋଧନ କରିଛନ୍ତି। ସେହିପରି ନୂଆପଡା ଏନଏସି ଅନ୍ତର୍ଗତ ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ ଓ ଏକତା ଛକରେ ମଧ୍ୟ ଶ୍ରୀ ପଟ୍ଟନାୟକ ସମବେତ ଜନସାଧାରଣଙ୍କୁ ସମ୍ବୋଧନ କରିବା ସହ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କୁ ଆଶୀର୍ବାଦ ପାଇଁ ଅନୁରୋଧ କରିଛନ୍ତି।

ପରେ ପରକୋଟ ପଡିଆରେ ସମବେତ ବିଶାଳ ସମାବେଶରେ ଉଦ୍‌ବୋଧନ ଅବସରରେ ନବୀନ ବିଜେପି ସରକାର ଉପରେ ତୀବ୍ର ଆକ୍ରମଣ କରିଛନ୍ତି। ସେ କହିଛନ୍ତି ଯେ ବିଜୁ ଜନତା ଦଳ ସରକାର ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପାନୀୟ ଜଳ, ଜଳସେଚନ, ଆଦିବାସୀ କଲ୍ୟାଣ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରଭୁତ ବିକାଶ ଆସିଥିଲା। ନୂଆପଡାରେ ହଜାର ହଜାର ଏକର ଜମିକୁ ଜଳସେଚନ ଯୋଗାଇ ଦିଆଯାଇଥିଲା। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ପ୍ରଭୁତ ଉନ୍ନତି ଆସିଥିଲା। ତାଙ୍କ ସରକାର ସମୟରେ ହୋଇଥିବା ବିଜୁ ଏକ୍ସପ୍ରେସ ୱେ ଆଜି ନୂଆପଡାର ଆର୍ଥିକ ବିକାଶ ପାଇଁ ସୁଯୋଗ ଆଣି ଦେଇଛି। ମାତ୍ର ଆଜି ସାରା ରାଜ୍ୟରେ ବିକାଶ କାମ ପୁରା ବନ୍ଦ ହୋଇ ଯାଇଛି। ଏହି ଅବସରରେ ନବୀନ ରାଜ୍ୟରେ ୫୦୦ ଦିନ ପୂରଣ କରିଥିବା ବିଜେପି ସରକାରର ଗୋଟିଏ ଗୋଟିଏ ପ୍ରତାରଣାକୁ ଲୋକଙ୍କ ସାମ୍ନାରେ ରଖିଛନ୍ତି। ନିର୍ବାଚନରେ ପ୍ରତିଶ୍ରୁତି ଦେଇଥିବା ୩୦୦ ୟୁନିଟ୍ ମାଗଣା ବିଜୁଳି, ୬୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ୩୫୦୦ ଟଙ୍କା ପେନ୍‌ସନ୍, ଚାଷୀଙ୍କୁ ୟୁରିଆ ସାର, ଯୁବକଙ୍କୁ ଚାକିରୀ ଆଦି ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି। ଅନୁରୂପ ଭାବରେ ମିଶନ ଶକ୍ତି ମା' ମାନଙ୍କୁ ଋଣ ପ୍ରଦାନରେ ଅବହେଳା, କଟନିଛଟନି ବନ୍ଦ ନ ହେବାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଏସ୍‌କେୱାଇରେ ଲୋକଙ୍କୁ ସେବା ମିଳୁଥିଲା, ମାତ୍ର ଆୟୁଷ୍ମାନରେ ଏବେ ଖାଲି ଟେନ୍‌ସନ ମିଳୁଛି ଏବଂ ଏହି ୫୦୦ ଦିନ ମଧ୍ୟରେ ଲୋକଙ୍କୁ କେବଳ ଧୋକା, ଧୋକା, ଡବଲ ଧୋକା ମିଳୁଛି ବୋଲି ନବୀନ କଟାକ୍ଷ କରିଛନ୍ତି।

ଏହି ଅବସରରେ ନବୀନ ଗତ ତିନି ତାରିଖ ଦିନ ତାଙ୍କ ସଭାକୁ ଯେପରି ଲୋକ ନ ଆସିପାରିବେ, ସେଥିପାଇଁ ଅନେକ ଚେଷ୍ଟା କରାଯାଇଥିବା ଉଲ୍ଲେଖ କରି ଏପ୍ରକାର ହୀନମନ୍ୟତାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ କୋମନା ସଭାରେ ଲୋକଙ୍କ ମନରେ ଯେଉଁ କ୍ରୋଧ ଓ ଦୁଃଖ ସେ ଦେଖିଥିଲେ ଆଜି ମଧ୍ୟ ନୂଆପଡାରେ ଲୋକଙ୍କ ଆଖିରେ ସେହି କ୍ରୋଧ ଓ ଦୁଃଖ ରହିଛି। ଲୋକଙ୍କ ସହିତ, ବିଜେଡି ସହିତ ଓ ତାଙ୍କ ସହିତ କିପରି ବେଇମାନି କରାଗଲା ନୂଆପଡାବାସୀ ତାହା ଭଲ ଭାବେ ଜାଣନ୍ତି। ଏହାର ଜବାବରେ ନୂଆପଡାର ଭୋଟରମାନେ ୧୧ ତାରିଖ ଦିନ ଭୋଟରେ ନିଶ୍ଚୟ ଦେବାକୁ ସେ ଅନୁରୋଧ କରିଛନ୍ତି। ଏହା ସହ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନୂଆପଡ଼ାରେ ରହି ସ୍ଥାନୀୟ ଲୋକଙ୍କ ସେବା କରିବାକୁ ନିର୍ଦ୍ଦେଶ ଦେଇଥିବା ନବୀନ କହିଛନ୍ତି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ବରିଷ୍ଠ ନେତା ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସହିତ ଦଳର ସ୍ଥାନୀୟ ନେତାମାନେ ଉପସ୍ଥିତ ଥିଲେ।

### ଦିଲ୍ଲୀରେ ୩୦୦...

ଆସିବା କରୁଥିବା ବିମାନଗୁଡିକ ମଧ୍ୟ ବିଳମ୍ବିତ ହୋଇଛି। ଏହି ସମସ୍ୟା କେବେ ସମାଧାନ ହେବ ଓ ସ୍ଥିତି କେବେ ସାମାନ୍ୟ ହେବ ସେ ନେଇ ଦିଲ୍ଲୀ ବିମାନ ବନ୍ଦର କର୍ତ୍ତୃପକ୍ଷ କୌଣସି ସୂଚନା ଦେଇ ନାହାନ୍ତି। ଫ୍ଲାଇଟ୍ ଟ୍ରାକିଂ ପୋର୍ଟାଲରେ ଦିଲ୍ଲୀର ଆକାଶର ଚିତ୍ର ଦେଖିବାକୁ ମିଳୁଛି। ଗୁରୁବାର ସନ୍ଧ୍ୟାଠାରୁ ଏହି ସମସ୍ୟା ଦେଖିବାକୁ ମିଳିଥିଲା। ବିମାନ ବିଳମ୍ବିତ ହେବା କାରଣରୁ ଯାତ୍ରୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚେକ୍ ଇନ୍, ଗେଟ୍ ନିକଟରେ ଅପେକ୍ଷା, ବୋର୍ଡିଓ ଲେଟ୍, କନେକସନ ଫ୍ଲାଇଟ୍‌ରୁ ବଞ୍ଚିତ ହେବାର ସମସ୍ୟା ସୃଷ୍ଟି ହୋଇଛି। ଏହା ଦ୍ୱାରା ମଧ୍ୟ ଅପରେସନ ପ୍ରଭାବିତ ହୋଇଛି। ଦିଲ୍ଲୀ ବିମାନ ବନ୍ଦରରେ ପ୍ରତିଦିନ ୧,୫୦୦ ବିମାନ ଯିବା ଆସିବା କରିଥାଏ। ଏହା ଦ୍ୱାର ଏୟାର ଲାଇନ୍ସ ଓ ବିମାନବନ୍ଦର କାର୍ଯ୍ୟପ୍ରଣାଳୀ ବିଳମ୍ବିତ ହୋଇଛି। ଏହି ସମସ୍ୟା କାରଣରୁ ବେଟିଆ, ଲକ୍ଷ୍ନୌ, ଜୟପୁର, ଚଣ୍ଡିଗଡ଼ ବିମାନ ବନ୍ଦର ମଧ୍ୟ ପ୍ରଭାବିତ ହୋଇଛି। ବିମାନ ବିଳମ୍ବିତ ହେବା କାରଣରୁ ଆଗକୁ ଆସିବାକୁ ଥିବା ବିମାନ ଗୁଡିକର କାର୍ଯ୍ୟସୂଚୀ ବିଳମ୍ବିତ ହୋଇଛି।

### ୪୨ ଦିନରେ ବିକ୍ରି...

ଯାତ୍ରୀବାହୀ କାର ଏବଂ ଦୁଇ ଚକିଆ ଯାନ ପାଇଁ ରେକର୍ଡ ପଞ୍ଜିକରଣ ହୋଇଛି। ଜିଏସ୍ଟି ୨.୦ ଲାଗୁ ହେବା ପରେ ଯାନବାହାନ ମୂଲ୍ୟ ହ୍ରାସର ପ୍ରଭାବ ମଧ୍ୟ ଏଥର ବଜାରରେ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଫାଡା ସଭାପତି ସି.ଏସ୍. ବିଘ୍ନେଶ୍ୱର କହିଛନ୍ତି ଯେ, ଚଳିତ ପାର୍ବଣ ଋତୁରେ ହୋଇଥିବା ବିକ୍ରି, ଭାରତର ଅଟୋ କ୍ଷେତ୍ରର ଖୁଚୁରା ବିକ୍ରି ଇତିହାସରେ ସବୁଠୁ ବଡ଼। ଜିଏସ୍ଟି ୨.୦ ଯୋଗୁ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଯାନବାହାନ କିଣିବା ସରଳ ଓ ସହଜ ହୋଇଛି। କମ୍ପାକ୍ଟ ଓ ୪ ମିଟରରୁ କମ୍ ଆକାରର ଗାଡ଼ି ଚାହିଦା ସବୁଠୁ ଅଧିକ ରହିଛି। ଗ୍ରାମାଞ୍ଚଳର ମଧ୍ୟ ଗାଡ଼ି ବିକ୍ରି ଆଖିଦୃଶିଆ ଭାବରେ ବଢ଼ିଛି। ଏହା ବାଦ ଇଲେକ୍ଟ୍ରିକ୍ ଗାଡ଼ି ପ୍ରତି ମଧ୍ୟ ଗ୍ରାହକଙ୍କ ଆଗ୍ରହ ବଢ଼ିଛି। ତିନି ଚକିଆ ଏବଂ କର୍ମସିଆଲ ଇଭି ଗାଡ଼ିର ବିକ୍ରି ଯଥାକ୍ରମେ ୯% ଏବଂ ୧୫% ଅଭିବୃଦ୍ଧି ରେକର୍ଡ କରିଛି।

### ଏସ୍‌ଆଇଟି ବୈଠକରେ...

ଏହି ଅବସରରେ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଘଟଣାରେ ଅଦ୍ୟାବଧି କ୍ରାଇମବ୍ରାଞ୍ଚ କରିଥିବା ତଦନ୍ତର ଷ୍ଟାଟସ୍ ରିପୋର୍ଟକୁ ବୈଠକରେ ବିଭାଗୀୟ ଅଧିକାରୀ ଉପସ୍ଥାପନ କରିଥିଲେ। ସରକାରଙ୍କ ସୁପାରିସକ୍ରମେ ଏହାର ତଦନ୍ତ ଆଗକୁ ସିବିଆଇ କରିବ। ଏଣୁ, ତଦନ୍ତ ପରେ ଅଧିକ ତଥ୍ୟ ଆସିପାରିବ ବୋଲି ସେ କହିଥିଲେ। ନିକଟ ଅତୀତରେ ଦୁର୍ନୀତି ମାମଲାରେ ବହୁ ସଂଖ୍ୟାରେ ଉଚ୍ଚପଦସ୍ଥ ଅଧିକାରୀ ଧରାପଡ଼ିଛନ୍ତି। ଏପରିକି, ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସରକାରୀ ଅଧିକାରୀ ଧରାପଡ଼ିଥିବା ବେଳେ ଓପିଆରବି ଦ୍ୱାରା ପରିଚାଳିତ ହେଉଥିବା ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଘଟଣାରେ ଏଯାଏ କୌଣସି ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଇନାହିଁ। ଏହି ଘଟଣାରେ ନିଯୁକ୍ତି ଆଶାୟୀଙ୍କଠାରୁ ବିପୁଳ ଅର୍ଥ କାରବାର ହୋଇଥିବାରୁ ଇଡି ପକ୍ଷରୁ ଏହି ପ୍ରସଙ୍ଗରେ ନଜର ରଖାଯିବା ପାଇଁ ଜଷ୍ଟିସ ପଶାୟତ ଗୁରୁତ୍ୱାରୋପ କରିଥିଲେ।

ସେହିଭଳି ଦୁର୍ନୀତି ନିବାରଣ ଆଇନ ମାମଲାର ଅନ୍ୟ ଦିଗ ବିଷୟରେ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନେଇ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଯେଉଁ ବିଭାଗରେ ଅଧିକ ଦୁର୍ନୀତି ମାମଲା ଧରାପଡୁଛି, ସେହି ବିଭାଗ ପ୍ରତି ଅଧିକ ଧ୍ୟାନ ଦିଆଯିବାକୁ କୁହାଯାଇଛି। ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ପଶାୟତଙ୍କ ଅଧ୍ୟକ୍ଷତାରେ ତାଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଅନୁଷ୍ଠିତ ବୈଠକରେ ଇଡି, ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ, ଭିଜିଲାନ୍ସ ଓ ସିବିଆଇ ଅଧିକାରୀମାନେ ଉପସ୍ଥିତ ଥିଲେ। ପରବର୍ତ୍ତୀ ବୈଠକ ମୁମ୍ବଇଠାରେ ଅନୁଷ୍ଠିତ ହେବ।

### ମାଷ୍ଟରମାଇଣ୍ଡ ଶଙ୍କର...

ପରୀକ୍ଷା କରିବ ସତ ପଦାକୁ ଆଣିବାକୁ କ୍ରାଇମବ୍ରାଞ୍ଚ ଯୋଜନା କରିଛି। ଏନେଇ ଅନୁମତି ପ୍ରଦାନ ପାଇଁ ଖୁବ୍‌ଶୀଘ୍ର ଅଦାଲତଙ୍କୁ ଆବେଦନ କରାଯିବ ବୋଲି ଜଣାଯାଇଛି। କ୍ରାଇମବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି ଯେ ବର୍ତ୍ତମାନ ବିଚାର ବିଭାଗୀୟ ରିମାଣ୍ଡରେ ଥିବା ଶଙ୍କର ସହ ସିଲିକନ୍-ଟେକ୍‌ର ମାଲିକ ସୁରେଶ ନାୟକଙ୍କ ମଧ୍ୟ ଉକ୍ତ ପରୀକ୍ଷା କରାଯିବ। ଏହି ପରୀକ୍ଷାର ଲକ୍ଷ୍ୟ ବୟାନ ଯାଞ୍ଚ କରିବା ଏବଂ ମାମଲାର ପ୍ରମୁଖ ଦିଗଗୁଡ଼ିକ ଉପରେ ସ୍ୱଷ୍ଟତା ସଂଗ୍ରହ କରିବା ବୋଲି କ୍ରାଇମବ୍ରାଞ୍ଚ କହିଛି। ରିମାଣ୍ଡ ଅବଧି ଶେଷ ହେବା ପର ମିଛ ଚିହ୍ନଟ ପରୀକ୍ଷା ପାଇଁ କୋର୍ଟରେ ଆବେଦନ କରାଯିବ ବୋଲି ଜଣାଯାଇଛି। ପ୍ରକାଶଥାଉକି, ଉତ୍ତରାଖଣ୍ଡର ନେପାଳ ସୀମା ନିକଟରୁ ଶଙ୍କରକୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଶଙ୍କର ସହ ଗିରଫ ଆଉ ଜଣେ ଅଭିଯୁକ୍ତ ଅରବିନ୍ଦର ୫ଦିନିଆ ରିମାଣ୍ଡ ଶନିବାର ଶେଷ ହେଉଛି।

### ସତ୍ୟପାଠ ଦାଖଲ ସହ...

ପ୍ରକାଶଥାଉକି, ଗତ ଶୁଣାଣି ସମୟରେ ବ୍ରହ୍ମପୁର ଏସ୍‌ପିଙ୍କୁ ସ୍ୱଷ୍ଟୀକରଣ ମାଗିଥିଲେ ହାଇକୋର୍ଟ। ଆଜି ଏସ୍‌ପିଙ୍କ ପକ୍ଷରୁ ଏକ ଲିଖିତ ଜବାବ ଦାଖଲ କରାଯାଇଥିଲା। ଦାଖଲ ଲିଖିତ ଜବାବରେ ଏସପି ସ୍ୱୀକାର କରିଛନ୍ତି ଯେ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାକୁ ଲିଙ୍କ୍ କରି ସେ ଗଣମାଧ୍ୟମରେ ସାର୍ବଜନୀନ ମନ୍ତବ୍ୟ ଦେଇଥିଲେ। ତେବେ ସତ୍ୟପାଠ ଜରିଆରେ ଏହାକୁ ଦେବାକୁ ଅଦାଲତ କହିଛନ୍ତି। ସତ୍ୟପାଠ ଗ୍ରହଣ କରିବା ପରେ ଏସ୍‌ପିଙ୍କ ଉପରୋକ୍ତ ଆଚରଣ ଅଦାଲତ ଅବମାନନା କି ନୁହେଁ, ତାହାର ବିଚାର କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଏସ୍‌ପିଙ୍କ ଭଳି ଜଣେ ବରିଷ୍ଠ ପୁଲିସ ଅଧିକାରୀ କିଭଳି ଓ କେଉଁ କାରଣ ପାଇଁ ଅଦାଲତରେ ବିଚାରାଧୀନ ଥିବା ମକଦ୍ଦମା ଫଳାଫଳ ସମ୍ପର୍କରେ ଏଭଳି ମନ୍ତବ୍ୟକୁ ସାର୍ବଜନୀନ କଲେ, ସେ ସମ୍ପର୍କରେ ଏସ୍‌ପି ସତ୍ୟପାଠ ଦେବେ।

ମାମଲାରୁ ପ୍ରକାଶ, ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ନିର୍ବାଚନୀ ମକଦ୍ଦମାର ସଂଯୋଗ ରହିଛି ବୋଲି ଏସ୍‌ପି ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର ଏହି ନିର୍ବାଚନୀ ମକଦ୍ଦମା ହତ୍ୟା ଅଭିଯୁକ୍ତ ଶିବଶଙ୍କର ଦାସଙ୍କ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରାଯାଇଥିଲା। ବାସ୍ତବରେ ଏହାକୁ ଶିବଶଙ୍କର ଦାସ ନିଜେ ଦାଖଲ କରିଥିଲେ। ନିର୍ବାଚନୀ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲାତି ଫି' ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସ୍‌ପି ଗଣମାଧ୍ୟମରେ କହିଥିଲେ। ହତ୍ୟା ଘଟଣା ସହ ବିଚାରାଧୀନ ନିର୍ବାଚନୀ ମକଦ୍ଦମାକୁ ଯୋଡ଼ିବା ଅଦାଲତ ଅବମାନନା ବୋଲି ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଦର୍ଶାଇଥିଲେ ଯେ ଗତ ୨୦୨୫ ଅକ୍ଟୋବର ୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକକୁ ଉଠାଇ ନେଇଥିଲେ। ଏପରିକି ସେଠାରେ ଅଟକ ରଖି ବିଧାୟକଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚରା କରିଥିଲେ।

### ଇ-କେୱାଇସି ନେଇଛି...

ଅନୁଯାୟୀ ରିସା ମାଙ୍କିଡ଼ିଆଙ୍କର ଅନ୍ତ୍ୟୋଦୟ ଅନ୍ନ ଯୋଜନା (ଏଏୱାଇ) ରାସନ କାର୍ଡ ଥିଲା। ମାତ୍ର ତାଙ୍କର ଆଧାରକାର୍ଡ ହୋଇପାରି ନ ଥିଲା। ବାରମ୍ବାର ଚେଷ୍ଟା ସତ୍ତ୍ୱେ ଇ-କେୱାଇସି ସମ୍ପୂର୍ଣ୍ଣ ନହେବା କାରଣରୁ ତାଙ୍କୁ ଚାଉଳ ମିଳୁ ନ ଥିଲା। ବିନା ନୋଟିସରେ ତାଙ୍କର ଅନ୍ତ୍ୟୋଦୟ କାର୍ଡକୁ ନିଷ୍କ୍ରିୟ କରାଯାଇଥିବା ବେଳେ ସ୍ଥାନୀୟ ସରକାରୀ ଅଧିକାରୀ ମଧ୍ୟ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଓଡ଼ିଶା ରିଲିଫ କୋଡ୍‌ର ନିୟମ ଅନୁଯାୟୀ ଯଦି କୌଣସି ବ୍ୟକ୍ତିର ଅନାହାରରେ ମୃତ୍ୟୁ ହୁଏ ତେବେ ମୃତ୍ୟୁର ୪୮ ଘଣ୍ଟା ମଧ୍ୟରେ ତହସିଲଦାରସ୍ତରର କୌଣସି ସରକାରୀ ଅଫିସର ତଦନ୍ତ କରିବା ବାଧ୍ୟତାମୂଳକ। ହେଲେ ରିସା ମାଙ୍କିଡିଆଙ୍କ କ୍ଷେତ୍ରରେ ଏହାକୁ ଅନୁପାଳନ କରାଯାଇ ନାହିଁ। ରିସା ମାଙ୍କିଡିଆଙ୍କ ରାସନ ବହି ଦର୍ଶାଉଛି ଯେ ସେ ଏପ୍ରିଲ୍ ୨୦୨୫ ପର୍ଯ୍ୟନ୍ତ ନିୟମିତ ଭାବରେ ୩୫ କିଲୋ ଚାଉଳ ପାଇଥିଲେ। ମେ' ଏବଂ ଜୁନ୍ ମାସ ପାଇଁ ରାସନ ବହି ପୃଷ୍ଠା ଖାଲି ଥିବାବେଳେ ଜୁଲାଇ ଏବଂ ଅଗଷ୍ଟ ୨୦୨୫ ପାଇଁ ଗୋଟିଏ ବିବାଦୀୟ ଏଣ୍ଟ୍ରି ଅଛି। ପୂର୍ବତନ ସ୍ଥାନୀୟ ୱାର୍ଡମେମ୍ବରଙ୍କ ତଥ୍ୟ ଅନୁଯାୟୀ ତାଙ୍କ ମୃତ୍ୟୁ ପରେ ବ୍ଲକ ଅଧିକାରୀମାନେ କାର୍ଡ ନେଇଛନ୍ତି। ଏହାସହିତ ମିଞ୍ଜରୀ ମାଙ୍କେଡ଼ିଆ (ରିସାଙ୍କ ବୋହୂ)ଙ୍କ ରାସନ କାର୍ଡ ମଧ୍ୟ ବର୍ତ୍ତମାନ ସ୍ଥାନୀୟ ପିଡିଏସ ଡିଲରଙ୍କ ପାଖରେ ଅଛି। ଯାହାକୁ ନେଇ ଏହି ଟିମ୍‌ର ସଦସ୍ୟମାନେ ସନ୍ଦେହ ପ୍ରକଟ କରିଛନ୍ତି। ଅନ୍ୟପଟେ ରିସା ମାଙ୍କିଡିଆଙ୍କ ଅନାହାରଜନିତ ମୃତ୍ୟୁ ଓଡ଼ିଶାରେ ଖାଦ୍ୟ ସୁରକ୍ଷା ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା କେତେ ଦୟନୀୟ ଅବସ୍ଥାରେ ଅଛି, ତାହା ଅନୁମେୟ ବୋଲି ସଂଗଠନଗୁଡ଼ିକ କହିଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ଘଟଣାରେ ନିରପେକ୍ଷ ତଦନ୍ତ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ୩ ସଂଗଠନ ପକ୍ଷରୁ ଗୌରାଙ୍ଗ ମହାପାତ୍ର, ରଞ୍ଜିତ ସୁତାର, ସମୀତ ପଣ୍ଡା ଓ ସାମାଜିକ କର୍ମୀ ମଣ୍ଟୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**AFFIDAVIT**

By virtue of an affidavit sworn before the Notary Public, Cuttack Town on Dt. 01/07/2025. I, **Eram Ahamed Saikh,** W/o- Monazir Akhtar, resident of Village- Sayedpur, Ps- Binjharpur, Dist- Jajpur. My name has been wrongly mentioned as **Eram Mushtaque Ahmed Shaikh** in my Passport bearing No- Y3931701. I declare that my self **Eram Ahmed Shaikh** and **Eram Mushtaque Ahmed Shaikh** is one and same person for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 06/11/2025. I, **Santosh Kumar Majhi** (new name) formerly called as Santosh Majhi (old name), S/o Mahadeba Majhi, permanent resident of AT: Digisira, PO: Kushkela, PS: Sindhekela, Dist: Balangir (Odisha), PIN: 767066 now residing at the same place affirm that I have changed my name from **Santosh Majhi** (old name) to **Santosh Kumar Majhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Santosh Kumar Majhi** (new name).

**Santosh Kumar Majhi**

**AFFIDAVIT**

I MOHD ABDUL HASIB ABDUL QAIYUM MOHD/MOHAMMED ABDUL HASIB S/O ABDUL QAIYUM AT: AKHUN MOHALLA, PO- PO- KRUSHNANANDAPUR, PS- TIRTOL, JAGATSINGHPUR- 754135, ODISHA DECLARE BY THIS AFFIDAVIT NO- 40752, DATE- 6.11.2025, THAT NOW ONWARDS, I SHALL BE KNOWN AS **MOHAMMAD ABDUL HASIB** FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before the Executive Magistrate, Jajpur, dtd.03.11.2025, I, Abhiram Khandai, S/o Giridhari Khandai, At–Kalaspur, Po–Hasinpur, PS–Jajpur Sadar, Dist–Jajpur, Odisha–755017, do hereby declare that I have changed my name from Abhiram Panda to Abhiram Khandai, Date of Birth: 01/07/1963, for all purposes. Henceforth, I shall be known as **Abhiram Khandai**.

**Sd/- Abhiram Khandai**

**AFFIDAVIT**

By virtue of an affidavit sworn before Executive Magistrate, Bhograi, dated: 19/07/2025, I, Malati Jena, Resident of At- Mandarsahi, Po- Sukhasandha Patna, Via- Dehurda, Block- Bhograi, Dist- Balasore, Pin- 756036, Odisha declare that I have changed my son name from Pabitra Jen to Ashutosh Jena. Henceforth, he shall be known as **Ashutosh Jena** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhograi, dated 06/11/2025 I, Kalpana Mohapatra, W/o. Padmalochan Mohapatra, At. Ghantilodi, Po. Kumarjalina, Ps. Bhograi, Dist. Balasore, Pin- 756036, Odisha declare that I have changed the name of my son from Dibyandhu Mohapatra to Dibyanshu Mohapatra. Henceforth, he will be known as **Dibyanshu Mohapatra** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhograi, dated 04/11/2025 I, Dhananjay Das, S/o. Narayan Prasad Das, At. Deula, Po. Deulahat, Ps. Bhograi, Dist. Balasore, Pin- 756036, Odisha renounce, relinquish and abandon the use of my minor son's former name Manoranjan Das (old name) instead of Madhujit Das (New name). Henceforth, he will be known as **Madhujit Das** for all purposes.

**AFFIDAVIT**

I, Priyadarsini Swain, aged about 41 years, W/o- Subhransu Behura, resident of At- Tinigharia, Nayabazar, Ps- Madhupatna, Cuttack, Dist- Cuttack, Pin-753004, Odisha declare by this affidavit No. 2274, dtd- 07/11/2025, that now onwards I shall be known as **PRIYADARSHINI SWAIN** for all future purposes.

**AFFIDAVIT**

I, Rashmi Rekha Pradhan, aged about 46 years, W/o- Santosh Kumar Pradhan, Resident of Flat No.: 401, Specific Royal Palace, PO:Sailashreevihar, Bhubaneswar, Dist.: Khorda, Odisha, PIN-751021 declared by this Affidavit No.1369, Dated: 07.11.2025. that now onwards I shall be known as **RASHMI REKHA GARNAIK** or all future Purposes.

**AFFIDAVIT**

By virtue of an Affidavit sworn before the Executive Magistrate Sohela dated 07/11/2025 I Babita Sahoo D/O- Chakradhar Sahu resident of village/Ward Mahabir Pada PO/PS.: Bhawanipatna Dist.: Kalahandi declare that I have changed my name from **Babita Kumari Sahoo** to **Babita Sahoo**. Henceforth I shall be known as **Babita Sahoo** for all purposes.

**AFFIDAVIT**

I, Monali Nayak, aged about 39 years, W/o- Partha Pratim Nayak resident of At- Plot No- 167/5, Gajapati Nagar, Durga Mandap Lane, Press Chhak, Po- Sainik School, Bhubaneswar, Pin- 751005, Odisha declare by this affidavit No.108, dtd- 19/07/2025, that now onwards I shall be known as **MONALI MALLICK** for all future purposes.

**AFFIDAVIT**

I RANJIT KUMAR JENA/ RANJIT JENA, S/O.: LATE BISWANATH JENA, PLOT NO.: 4249/9268, PANDAV NAGAR, TANKAPANI ROAD, P.S.: BADAGADA, BHUBANESWAR- 751018, ODISHA DECLARE BY THIS AFFIDAVIT NO.: 40750 DATE- 6.11.2025, THAT NOW ONWARDS, I SHALL BE KNOWN AS **RANJEET KUMAR JENA** FOR ALL FUTURE PURPOSES.

**AFFIDAVIT**

I TASNIM ARA ABDUL HASIB MOHD W/O MOHAMMAD ABDUL HASIB AT- AKHUN MOHALLA, PO- PO- KRUSHNANANDAPUR, PS- TIRTOL, JAGATSINGHPUR- 754135, ODISHA DECLARE BY THIS AFFIDAVIT NO- 40749, DATE- 6.11.2025, THAT NOW ONWARDS, I SHALL BE KNOWN AS **TASNIM ARA** FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before the Excutive Magistrate and Tahsildar Sohela, on the 30th of October, 2025, I, **Keshaba Sahu,** S/o Suryabali Sahu, resident of Village: Mangalpali, PO: Rengali, PS: Sohela, Dist: Bargarh, PIN- 768033, Odisha, declare that I have changed the name of my minor son from **Mukshyajit Sahu** (old name) to **Meyar Sahu** (new name). Henceforth, he shall be known as **Meyar Sahu** for all purposes.

**Keshaba Sahu**

**ପୂର୍ବ ତଟ ରେଳପଥ**

**ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ ସମ୍ବନ୍ଧୀୟ ସାର୍ବଜନୀକ ଅଧିସୂଚନା** ପ୍ରୋଫର୍ମା-10.01

ପୂର୍ବ ତଟ ରେଳପଥର ନିମ୍ନ ବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳବାଇ ଲାଇନ୍ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହା ପରେ 25,000 ଭୋଲ୍ଟ, 50 Hz, AC ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ କରାଯିବ। ସେହି ତାରିଖ ଦିନ କିମ୍ବା ତା'ପର ଠାରୁ ଓଭରହେଡ ଟ୍ରାକ୍ସନ ଲାଇନ୍‌ରେ ସବୁ ସମୟ ପାଇଁ ବିଦ୍ୟୁତ ପ୍ରବାହିତ ହେବ । ଏଥିପାଇଁ ଯେକୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭର ହେଡ୍ ଲାଇନ୍ ନିକଟକୁ ଯିବେ ନାହିଁ କିମ୍ବା ତାହାର ଆଖପାଖରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

| ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|
| ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ତାଳଚେର ରୋଡ଼ ୟାର୍ଡ - ତାଳଚେର ୟାର୍ଡ ଚତୁର୍ଥ ଲାଇନ ଯେଉଁଥିରେ ତାଳଚେର ୟାର୍ଡ (ଓଏଚ୍‌ଇ କି.ମି. 168/14N, ସିଏଚ୍: 168/615.00 (ତାଳଚେର ରୋଡ଼ ୟାର୍ଡ) ଠାରୁ କି.ମି. ତାଳଚେର/1168N, ସିଏଚ୍- (ତାଳଚେର ୟାର୍ଡ) ଅନ୍ତର୍ଭୁକ୍ତ ଅଟେ। | ଖୋର୍ଦ୍ଧା ରୋଡ଼ | 17.11.2025 |

**AC 25 KV ଟ୍ରାକ୍ସନର ପ୍ରଚଳନ**
**"ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା"** ପ୍ରୋଫର୍ମା-10.02

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ତାଳଚେର ରୋଡ଼ ୟାର୍ଡ ଚତୁର୍ଥ ଲାଇନ୍, ତାଳଚେର ୟାର୍ଡ (ସମସ୍ତ ନୂଆ ଲାଇନ, ସିକ୍ ସାଇଡିଂ, ଏଆରଟୀ ସାଇଡିଂ, ଟି-ଆଉଟ୍ / ଏକ୍ସ-ଓଭର ଲାଇନ) ସେକ୍ସନ୍ ଉପରେ 25,000 ଭୋଲ୍ଟ ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନ୍‌ର ଶୁଭାରମ୍ଭ"ସମ୍ବନ୍ଧୀୟ ସମସ୍ତ ଲେଭେଲ କ୍ରସିଂଗୁଡ଼ିକ ଠାରେ କୌଣସି ବୋଝେଇ ଯାନ ଜୀବନ୍ତ ଟ୍ରାକ୍ସନ ତାର (କଣ୍ଟାକ୍ଟ ତାର) ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସଡ଼କ ସ୍ତର ଠାରୁ 4.78m ଉଚ୍ଚତା ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, ଯାହାର ଉଚ୍ଚତା ଲେଭେଲ କ୍ରସିଙ୍ଗଗୁଡ଼ିକ ଠାରେ ରେଲ ଲେଭେଲ ଠାରୁ ସର୍ବନିମ୍ନ 5.5m ହେବ।

ତେଣୁ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ସଡ଼କ ଗାଡ଼ିରେ ମାଲ ବୋଝେଇ କରିବା ସମୟରେ ଉପର ଲିଖିତ ଉଚ୍ଚତାକୁ ଧ୍ୟାନରେ ରଖି ମାଲ ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନ କରେ, ସେଥିପ୍ରତି ଦୃଷ୍ଟି ଦେବେ।

ଅଧିକ ଉଚ୍ଚତାରେ ମାଲ୍ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦ ରହିଛି :

1) ହାଇଟ୍ ଗଜ୍ ପ୍ରତି ବିପଦ ଏବଂ ପରିଣାମ ସ୍ୱରୂପ ରେଳ ଲାଇନ୍ ଓ ରାସ୍ତା ଅବରୋଧ ।
2) ପରିବହନ ହେଉଥିବା ମାଲ କିମ୍ବା ଯନ୍ତ୍ରାଂଶ କିମ୍ବା ସେହି ଯାନ ପ୍ରତି ବିପଦ ।
3) ବିଦ୍ୟୁତ ପରିବାହୀ ସଂସ୍ପର୍ଶରେ ଆସିବା ଫଳରେ ବିପଦର ନିକଟବର୍ତ୍ତୀ ହେବା ସହ ଅଗ୍ନି ଭୟ ସହିତ ଜୀବନ ହାନୀର ଆଶଙ୍କା।

PR-157/CI/25-26 ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-II), ପୂର୍ବ ତଟ ରେଳପଥ / ଭୁବନେଶ୍ୱର

**ଓଡ଼ିଶା ସରକାର**
**ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଆଖୁଆପଦା ଜଳସେଚନ ବିଭାଗନ**
Email: akp.irrigationdivision@gmail.com
A-859

**'e'-Procurement Notice No. 12/2028-26**

| | | |
|---|---|---|
| 1 | କାର୍ଯ୍ୟ ର ନାମ | : ମରାମତି କାର୍ଯ୍ୟ |
| 2 | ମୋଟ କାର୍ଯ୍ୟ ସଂଖ୍ୟା | : ୧୩ ଗୋଟି କାର୍ଯ୍ୟ |
| 3 | ଅଟକଳ ମୂଲ୍ୟ | : ୪୭.୦୪ ଲକ୍ଷ ରୁ ୮୩.୯୦ ଲକ୍ଷ |
| 4 | ଇ.ଏମ.ଡି (Bid security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ | : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Daled 05.12.2017 as Mentioned in DTCN. |
| 5 | କାର୍ଯ୍ୟ ସମାପ୍ତି ସମୟ | : ୬ ମାସ । |
| 6 | ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ : | |
| | I. Procurement Officer | : ଅଧିକ୍ଷଣ ଯନ୍ତ୍ରୀ,ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା |
| | II.ଅନଲାଇନ Biddingର ସମୟସୀମା | :ତା ୦୭.୧୧.୨୦୨୫ ଦିବା ୧୦ ଘଟିକା ରୁ ତା ୨୧.୧୧.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ। |
| | III. Technical ଏବଂFinancial bid ଖୋଲାଯିବାର ତାରିଖ ଓ ସମୟ। | :ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ ଙ୍କ କାର୍ଯ୍ୟାଳୟ ରେ ତା ୨୪.୧୧.୨୦୨୫ ଦିବା ୧୧.୩୦। |
| | IV. Transparent Lottery ର ତାରିଖ ଓ ସମୟ | : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟ ରେ ତା ୦୫.୧୨.୨୦୨୫ ଦିବା ୧୧.୦୦ ଘଟିକା ସମୟରେ। |

ଅନଲାଇନ ତଥ୍ୟ ଏହି ୱେବସାଇଟ ର ପ୍ରଦାନ କରାଯାଇଅଛି ।www.tendersorissa.gov.in.

ଅଧିକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା

OIPR-

# ‘ବନ୍ଦେ ମାତରମ୍’ ସାମୂହିକ ଗାନ ଉତ୍ସବ





କେନ୍ଦୁଝର, ୭।୧୧(ସମିସ)



ରାଷ୍ଟ୍ରୀୟ ଗୀତ ‘ବନ୍ଦେ ମାତରମ୍’ ରଚନା ହେବାର ୧୫୦ ମହିମାମୟ ବର୍ଷ ପୂର୍ତ୍ତି ଅବସରରେ କେନ୍ଦୁଝରଠାରେ ବନ୍ଦେ ମାତରଂର ସାମୂହିକ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଏହି

## ୧୫୦ ବର୍ଷ ପୂର୍ତ୍ତିରେ ରଚୟିତା ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି

ଗୀତର ୧୫୦ ବର୍ଷ ପୂର୍ତ୍ତି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଓ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଦରବାର ହଲଠାରେ ସକାଳ ୯:୩୫ରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟର ସିଧା ପ୍ରସାରଣ ହୋଇଥିଲା। ଏହାପରେ ଠିକ୍ ୯:୫୦ରେ ସମସ୍ତ ଜିଲ୍ଲା ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ରାଷ୍ଟ୍ରଗୀତର ଗଣଆବୃତ୍ତି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବ୍ଲକ୍, ତହସିଲ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟରେ ମଧ୍ୟ ପାଳିତ ହୋଇଛି। ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବଙ୍କିମଚନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାଏକ ପରିଚାଳନା କରିଥିଲେ।

**ଚମ୍ପୁଆ:** ଚମ୍ପୁଆ ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ଧରଣୀଧର ନଗର ଭବନଠାରେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଉପାଧ୍ୟକ୍ଷା ସୁମିତ୍ରା ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ସ୍ଥାନୀୟ ବୁଦ୍ଧିଜୀବୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱଚ୍ଛସାଥୀ, ଗଣମାଧ୍ୟମ ପ୍ରତିନିଧି, କାଉନସିଲର ପ୍ରମୁଖ ଜାତୀୟ ସ୍ତରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ପ୍ରସାରଣକୁ ସିଧାସଳଖ ଶୁଣିଥିଲେ।

**ତୁରୁମୁଙ୍ଗା:** ପାଟଣା ବ୍ଲକ ଅନ୍ତର୍ଗତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ମିଶ୍ରଙ୍କ ଅଧ୍ୟକ୍ଷତାରେ ବଙ୍କିମଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ରାଷ୍ଟ୍ରୀୟ ସଙ୍ଗୀତ ‘ବନ୍ଦେ ମାତରମ୍’ର ୧୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀ ‘ବନ୍ଦେ ମାତରମ୍’ ସଙ୍ଗୀତ ଗାନ କରିଥିଲେ।

# ଦୁଇ ବାଇକ୍ ଦୁର୍ଘଟଣାଗ୍ରସ୍ତ; ୩ ଗୁରୁତର

ଆନନ୍ଦପୁର, ୭।୧୧ (ସମିସ): ମୁରାବାଲି ନିକଟରେ ବାଇକ ସହ ବାଇକ ଦୁର୍ଘଟଣାରେ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ପ୍ରଥମେ ଆନନ୍ଦପୁର ଡାକ୍ତରଖାନା, ପରେ କଟକ ସ୍ଥାନାନ୍ତର କରାଯାଇଛି। ମାର୍ଶାପାଳରୁ ଦୁଇ ଯୁବକ ଘଷିପୁରା ଯାଉଥିବା ବେଳେ ମୁରାବାଲି ନିକଟରେ ଜଣେ ଯୁବକଙ୍କୁ ଧକ୍କା ମାରିବାରୁ ଉଭୟ ଗାଡି ଚାଳକ ଓ ବାଇକ ପଛରେ ବସିଥିବା ଯୁବକଙ୍କ ଆଘାତପ୍ରାପ୍ତ ହୋଇଛନ୍ତି। ମାର୍ଶାପାଳରୁ ଆସୁଥିବା ଦୁଇ ଯୁବକ ହେଲେ ଦୀପକ ମୁର୍ମୁ ଓ ବିଶୁ ମୁର୍ମୁ। ଅନ୍ୟ ଜଣେ ଆହତଙ୍କ ପରିଚୟ ମିଳିପାରି ନାହିଁ।

# ତରିମୂଳ ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ମେଳା



ଆନନ୍ଦପୁର, ୭।୧୧ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ତରିମୂଳ ସରକାରୀ ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନରେଶଚନ୍ଦ୍ର ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ବିଚାରକ ଭାବେ ଅବସରପ୍ରାପ୍ତ ବିଇଓ ତପୋଧନ ସ୍ୱାଇଁ, ଶରତ ରାଉତ, ମନମୋହନ ସାମଲ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ କିରଣଜ୍ୟୋତି ପଣ୍ଡିତ, ବିଜ୍ଞାନ ଶିକ୍ଷକ ବ୍ରଜକିଶୋର ସାହୁଙ୍କ ନେତୃତ୍ୱରେ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପୁରସ୍କୃତ କରାଯାଇଥିଲା।

# ସମ୍ବିଧାନ ଦିବସ ପାଳନ ପାଇଁ ପ୍ରସ୍ତୁତି



ଆନନ୍ଦପୁର, ୭।୧୧ (ସମିସ): ଘସିପୁରା ବ୍ଲକ ତରୁଆଁଠାରେ ଭୀମ ଆର୍ମି ଭାରତ ଏକତା ମିଶନ ଘସିପୁରା ବ୍ଲକ ସଭାପତି ରଶ୍ମିରଂଜନ ଜେନାଙ୍କ ତତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୨୬ରେ ସମ୍ବିଧାନ ଦିବସ ପାଳନ ଉପଲକ୍ଷେ ତରୁଆଁ ଗ୍ରାମରେ ଭାରତରତ୍ନ ଡ ଭୀମରାଓ ଆମ୍ବେଦକରଙ୍କ ନବନିର୍ମିତ ପ୍ରତିମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସମ୍ବିଧାନ ଦିବସ ଅବସରରେ ଏହାର ଉନ୍ମୋଚନ ପାଇଁ ଭୀମ ଆର୍ମି ଘସିପୁରା ବ୍ଲକର ସଂଗଠକମାନେ ଆଲୋଚନା କରିଥିଲେ। ଏଥିପାଇଁ ଏକ ବାଇକ ଶୋଭାଯାତ୍ରା କରାଯିବାକୁ ବୈଠକରେ ସ୍ଥିର ହୋଇଛି। ଭୀମ ଆର୍ମି କେନ୍ଦୁଝର ଜିଲ୍ଲା ସଭାପତି ସତ୍ୟବ୍ରତ ଜେନା, ଘସିପୁରା ବ୍ଲକ ସଭାପତି ରଶ୍ମିରଂଜନ ଜେନା, ବ୍ଲକ ସଂଯୋଜକ ବାଇଧର ଜେନା, ମିଡ଼ିଆ ସଂଯୋଜକ ବିଜୟ ଜେନା, କୋଷାଧ୍ୟକ୍ଷ ଚନ୍ଦ୍ରକାନ୍ତ ଜେନା, ମହିଳା ନେତ୍ରୀ ଯମୁନା ଜେନା, କେଶବ ଜେନା, ନରେନ୍ଦ୍ର ଜେନା, ଲୋକନାଥ ଜେନା, ସନ୍ତୋଷ ଜେନା, ମାୟାଧର ଜେନା, ଶତ୍ରୁଘ୍ନ ଜେନା, ବିରସେନ ଜେନା, ଜଳଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ମନ୍ଦିରର ୩୦ତମ ବାର୍ଷିକ କ୍ରୀଡ଼ା

ଯୋଡା, ୭।୧୧(ସମିସ): ଯୋଡ଼ା ପୌରପାଳିକା ଅନ୍ତର୍ଗତ ୩ ନମ୍ବର ୱାର୍ଡ କୁନ୍ଦୁରୁନାଲାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଟାଟା ଷ୍ଟିଲ ଭିଟି ସେଣ୍ଟର ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ପ୍ରକାଶ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତଅତିଥି ଭାବେ ଯୋଡା ପୌରପାଳିକା ୩ନଂ ୱାର୍ଡ କାଉନସିଲର ତଥା ସମାଜସେବୀ ରଶ୍ମିତା ପାଣିଗ୍ରାହୀ, ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଅଜୟ ଗୋପାଳ ଦାସ, ସମ୍ପାଦକ ଅଭିଜିତ ମୁଖାର୍ଜି, ସଦସ୍ୟ ତଥା ଗାୟତ୍ରୀ ପରିବାରର ପଦ୍ମିନୀ ପାତ୍ର, ବିଦ୍ୟାଳୟର ପ୍ରଧାନଆ.ର୍ଯ୍ୟ ଭଗବାନ ବର୍ଦ୍ଧନ ଓ ସମାଜସେବୀ ଜଗନ୍ନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଗୁରୁଜୀଗୁରୁମା ତଥା ସେବକସେବିକା ପରିଚାଳନା କରିଥିଲେ। ୭ ଶହରୁ ଊର୍ଦ୍ଧ୍ୱ ଶିଶୁ ଏଥିରେ ଅଂଶଗ୍ରହଣ କରିଥିବା ଜଣାପଡିଛି।

# ବଡ଼ପଦନାରେ ଅସୁରକ୍ଷିତ ବିଦ୍ୟୁତ୍ ଟ୍ରାନ୍ସଫର୍ମର



ଆନନ୍ଦପୁର, ୭।୧୧ (ସମିସ): ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ବଡପଦନା ଗ୍ରାମରେ ଅସୁରକ୍ଷିତ ବିଦ୍ୟୁତ ଟ୍ରାନ୍ସଫର୍ମର ଜନଜୀବନ ଏବଂ ପଶୁଙ୍କ ଜୀବନ ପାଇଁ ବିପଦ ସୃଷ୍ଟି କରିଛି। ଆନନ୍ଦପୁର ବିଦ୍ୟୁତ ଡିଭିଜନ ଅନ୍ତର୍ଗତ ରାମଚନ୍ଦ୍ରପୁର ସର୍କଲସ୍ଥିତ ଏହି ଟ୍ରାନ୍ସଫର୍ମର ଦୀର୍ଘଦିନ ଧରି ଉପେକ୍ଷିତ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମର ଚାରିପାଖରେ କୌଣସି ସୁରକ୍ଷା ବାଡ଼ ନଥିବା ବେଳେ ସେଠାରେ ଅନାବନା ଗଛ ଓ ଲତା ମାଡ଼ି ଯାଇଛି। ଘାସ ଖୋଜୁଥିବା ଗାଇଗୋରୁ ଆଦି ପଶୁମାନେ ଅଜାଣତରେ ଟ୍ରାନ୍ସଫର୍ମର ପାଖକୁ ଚାଲିଯାଉଛନ୍ତି। ଗ୍ରାମବାସୀ ବାରମ୍ବାର ବିଦ୍ୟୁତ ବିଭାଗକୁ ଏ ସମ୍ବନ୍ଧରେ ଅବଗତ କରାଇ ସାରିଲେଣି, କିନ୍ତୁ କୌଣସି କାର୍ଯ୍ୟକାରୀ ପଦକ୍ଷେପ ନିଆଯାଇନାହିଁ। ଟାଟା ପାୱାର କମ୍ପାନୀ ଅନ୍ୟାନ୍ୟ ସ୍ଥାନରେ ଥିବା ଟ୍ରାନ୍ସଫର୍ମରଗୁଡ଼ିକରେ ସୁରକ୍ଷା ବାଡ଼ ଲଗାଇଥିବା ବେଳେ ଏହି ଟ୍ରାନ୍ସଫର୍ମରକୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି। ଆନନ୍ଦପୁର ବିଦ୍ୟୁତ ଡିଭିଜନର ଅଧିକାରୀ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ୯ରେ ଜାତୀୟ ଆଇନସେବା ଦିବସ

କେନ୍ଦୁଝର, ୭।୧୧(ସମିସ): ନଭେମ୍ବର ୯ ତାରିଖ ଜାତୀୟ ଆଇନସେବା ଦିବସ ଉପଲକ୍ଷେ ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ତଥା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ରେଡକ୍ରସ ସମିତି, କେନ୍ଦୁଝର ସହଯୋଗରେ ରୋଟାରୀ କ୍ଲବରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ବିଚାର ବିଭାଗର ବିଭିନ୍ନ ଅଧିକାରୀ, କର୍ମଚାରୀ, ପାନେଲ ଅଧିବକ୍ତା, ବାର ସଂଘ, ପାରା ଆଇନ ସ୍ୱେଚ୍ଛାସେବୀ, ଜିଲ୍ଲା ପ୍ରଶାସନ ଓ ରେଡକ୍ରସ ସମିତିର କର୍ମକର୍ତ୍ତା, ଧରଣୀଧର ବିଶ୍ୱବିଦ୍ୟାଳୟ, ଗୋନାସିକା, ଗାୟତ୍ରୀ ଓ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ରେସ କ୍ଲବ କର୍ମକର୍ତ୍ତା ତଥା ସାଧାରଣ ଜନତା ଯୋଗଦାନ କରିବାକୁ ଆହ୍ୱାନ କରାଯାଇଛି। ବିଭିନ୍ନ ବିଭାଗ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ, ବ୍ଲକ ତରଫରୁ ବିଭିନ୍ନ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ଉପକରଣ ତଥା ପରିଚୟପତ୍ର ବଣ୍ଟନ କରାଯିବ। ଆଇନସେବାର ସୁଫଳ ଲୋକମାନେ କିଭଳି ପାଇପାରିବେ ସେ ସମ୍ବନ୍ଧରେ ସଚେତନତାମୂଳକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଅନୁରୋଧ କରିଛନ୍ତି।

## ମେଗା ରକ୍ତଦାନ ଶିବିର ଓ ଉପଭୋକ୍ତା କାର୍ଯ୍ୟାଦେଶ ବଣ୍ଟନ ପ୍ରସ୍ତୁତି

# ଅନାଥ ହୋଇଗଲେ ୪ ଭାଇଭଉଣୀ

## ସହାୟତାର ହାତ ବଢ଼ାଇଲେ ଅଧ୍ୟକ୍ଷ ଗିରିଜା ଶଂକର ସାହୁ



ଚମ୍ପୁଆ, ୭।୧୧(ସମିସ): କୁନି ବୟସରେ ବାପାମା’ ସହ ରହି ଦେଖୁଥିବା ଭବିଷ୍ୟତ ସ୍ୱପ୍ନ ଅଧାରେ ରହିଗଲା। ୪ ଛୁଆଙ୍କୁ ବର୍ଷେ ତଳେ ମା’ ଛାଡ଼ି ଚାଲିଗଲା ପରେ ବାପାକୁ ଭରସା କରି ରହିଥିବା ବେଳେ ୨ ଦିନ ତଳେ ରୋଗାକ୍ରାନ୍ତ ବାପାର ମୃତ୍ୟୁ ହୋଇଯାଇଛି। ଚମ୍ପୁଆ ଏନଏସି ଅନ୍ତର୍ଗତ ଗୋଧୂଳି ଗ୍ରାମର ମାଛଘାଟ ସାହିରେ ବର୍ତ୍ତମାନ ୪ ସନ୍ତାନ ଅନାଥ ହେବା ସହ ଅସହାୟ ହୋଇପଡ଼ିଛନ୍ତି। ଖବର ପାଇ ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଂକର ସାହୁ ମୃତ ପଟେଲ ନାଏକଙ୍କ ଘରେ ପହଞ୍ଚି ୪ ଅନାଥ ଛୁଆଙ୍କୁ ସାନ୍ତ୍ୱନା ଦେବା ସହ ଶୁଦ୍ଧିକ୍ରିୟା ପାଇଁ ପଟେଲର ଭାଇ ନରେନ୍ଦ୍ର ନାଏକଙ୍କୁ ଆର୍ଥିକ ସହାୟତା ଦେଇଛନ୍ତି। ଥଇଥାନ ନହେବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ବହନ କରିବେ ବୋଲି ସୂଚନା ଦେଇଛନ୍ତି। ଏହାସହ ଆବଶ୍ୟକ ଜିନିଷପତ୍ର ଯୋଗାଇବାକୁ କାଉନସିଲର ଛତ୍ରପତି ନାଏକଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ଅନାଥଙ୍କୁ ଥଇଥାନ ବ୍ୟବସ୍ଥା ଅନୁସାରେ ତୁରନ୍ତ ଥଇଥାନ ପାଇଁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି କହିଛନ୍ତି। ୩୨ ବର୍ଷର ପଟେଲ ନାଏକାଙ୍କ ବଡ଼ପୁଅ ଆକାଶ ନାଏକ ୧୦ମ ଶ୍ରେଣୀ ପରୀକ୍ଷାରେ ଫେଲ ହେବା ପରେ ଘରେ ରହୁଥିଲା। ଅଷ୍ଟମ ଶ୍ରେଣୀ ପାଠ ପଢୁଛି ଭିନ୍ନକ୍ଷମ ଲିତୁ ନାଏକ। ସେହିପରି ମିକି ନାଏକ ଓ ବିଷ୍ଣୁ ନାଏକ ବର୍ତ୍ତମାନ ପ୍ରଥମ ଓ ଦିତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ଲିତୁ ଓ ମିକି ଶାରୀରିକ ଅକ୍ଷମ ଅଟନ୍ତି। ଏହି ୪ ଅନାଥଙ୍କୁ ତୁରନ୍ତ ଥଇଥାନ କରା ନଗଲେ ଏମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହେବାର ସମ୍ଭାବନା ରହିଛି।

# ଭାରତ ସ୍କାଉଟ ଓ ଗାଇଡ୍‌ର ୭୬ତମ ପ୍ରତିଷ୍ଠା ଦିବସ




କେନ୍ଦୁଝର, ୭।୧୧(ସମିସ): ସରକାରୀ ମହିଳା ମହାବିଦ୍ୟାଳୟରେ ସ୍କାଉଟ ଓ ଗାଇଡ୍‌ର ୭୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ ଲଳିତ ରଞ୍ଜନ ସାହୁ ପତାକା ଉତ୍ତୋଳନ କରିବା ସହ ଏହି ଦିବସର ଆରମ୍ଭ ଓ ଲକ୍ଷ୍ୟ ବିଷୟରେ ଅବଗତ କରାଇଥିଲେ। ପ୍ରଫେସର ଡ ଚିତ୍ତରଂଜନ ସାହୁ ଭାରତ ସ୍କାଉଟ ଓ ଗାଇଡର ଏକତା, ଶିଷ୍ଟତା ଓ ଏହାର ମୌଳିକ ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରଫେସର ଡ ବିଷ୍ଣୁଚରଣ ଦାଶ ନିଜ ମାତୃଭୂମିର ସେବା କରିବା ପାଇଁ ଛାତ୍ରୀକୁ ପ୍ରବର୍ତ୍ତାଇଥିଲେ। ରେଞ୍ଜର ଲିଡର ସନ୍ଧ୍ୟାରାଣୀ ଶଙ୍ଖୁଆଳ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଛାତ୍ରୀଙ୍କ ଦ୍ୱାରା ପଦଯାତ୍ରା, ଚିତ୍ରାଙ୍କନ ପ୍ରତିଯୋଗିତା ପାଇଁ ଉପହାର ବଣ୍ଟନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ତଥା ଛାତ୍ରୀମାନେ ସାମିଲ ହୋଇଥିଲେ।

# ଶ୍ରୀଝାଡ଼େଶ୍ୱର ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଆନନ୍ଦପୁର, ୭।୧୧ (ସମିସ): ଘସିପୁରାସ୍ଥିତ ଶ୍ରୀ ଝାଡ଼େଶ୍ୱର ପୀଠରେ ରାସ ପଞ୍ଚକ ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ବୈତରଣୀ ନଦୀପଠାରେ



ପରିଲକ୍ଷିତ ହୋଇଥିଲା। ଭୋର ୪ଟାରୁ ଦର୍ଶନ ନିମେନ୍ତେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ଏହି ଅବସରରେରେ ଭକ୍ତଙ୍କ ମନୋରଞ୍ଜନ ନିମନ୍ତେ ସ୍ଥାନୀୟ ବୀଣାପାଣି କଳା ନିକେତନ ନୃତ୍ୟାନୁଷ୍ଠାନର ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ୫୦ରୁ ଅଧିକ ନୃତ୍ୟଶିଳ୍ପୀଙ୍କୁ ନେଇ ନୃତ୍ୟାଭିନୟ ତୁଳସୀ ମାଳିଆ, ଆକା ମା ବୈ, ବାରମାସର କଥା, ଆମ ଗାଁର କଥା ଏବଂ ଦଳଗତ ନୃତ୍ୟ ସମ୍ବଲପୁରୀ ପରିବେଷଣ କରାଯାଇଥିଲା। ଦୀର୍ଘ ୪ ଘଣ୍ଟାର କାର୍ଯ୍ୟକ୍ରମ ପରେ ମନ୍ଦିର କୋଠ ତହସିଲଦାର ସୁଶାନ୍ତ ସାମଲ, ରଶ୍ମିରଂଜନ ନନ୍ଦ, ଅଜୟ ସାହୁ, ମହେଶ୍ୱର ସାହୁ, ଅକ୍ଷୟ କୁମାର ସାହୁ ଯଦୁ ନାଥ ଓଝା ନୃତ୍ୟଗୁରୁ, ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥାଏ।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା




ତୁରୁମୁଙ୍ଗା, ୭।୧୦(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ବଡ଼ବିଲ ପଞ୍ଚାୟତ ପଡିଆରେ ଶୁକ୍ରବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଚନ୍ଦ୍ରକାନ୍ତ ରଥଙ୍କ ଅଧ୍ୟକ୍ଷତାରେରେ ମୁଖ୍ୟଅତିଥି ଭାବରେ ପୁର୍ବତନ ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ମୁଖ୍ୟବକ୍ତା ଭାବେ ନିହାର ରଞ୍ଜନ ମହାନ୍ତ, ସମ୍ମାନିତ ଅତିଥି ଭାବେ ସାଂସଦ ଅନନ୍ତ ନାୟକଙ୍କ ସାହାରପଡା ବ୍ଲକ ବପ୍ରତିନିଧି ସୁଦର୍ଶନ ମହାନ୍ତ, ସାହାରପଡା ବିଡିଓ ଡ ରଣଜିତ ମହାନ୍ତ, ଅତିରିକ୍ତ ମତ୍ସ୍ୟାଧିକାରୀ ଉମେଶଚନ୍ଦ୍ର, ଧାରୁଆ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଲିନା କୋଲହୋ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପାର୍ଥସାରଥୀ ବେଜ ସଂଯୋଜନା କରିଥିଲେ। ପଶୁ ପାଳନ ପାଇଁ ଓ ମତ୍ସ୍ୟ ପାଳନ କରିଥିବା ୮ ଜଣ ସଫଳ ଚାଷୀଙ୍କୁ ନଗଦ ୧ ହଜାର ଟଙ୍କା, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଶୁ ସମ୍ପଦ, ମତ୍ସ୍ୟ, ଜଳ ବିଭାଜିକା, କୃଷି, ମିଶନ ଶକ୍ତିର, ଗୋଷ୍ଠୀ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ପ୍ରକାର ଷ୍ଟଲ୍ ପ୍ରଦର୍ଶିତ କରାଯାଇଥିଲା।

## ଝୋଟ ଓ ମାଣ୍ଡିଆ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନୀ

ହାଟଡ଼ିହୀ: ହାଟଡ଼ିହୀ ବ୍ଲକ ମରୈଗାଁଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଚିତ୍ତରଞ୍ଜନ ଦାସ ଏହାକୁ ସଂଯୋଜନା କରିଥିଲେ। ବିଡିଓ ରଞ୍ଜନ କୁମାର ପରିଡ଼ା ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ କେନ୍ଦୁଝର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ମରୈଗାଁ ସରପଞ୍ଚଙ୍କ ପ୍ରତିନିଧି ସୁରେନ୍ଦ୍ର ଜେନା, ପ୍ରାଣୀସମ୍ପଦ ବିଭାଗର ସାଂସଦ ପ୍ରତିନିଧି ଯୁଧିଷ୍ଠିର ମଲ୍ଲିକ, ଆତ୍ମା ଅଧ୍ୟକ୍ଷା ଜାନକୀଲତା ଜେନା କଟକସ୍ଥିତ ରାଜ୍ୟ ପ୍ରାଣୀସମ୍ପଦ ଅତିରିକ୍ତ ଅଧିକାରୀ ଅଶୋକ କୁମାର ତ୍ରିପାଠୀ, ଆନନ୍ଦପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଚିନ୍ମୟ ଦାସ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସାଧିକାରୀ ସ୍ମରଣିକା ବିଶ୍ୱାଳ, ପ୍ରାଣୀଚିକିତ୍ସା ସହାୟକ ସତ୍ୟନାରାୟଣ ଜେନା, ବ୍ଲକ ମତ୍ସ୍ୟ ଅଧିକାରୀ ଶୁଭମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତରୁ ଶତାଧିକ ପୁରୁଷ ଓ ମହିଳା ଚାଷୀ ସାମିଲ ହୋଇଥିଲେ। ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଘସିପୁରା ବ୍ଲକ୍ ପ୍ରାଣୀ ଚିକିତ୍ସାଧୀକାରୀ ସରୋଜ କୁମାର ମହାନ୍ତି, ଦେଓଗାଁ ପ୍ରାଣୀ ଚିକିତ୍ସାଧିକାରୀ ଶିବପ୍ରସାଦ ନାୟକ, ଆନନ୍ଦପୁର ପ୍ରାଣୀ ଚିକିତ୍ସାଧିକାରୀ ଭାଗ୍ୟଶ୍ରୀ ଓଝା, ବନ୍ତ ବ୍ଲକ୍ ମତ୍ସ୍ୟ ଅଧିକାରୀ ସୁଶ୍ରୀ ଦୀପାଞ୍ଜଳି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗୋପାଳନ ଓ ମତ୍ସ୍ୟଚାଷ କ୍ଷେତ୍ରରେ କିଛି ସଫଳ ଚାଷୀଙ୍କ ମଧ୍ୟରେ ଗୋ-ପାଳନରେ ପନ୍ଦାଡୋ ଗ୍ରାମର ବିଦ୍ୟୁତଲତା ଜେନା, ଛେଳି ପାଳନରେ ଢେଙ୍କା ଗ୍ରାମର ବାଙ୍ଗିମନି ମୁର୍ମୁ, କୁକୁଡ଼ା ପାଳନରେ ଆଗିରିଆ ଗ୍ରାମର ଚିନ୍ମୟୀ ସେଠୀ, କଳିଗାଁ ଗ୍ରାମର କପିଳେଶ୍ୱର ମହିଳା ଏସଏଚଜି ଗ୍ରୁପ ଆଦିଙ୍କୁ ପୁରସ୍କୃତ କରିଥିଲେ। ଘାସଚାଷ ପାଇଁ ମରୈଗାଁ ଗ୍ରାମର ବଳରାମ ଜେନା, ଗୋପାଳନ ନିମନ୍ତେ ନୀଳାପୁର ଗ୍ରାମର ସ୍ୱର୍ଣ୍ଣପ୍ରଭା ରାଉତ, କୁକୁଡ଼ା ପାଳନ ପାଇଁ ରାଇଘାଟି ଗ୍ରାମର ଶିବ ହେମ୍ବ୍ରମଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦେବାକୁ କୁହାଯାଇଥିଲା। ଘାସଚାଷ ପାଇଁ ଗିରିଗାଁ ଗ୍ରାମର ନିରଞ୍ଜନ ପ୍ରଧାନ ଓ ଗୋପାଳନ ପାଇଁ କୋଳିପଦି ଗ୍ରାମର ବନ୍ଦିତା ବରାଳଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ମତ୍ସ୍ୟଚାଷୀ ଓରାଳି ଗ୍ରାମର ସସ୍ମିତା ସାହୁ, ବେରୁଣପଦୀ ଗ୍ରାମର ସାଗରିକା ସାହୁ, ଚାପୁଣ୍ଡିଆ ଗ୍ରାମର ଗୋଲାପି ସାହା, ବାଲିବରେଇ ପଞ୍ଚାୟତ ରାମକୃଷ୍ଣପୁର ଗ୍ରାମର ଗଙ୍ଗାସାଗର ମହିଳା ଏସଏଚଜି ଗ୍ରୁପକୁ ପୁରସ୍କୃତ କରାଯାଇଛି। ଡଅଁର ପଞ୍ଚାୟତ ସରଳ ଗ୍ରାମର ଧରଣୀଧର ପରିଡ଼ା ଜାଲ କିଣି ମାଛଚାଷ କରିବା ଏବଂ ଆବୁଲପୁରା ଗ୍ରାମର ମା’ ମଙ୍ଗଳା ମହିଳା ଏସଏଚଜି ଗ୍ରୁପ ପଞ୍ଚାୟତ ପୋଖରୀରେ ମାଛଚାଷ କରିବାକୁ ଅନୁମତି ଦିଆଯାଇଛି। ୧୪ଟି ଷ୍ଟଲ ଲାଗିଥିଲା ବେଳେ ସେଥିମଧ୍ୟରୁ ମେଡ଼ିସିନ, ଉତ୍ତମ ଖାଦ୍ୟ ଓ ପୋଷକ, କୁଟା ଛତୁ, ଝୋଟରେ ତିଆରି ସାମଗ୍ରୀ, ମାଣ୍ଡିଆ ଜାତ ଖାଦ୍ୟ ସାମଗ୍ରୀ ସହ ପ୍ରତ୍ୟେକ ଘରେ କୁଣ୍ଡ ଦ୍ୱାରା ଆଜୋଲା ଓ ଓଟ୍ ଚାଷ ସମ୍ପର୍କିତ ସୂଚନା ଦିଆଯାଇଥିଲା। ମଧୁବନ ଗ୍ରାମର ମହିଳା ଏସଏଚଜି ଦ୍ୱାରା ଝୋଟ ତିଆରି ସାମଗ୍ରୀ ଓ କୁରାଢ଼ୀଘଷା ଗ୍ରାମର ମା’ ତାରିଣୀ ଏସଏଚଜି ଗ୍ରୁପ ତରଫରୁ ପ୍ରସ୍ତୁତ ମାଣ୍ଡିଆ ଖାଦ୍ୟ ସାମଗ୍ରୀ ପ୍ରଶଂସିତ ହୋଇଥିଲା।



● ସଂରକ୍ଷିତ ଜଙ୍ଗଲରୁ ବେଆଇନ ଚାଲାଣ ମାମଲା

## ଟ୍ରାକ୍ଟର ଚାଳକ ଗିରଫ

ଡୁରୁମୁଙ୍ଗା, ୭।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତୋଣ୍ଡ ବିଟ୍ ଅନ୍ତର୍ଗତ ପିଛୁଲାବେଡା ଜଙ୍ଗଲରୁ ବେଆଇନ ଭାବରେ ଟ୍ରାକ୍ଟର ଯୋଗେ ବାଲି ଉଠାଇ ଚୋରା ଚାଲାଣ କରୁଥିବା ସମୟରେ ରେଞ୍ଜରଙ୍କ ନିର୍ଦ୍ଦେଶରେ ବନରକ୍ଷୀ ଦେବଜାନୀ ମହାନ୍ତ ଚଢ଼ଉ କରିଥିବା ସମୟରେ ବାଲି ଗାଡି ଛଡେଇନେବା ଘଟଣାରେ ଟ୍ରାକ୍ଟର ଚାଳକଙ୍କୁ ଶୁକ୍ରବାର ବନ ବିଭାଗ ଗିରଫ କରିଛି। ଗିରଫ ଡ୍ରାଇଭର ହେଲେ ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ପିଛୁଳା ବେଡାଗ୍ରାମର ସନାତନ ନାଏକଙ୍କ ପୁଅ ଧରଣୀଧର (୨୮)। ଏନେଇ ପାଟଣା ରେଞ୍ଜରେ ମାମଲା ରୁଜୁ ହୋଇଛି। ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟ ୫ଜଣଙ୍କୁ ଗିରଫ କରାଯିବ ବୋଲି ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି।



ଚଢାଉରେ ରେଞ୍ଜରଙ୍କ ସହ, ପାଟଣା ଫରେଷ୍ଟର ନିରଞ୍ଜନ ସେଠୀ, ସାହାରପଡ଼ା ଫରେଷ୍ଟର ଶ୍ରୀମନ୍ତ ବେହେରା, ବନରକ୍ଷୀ ହୃଦାନନ୍ଦ ମହାନ୍ତି, ରଞ୍ଜିତା ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ଗତ ଶୁକ୍ରବାର ସନ୍ଧ୍ୟାରେ ପାଟଣା ରେଞ୍ଜ ତଣ୍ଡ ବିଟ ଆଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ପିଛୁଲାବେଡା ନାଳରୁ ଏକ ଟ୍ରାକ୍ଟର ଯୋଗେ ବେଆଇନ ବାଲି ଉତ୍ତୋଳନ କରି ଚାଲାଣ କରୁଥିବା ବେଳେ ତଣ୍ଡ ବିଟ ଗାର୍ଡ ଦେବଯାନୀ ମାହାନ୍ତ ଟ୍ରାକ୍ଟରକୁ ଜବତ କରିବାକୁ ଉଦ୍ୟମ କରୁଥିବା ବେଳେ କେନ୍ଦୁଝର ସାଂସଦ ଅନନ୍ତ ନାଏକଙ୍କ ପ୍ରତିନିଧି ପ୍ରହଲାଦ ପଲେଇ, ଡ୍ରାଇଭର ଓ ତାଙ୍କର ୫ ସହଯୋଗୀ ବାଲି ଗାଡ଼ିର ବାଲି ପଡ଼ିଆରେ ଜବରଦସ୍ତି ଓହ୍ଲାଇ ଦେଇ ଟ୍ରାକ୍ଟର ନେବା ସହ ଗାର୍ଡ ଦେବଜାନି ମହାନ୍ତଙ୍କୁ ଦୁର୍ବ୍ୟବହାର କରିଥିଲେ। ଗାଳିଗୁଲଜ କରିବା ସାଙ୍ଗକୁ ଗଣଦୁଷ୍କର୍ମର ଧମକ ଦେଇଥିବା ନେଇ ଘଟଗାଁ ଥାନାରେ ମାମଲା ରୁଜୁ ହେବା ସହ ପାଟଣା ରେଞ୍ଜରେ ମାମଲା ରୁଜୁ ହୋଇଛି।

## ଦୁର୍ଘଟଣାରେ ଦମ୍ପତି ଗୁରୁତର

ହାଟଡ଼ିହୀ,୭।୧୧(ସମିସ): ଆନନ୍ଦପୁର ଭଦ୍ରକ ରାସ୍ତାର ତରତରା ଛକ ନିକଟରେ ଆଜି ରାତ୍ର ୮ ଟା ସମୟରେ ବାଇକ୍ ଦୁର୍ଘଟଣାରେ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ଦମ୍ପତିଙ୍କ ଘର ଚୋରଗାଡ଼ିଆ ଛକରେ ହୋଇଥିବା ବେଳେ ଦୀପ୍ତିରଞ୍ଜନ ସାହୁ ଓ ପ୍ରମିଳା ସାହୁ। ଉଭୟ ଶାଳବଣିରୁ ବାଇକ ଯୋଗେ ଫେରୁଥିବା ବେଳେ ତରତରା ଛକ ନିକଟରେ ଏକ ଶିଆଳ ବାଇକ୍ ସମୁଖକୁ ପଳାଇ ଆସିଥିଲା। ଫଳରେ ଉଭୟ ରାସ୍ତା ଉପରେ ଛିଟିକି ପଡି ଗୁରୁତର ହୋଇଥିଲେ। ସେହି ରାସ୍ତାଦେଇ ଫେରୁଥିବା ବେଳେ



ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ସଙ୍ଗେ ସଙ୍ଗେ ନିଜ ସେମାନଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ଆହତ ମାନଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଇ ଚିକିତ୍ସା କରାଇଥିଲେ। ବ୍ଲକ ଉପାଧ୍ୟକ୍ଷଙ୍କ ଏହି ମହାନତାକୁ ସବୁ ବର୍ଗରେ ପ୍ରଶଂସା କରାଯାଇଛି।

## ଅବକାରୀ ଚଢ଼ଉ; ତିନି ଗିରଫ

ମୋରଡ଼ା,୭।୧୧(ସମିସ): ଶୁକ୍ରବାର ମୋରଡ଼ା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ତିନି ଜଣ କୁଚିଆ ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ୪୭ ଲିଟର ଦେଶୀ ମଦ ଜବତ କରିଛି। ଗିରଫ ଯୁବକମାନେ ହେଲେ ମୋରଡ଼ା ଥାନା ପଳାସବଧା ଗାଁର ଜତୀନ୍ଦ୍ର ମହାନ୍ତ, କାପୋଇ ଗାଁର ବାମଦେବ ମାରାଣ୍ଡି ଏବଂ ମୁଣ୍ଡାବଣି ଗାଁର ଲକ୍ଷ୍ମଣ ମାରାଣ୍ଡି ବୋଲି ଅବକାରୀ ଅଧିକାରୀ ଦୀପକ ରାଉତ ସୂଚନା ଦେଇଛନ୍ତି।

## ଉଦଳା ରୋଟାରୀ କ୍ଲବ୍ ସମ୍ବର୍ଦ୍ଧିତ




ଗୋପବନ୍ଧୁନଗର/ଉଦଳା,୭।୧୧(ସମିସ): ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉଦଳା ରୋଟାରୀ କ୍ଲବକୁ ଡ଼ାଇମଣ୍ଡ କ୍ଲବଭାବରେ ଘୋଷଣା କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରସ୍ଥିତ ରେଳବାଇ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ରୋଟାରୀ ଜିଲ୍ଲା – ୩୨୬୨ ଅଧୀନରେ ଥିବା ୧୨୧ଟି କ୍ଲବର ୧୨୦୦ ରୋଟାରିଆନ ଯୋଗଦେଇଥିଲେ। ପୂର୍ବପ୍ରାନ୍ତ ପାଳ ଯଜ୍ଞାଶିଷ ମହାପାତ୍ର ଉପସ୍ଥିତ ଥିଲେ। କ୍ଲବର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ପଣ୍ଡା, ପୂର୍ବତନ ସଭାପତି ପ୍ରହ୍ଲାଦ ଦାସ, ଅଶୋକ ମହାନ୍ତି, ବର୍ତ୍ତମାନର ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଚିତ୍ତରଂଜନ ବାରିକ ପ୍ରମୁଖ ସମ୍ମାନ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା କ୍ଲବର ସଦସ୍ୟ ଡ଼ା. ପ୍ରଶାନ୍ତ କୁମାର ସେନ, ସୁଶାନ୍ତ ପଟ୍ଟନାୟକ, ଅଜୟକୁମାର ବେହେରା, ବ୍ରହ୍ମାନନ୍ଦ ନାୟକ, ଦିଲିପ କୁମାର ପାଟଯୋଶି, ହରେନ ପଟ୍ଟନାୟକ, ଦୀପକ ଦାସ, ଫାଷ୍ଟ ଲେଡ଼ି ରାଜଲକ୍ଷ୍ମୀ ମହାନ୍ତି ଓ ଅଞ୍ଜଳି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଉଦଳା ରୋଟାରୀ କ୍ଲବ ବର୍ଷ ତମାମ ବିଭିନ୍ନ ପ୍ରକାର ସେବା ମୂଳକ କାମ କରି ସମଗ୍ର କପ୍ତିପଦା ଉପଖଣ୍ଡରେ ବେଶ ସୁନାମ ଅର୍ଜନ କରିଛି। ବିଶେଷ କରି ଅଙ୍ଗଦାନର ମାନସିକତା, ରକ୍ତଦାନ ଶିବିର, ହାଣ୍ଡିଆ ଅସ୍ତ୍ର ପଚାର, ପାନୀୟ ଜଳ ଯୋଗାଣ, ବୃକ୍ଷରୋପଣ, ବୃଦ୍ଧାଶ୍ରମ ଓ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଆଦି କାମ କରି ଉଦଳା ରୋଟାରୀ କ୍ଲବ ବିଭିନ୍ନ ସମୟରେ ପ୍ରଶଂସିତ ହୋଇଛି।

ମୟୂରଭଞ୍ଜର ୩ଟି ସ୍ଥାନରେ ହେବ ଏକତା ପଦଯାତ୍ରା; କରଞ୍ଜିଆ ବାଦ୍

# ୧୦ କିମି ଯାଏ ପରିକ୍ରମା; ଅଂଶଗ୍ରହଣ କରିବେ ୧୫୦୦

ବାରିପଦା, ୭ ।୧୧(ସମିସ)

ଶୁକ୍ରବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ହେବାକୁ ଥିବା ଏକତା ପଦଯାତ୍ରା ସମ୍ବନ୍ଧରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଛାୟତ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ଏହି ଏକତା ପଦଯାତ୍ରାର ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସରକାରଙ୍କ ନିର୍ଦ୍ଦେଶକ୍ରମେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଦେଶବାସୀଙ୍କ ମଧ୍ୟରେ ଏକତା ତଥା ଜାତୀୟତାବୋଧ ନିମନ୍ତେ ପଦଯାତ୍ରା ଆୟୋଜନ କରାଯାଉଛି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାରେ ୩ଟି ସ୍ଥାନରେ ଯଥା ବାରିପଦା, ରାଇରଙ୍ଗପୁର ଓ ଉଦଳାଠାରେ ଏହି ଏକତା ପଦଯାତ୍ରା ଅନୁଷ୍ଠିତ ହେବ। ପ୍ରତ୍ୟେକ ସ୍ଥାନରେ ୧୦ କିମି ଦୂର ପର୍ଯ୍ୟନ୍ତ ପରିକ୍ରମା କରାଯିବ ଏବଂ ଏଥିରେ ୧୫୦୦ ଅଂଶଗ୍ରହଣ କରିବେ। ଏହି ୧୦ କିମି ପଦଯାତ୍ରାରେ ୪ଟି ଷ୍ଟେଜ ଯଥାକ୍ରମେ ଷ୍ଟାର୍ଟିଂ ପଏଣ୍ଟ, କିଛି କିଛି ଦୂରତା ବ୍ୟବଧାନରେ ଦ୍ୱିତୀୟ ପଏଣ୍ଟ ଓ ତୃତୀୟ ପଏଣ୍ଟ ଏବଂ ଚତୁର୍ଥ ପଏଣ୍ଟରେ ଶେଷ ହେବ। ପ୍ରତ୍ୟେକ ପଏଣ୍ଟରେ ବିଭିନ୍ନ ପ୍ରକାର ଷ୍ଟଲ ହେବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ ହେବା ସହ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ବିଭିନ୍ନ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯିବ। ପଦଯାତ୍ରା ସମୟରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ଏହି ପଦଯାତ୍ରା ରେ ସମାଜର ସବୁ ବର୍ଗର ଛାତ୍ର ଛାତ୍ରୀ, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ, ଯୁବପିଢ଼ି, ବିଶିଷ୍ଟ ବ୍ୟକ୍ତିବିଶେଷ, ସାଂସଦ, ବିଧାୟକ, ଅନ୍ୟାନ୍ୟ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ପୁରସ୍କାରରେ ପୁରସ୍କୃତ ସମ୍ମାନୀୟ ବ୍ୟକ୍ତିବିଶେଷ ଇତ୍ୟାଦି ସମସ୍ତ ବର୍ଗର ଲୋକଙ୍କୁ ସାମିଲ କରାଯିବ। ଏହି ପଦଯାତ୍ରା ସମୟରେ ପଦଯାତ୍ରା ସହିତ ରଥ ଭ୍ରମଣ କରିବ ଯେଉଁଥିରେ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ର ଓ ତାଙ୍କ କୃତୀ ଇତ୍ୟାଦି ପ୍ରଦର୍ଶିତ ହେବ। ଏତଦବ୍ୟତୀତ ଏହି ଉତ୍ସବ ପାଳନ ପରିପ୍ରେକ୍ଷୀରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେଉଛି। କାର୍ଯ୍ୟସୂଚୀ ଅନୁସାରେ ଆସନ୍ତା ୧୦ ତାରିଖରେ ରାଇରଙ୍ଗପୁରରେ ସକାଳ ୭ଟାରେ ବିର୍ସାମୁଣ୍ଡା ପାର୍କରୁ ଆରମ୍ଭ ହୋଇ ଦୁର୍ଗା ମଣ୍ଡପ ଓ ସରସ୍ୱତୀ ଶିଶୁମନ୍ଦିରରେ ଶେଷ ହେବ। ସେହିପରି ୧୩ ତାରିଖରେ ବାରିପଦାଠାରେ ସକାଳ ୭ଟାରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପାଖରୁ ଆରମ୍ଭ ହୋଇ ଏମ ପି ସି କଲେଜ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ର ଗୋଲେଇ, ଟ୍ରାଫିକ ଛକ, ସହିଦ ସ୍ମୃତି ଭବନ ଦେଇ ଛଉ ପଡିଆ ଠାରେ ସମାପ୍ତ ହେବ। ସେହିପରି ୧୪ ତାରିଖରେ ଉଦଳାଠାରେ ସକାଳ ୭ଟାରେ ଭୀମତାଳି ଛକ ଠାରୁ ଆରମ୍ଭ ହୋଇ ଉଦଳା ଥାନା ଛକ, ମାଉସୀମା ମନ୍ଦିର ହୋଇ ପାଟପୁରଠାରେ ଶେଷହେବ। ଏ ନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

## ଆନନ୍ଦପୁର ଗ୍ରାମାଞ୍ଚଳରେ ମହାବଳ ବାଘର ଆତଙ୍କ





ଆନନ୍ଦପୁର,୭।୧୧ (ସମିସ): ତିନିଦିନ ଧରି ଆନନ୍ଦପୁର ଗ୍ରାମାଞ୍ଚଳରେ ମହାବଳ ବାଘର ଆତଙ୍କ ଯୋଗୁଁ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଆନନ୍ଦପୁର ବ୍ଲକର କଣ୍ଟିପାଳ ଷଡ଼ଙ୍ଗୀଠାରେ ବାଘ ପାଦଚିହ୍ନ ଠାବ ହେବା ପରେ ସାତକୋଶିଆ ଜଙ୍ଗଲ ଅଞ୍ଚଳକୁ ଯାଇଥିବା ବନବିଭାଗ ଆକଳନ କରିଥିଲା। ଆଜି ଘସିପୁରା ବ୍ଲକର ଝିଙ୍କିପିଟା ଅଞ୍ଚଳରେ ବନବିଭାଗ ପିଛାକରିବା ପରେ ଅଟେଇ ଜଙ୍ଗଲରେ ଥିବା ଅନୁମାନ ହୋଇଛି ବୋଲି ବନ୍ୟପ୍ରାଣୀ ଡ଼ିଏଫଓ ପ୍ରଶାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ବନ ବିଭାଗ ପକ୍ଷରୁ ତଦନ୍ତ କରାଯିବା ସହ ବାଘ ବିଷୟରେ ତଥ୍ୟ ସଂଗ୍ରହ କରାଯାଉଛି। ଆଖାପାଖ ଗ୍ରାମରେ ଡାକବାଜିଯନ୍ତ୍ର ଯୋଗେ ସତର୍କତା ସୂଚନା ଦେବାସହିତ ରାତିସାରା ବନବିଭାଗ ତରଫରୁ ପାଟ୍ରୋଲିଙ୍ଗ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାତିରେ ଷଡ଼ଙ୍ଗୀ ଗ୍ରାମରେ କୁକୁର ଗୁଡ଼ିକ ଖୁବ୍ ଜୋରରେ ଭୁକିଥିଲେ ଦାମୋଦର ପିଙ୍ଗୁଆ ନାମକ ଜଣେ ବ୍ୟକ୍ତି ଘର ବାହାରକୁ ଆସିଥିଲେ। ଏହି ସମୟରେ ନିକଟସ୍ଥ ଧାନବିଲ ଭିତରକୁ ଏକ ବାଘ ଯାଉଥିବା ସେ ଦେଖିଥିଲେ। ଆନନ୍ଦପୁର ରେଞ୍ଜର ନବକିଶୋର ନାଏକ ଦିନତମାମ ବାଘର ଗତିବିଧି ସମ୍ପର୍କରେ ଜାଣିବାପାଇଁ ଉଦ୍ୟମ ଜାରି ରଖିଛନ୍ତି। ବାଘଟି ବାଉଁଶଗଡ଼ ନାଳ ପାର ହୋଇ କାଠକଟା ଜଙ୍ଗଲ ଆଡ଼କୁ ଯାଇଥିବା ପାଦଚିହ୍ନରୁ ଜଣାପଡ଼ିଛି। ସଂଧ୍ୟା ପରେ ଘରୁ ନବାହାରିବା ଓ ଗୃହପାଳିତ ପଶୁଙ୍କୁ ଜଙ୍ଗଲକୁ ନ ଛାଡ଼ିବାପାଇଁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ସାକିକୋଶିଆ ରେଞ୍ଜ ଠାକୁରମୁଣ୍ଡା ଅଞ୍ଚଳରେ ଏକ ବାଘ ବୁଲୁଥିବା ଜଣାପଡ଼ିଥିଲା। ମଙ୍ଗଳବାର ସକାଳେ ସିଂହନାଳୀ ଜଙ୍ଗଲ ନିକଟରେ ମଧ ବାଘର ପାଦଚିହ୍ନ ଦେଖିବାକୁ ମିଳିଥିଲା। ବାଘ ସମ୍ପର୍କରେ ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋ-ଖୋ ପ୍ରତିଯୋଗିତା



କେନ୍ଦୁଝର, ୭।୧୧(ସମିସ): କେନ୍ଦୁଝର ଷ୍ଟାଡିୟମ ପଡ଼ିଆରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋ-ଖୋ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି କେନ୍ଦୁଝର ପୌରାଧକ୍ଷା ନିକୁ ସାହୁ, ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ମନ୍ଦରଧର ମହାଳିକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ, ଶ୍ରୀକାନ୍ତ କୁମାର ବେହେରା, ରୁଦ୍ରନାରାୟଣ ସାମଲ, ଜିଲ୍ଲା କ୍ରିଡା ଅଧିକାରୀ ସରୋଜ କୁମାର ମଲ୍ଲିକ, ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଚିନ୍ମୟ କୁମାର ରାଉତ, ଓଁକାର ଅନ୍ୱେଷ, ସଦ୍ୟସ୍ନାନ ପଣ୍ଡା, ହରିହର ଦଳାଇ, ଓଷ୍ଟା କେନ୍ଦୁଝରର ସଭାପତି ମନ୍ମଥନାଥ ମହାନ୍ତ, ଓଷ୍ଟା କେନ୍ଦୁଝର ସଂପାଦକ ରଂଜନ ଘଡ଼େଇ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା ଓ ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ହଳଧର ମହାନ୍ତ ଯୋଗ ଦେଇଥିଲେ। ରାଜ୍ୟର ୩୧ ଜିଲ୍ଲାରୁ ଆସିଥିବା ୮୦୬ ଜଣ ପ୍ରତିଯୋଗୀ ଏଥିରେ ସାମିଲ ହୋଇଛନ୍ତି।

● କବି ଚିନ୍ତାମଣି ବେହେରାଙ୍କ ୯୯ତମ ଜୟନ୍ତୀ

## ଅବସରପ୍ରାପ୍ତ ପ୍ରାଧ୍ୟାପକ ଭୋଳାନାଥ ସାହୁ ସମ୍ମାନିତ



ଗୋପବନ୍ଧୁନଗର /ଉଦଳା, ୭।୧୧(ସମିସ): ପ୍ରଶାନ୍ତ ବେହେରା ମେମୋରିଆଲ ଟ୍ରଷ୍ଟ ତରଫରୁ କବି ଚିନ୍ତାମଣି ବେହେରାଙ୍କ ୯୯ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲ୍ଲୀପ କୁମାର ଦୀକ୍ଷିତ ଅଧ୍ୟକ୍ଷତା କରି କବି ଚିନ୍ତାମଣି ବେହେରାଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୂହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ। ଉଦଳା ନଗରପାଳ ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଏହିଭଳି ଏକ ସାରସ୍ୱତ ମଂଚକୁ ବଞ୍ଚାଇ ରଖିବା ପାଇଁ ପ୍ରଶାନ୍ତ ବେହେରା ମେମୋରିଆଲ ଟ୍ରଷ୍ଟ ଉଦ୍ୟମ ଜାରି ରଖିଥିବାରୁ କୃତଜ୍ଞତା ଜଣାଇଥିଲେ। ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ଶ୍ୟାମସୁନ୍ଦର ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଚିନ୍ତାମଣି ବେହେରାଙ୍କ କାବ୍ୟ କବିତା କିପରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି ସେ ନେଇ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଭୋଳାନାଥ ସାହୁ, ଗବେଷକ କିଶୋରଚନ୍ଦ୍ର ଦାସବାବୁ, ସାହିତ୍ୟିକ ପ୍ରଫୁଲ କୁମାର ଖିଲାର ପ୍ରମୁଖ ଚିନ୍ତାମଣି ବେହେରାଙ୍କ ସାହିତ୍ୟକୃତି ବିଷୟରେ ଆଲୋଚନା କରିଥିଲେ। 'ମଶାଲ' ପତ୍ରିକାର ସମ୍ପାଦକ ରବିକାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଭୋଳାନାଥ ସାହୁଙ୍କୁ ଟ୍ରଷ୍ଟ ତରଫରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ 'ଚିନ୍ତାମଣି ବେହେରା ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନ୍ୟ ଏକ ଯୁବକ ସୁନା ହାଁସଦା ହାଣ୍ଡିଆ ସେବନର ଭୟାବହତାକୁ ଅନୁଭବ କରି ଏହାର ସେବନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସ୍ୱର ଉତ୍ତୋଳନ କରିଥିବାରୁ ତାଙ୍କୁ ମଧ୍ୟ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଜତ କୁମାର ପଣ୍ଡା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଆଶିଷ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ସଂସ୍କୃତି ଓ କଳା ମହୋତ୍ସବ ପାଇଁ ୩ ଛାତ୍ରୀ ମନୋନୀତ



ବହଳଦା, ୭।୧୧ (ସମିସ): ରାଜ୍ୟସ୍ତରୀୟ ଷଷ୍ଠ ସାଂସ୍କୃତିକ ଓ କଳା ମହୋତ୍ସବ-୨୦୨୫ରେ ବହଳଦା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସଫଳତା ଅର୍ଜନ କରିଛନ୍ତି। ଚଳିତ ବର୍ଷ ରାଜ୍ୟସ୍ତରୀୟ ସାଂସ୍କୃତିକ ଓ କଳା ମହୋତ୍ସବ ନଭେମ୍ବର ୩ ତାରିଖରୁ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ଜିଲ୍ଲାର କୁଆରମୁଣ୍ଡା ଏକଲବ୍ୟ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ଏକଲବ୍ୟ ମୋଡେଲ ରେସିଡେନ୍ସିଆଲ ସ୍କୁଲ ବହଳଦାର ନବମ ଶ୍ରେଣୀର ଛାତ୍ରୀ ମାଇନୋମିରୁ ଟୁଡୁ ଲୋକାଲ କ୍ରାଫ୍ଟରେ ପ୍ରଥମ ସ୍ଥାନ ଏବଂ ରଶ୍ମିତା ସିଂ ସୋଲୋ ଅଭିନୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କେଉଁଝର ସ୍ଥିତ ରାଙ୍କି ଇଏମଆରଏସ୍‌ଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ତନୁଶ୍ରୀ ସୋରେନ ପ୍ରଥମ, ଇଂରାଜୀ ଏକ୍ସଟେମ୍ପରରେ ଦଶମ ଶ୍ରେଣୀର ଛାତ୍ର ମାର୍ଶାଲ ମୁର୍ମୁ ଦ୍ୱିତୀୟ, କୁଇଜ୍ ପ୍ରତିଯୋଗିତାରେ ଏକାଦଶ ଶ୍ରେଣୀର ଦୁଇଜଣ ଛାତ୍ର ମହାଦେବରାଜ ମାର୍ଣ୍ଡି ଏବଂ ମାନସ ରଞ୍ଜନ ସୋରେନ ଦ୍ୱିତୀୟ ସ୍ଥାନ, ହିନ୍ଦୀ କାବ୍ୟପାଠରେ ଅଷ୍ଟମ ଶ୍ରେଣୀର ଛାତ୍ର ମଧୁସୂଦନ ନାଏକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କ୍ଲାସିକାଲ ସୋଲୋ ସଂଗୀତରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ସାନିଆ ସୋରେନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ଶିକ୍ଷକ ଗୋପାଳକୃଷ୍ଣ ସାହୁ ପ୍ରଥମ ସ୍ଥାନ ଅଳଙ୍କୃତ କରିଥିଲେ। ଏଥିସହିତ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଇଏମଆରଏସ୍‌ରେ ଅନୁଷ୍ଠିତ ସିନୀୟର ଗ୍ରୁପ ଡାନ୍ସରେ ନବମ ଶ୍ରେଣୀର ଛାତ୍ରୀ ଦୁଲାରୀ ମାର୍ଣ୍ଡି (ଇ) ଓ ଦୁଲାରୀ ମାର୍ଣ୍ଡି, ମଧୁସ୍ମିତା ଟୁଡୁ, ଛାତ୍ରୀ ସୋନାଲୀ ହେମ୍ବ୍ରମ ଦ୍ୱିତୀୟ ସ୍ଥାନ ଅଧିକାର କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଲୋକାଲ କ୍ରାଫ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ମାଇନୋମିରୁ ଟୁଡୁ ,ସୋଲୋ ଏକ୍ଟିଂରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ରଶ୍ମିତା ସିଂ, ଇଂରାଜୀ କାବ୍ୟ ପାଠରେ ପ୍ରଥମ ସ୍ଥାନ ଅଧିକାର କରିଥିବା ତନୁଶ୍ରୀ ସୋରେନ ଆସନ୍ତା ଡିସେମ୍ବର ମାସରେ ଆନ୍ଧ୍ରପ୍ରଦେଶଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଜାତୀୟ ସଂସ୍କୃତି ଓ କଳା ମହୋତ୍ସବରେ ଓଡିଶାରୁ ପ୍ରତିନିଧିତ୍ୱ କରିବେ। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ବାରିକ ସମସ୍ତ ଛାତ୍ରଛାତ୍ରୀ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଅର୍ପଣ ଜଣାଇଛନ୍ତି।

# ଜିଲ୍ଲାବ୍ୟାପୀ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତି ପାଳନ










ବାରିପଦା, ୭ ।୧୧(ସମିସ): ନଭେମ୍ବର ୭ ତାରିଖ ଭାରତର ଜାତୀୟ ସଙ୍ଗୀତ "ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଦିବସ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଓ ଇଶ୍ୱର ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ରାଷ୍ଟ୍ର ଚେତନାକୁ ଜାଗ୍ରତ କରୁଥିବା ଭାବପୂର୍ଣ୍ଣ ରାଷ୍ଟ୍ରୀୟ ବନ୍ଦନାକୁ ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରି ଶ୍ରଦ୍ଧାର ସହିତ ସମୂହ ଭାବେ ଗାନ କରିଥିଲେ। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି ଅମର କୃତୀ ୧୮୭୫ ମସିହା ନଭେମ୍ବର ୭ ତାରିଖରେ "ବଙ୍ଗଦର୍ଶନ' ନାମକ ସାହିତ୍ୟିକ ପତ୍ରିକାରେ ପ୍ରଥମେ ପ୍ରକାଶିତ ହୋଇଥିଲା। ପରେ ସେ ଏହାକୁ ତାଙ୍କ ଅମର ଉପନ୍ୟାସ "ଆନନ୍ଦମଠ'ରେ ସମ୍ମିଳିତ କରିଥିଲେ। ପରବର୍ତ୍ତୀ ସମୟରେ ବଙ୍କିମ ଚନ୍ଦ୍ରଙ୍କ ଏହି ଅମର କୃତୀକୁ ଆମ ଦେଶର ରାଷ୍ଟ୍ରୀୟ ସଂଗୀତ ଭାବେ ଅଙ୍ଗିକାର କରାଯାଇଥିଲା। "ବନ୍ଦେ ମାତରମ୍' ସଂଗୀତ ଭାରତର ଭୌଗୋଳିକ ସୌନ୍ଦର୍ଯ୍ୟ, ସଭ୍ୟତା, ରାଜନୈତିକ ଓ ସାଂସ୍କୃତିକ ଚେତନାର ଏକ ଅଭିନ୍ନ ଅଂଶ। ଆଜିର ଏହି ସମୂହ ରାଷ୍ଟ୍ରୀୟ ସଂଗୀତ ଗାନ ଅବସରରେ ସମସ୍ତଙ୍କୁ ଏହି ଅମର ସଙ୍ଗୀତର ନିରନ୍ତର ବାର୍ତ୍ତା ଏକତା, ତ୍ୟାଗ ଓ ଦେଶ ଭକ୍ତିର ଆଦର୍ଶ ପ୍ରତି ପୁନର୍ବାର ସମର୍ପିତ ହେବା ପାଇଁ ଜାଗ୍ରତ କରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ କହିଥିଲେ।

**ବାରିପଦା:** ତକତପୁରସ୍ଥିତ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଲିଖିତ ଭାରତର ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଅତି ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଛି। ଏଥିରେ ଅଧ୍ୟକ୍ଷ ଡଃ ରଞ୍ଜନ୍ କୁମାର ତରେଇ ଯୋଗଦେଇ ପରିଚାଳନା କରିଥିଲେ। ସିନିୟର ଆସିଷ୍ଟାଣ୍ଟ ପ୍ରଫେସର୍ ଡଃ ବନମାଳୀ ବାରିକ୍, ଭକ୍ତଚରଣ ସୋରେନ, ଆସିଷ୍ଟାଣ୍ଟ ପ୍ରଫେସର୍ ଜୟଶ୍ରୀ ମିଶ୍ର, ସୁନୀଲ୍ ଜେନା, ଧୀରେନ୍ଦ୍ର ବେହେରା, ଏସ୍ ନାୟକ ଓ ଶ୍ରାଦ୍ଧା ସୋରେନ୍ ସମେତ ଛାତ୍ରଛାତ୍ରୀ ବନ୍ଦେ ମାତରମ ଗୀତ ଗାନ କରିଥିଲେ। ମହାବିଦ୍ୟାଳୟର ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଅତୁଲ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ସଫଳ ହୋଇଥିଲା।

**ସାରସକଣା :** ସାରସକଣା ବ୍ଲକ ସୀମାନ୍ତ ମହାବିଦ୍ୟାଳୟ ଆନୁକୂଲ୍ୟରେ ବନ୍ଦେ ମାତରମ ସଙ୍ଗୀତର ୧୫୦ତମ ପୂର୍ତ୍ତି ମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବକୁ ଅଧ୍ୟକ୍ଷ ପ୍ରହଲ୍ଲାଦ ଅଗସ୍ତି ଉଦଘାଟନ କରିଥିଲେ। ପରେ ଅଧ୍ୟାପିକା ସ୍ୱପ୍ନେଶ୍ୱରୀ ମୁର୍ମୁଙ୍କ ନେତୃତ୍ୱରେ ଅଧ୍ୟାପିକା ପ୍ରାଚୀପ୍ରଭା ପଡ଼ିଆରୀ, ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ, ଡଃ ସ୍ନିଗ୍ଧା ଆଚାର୍ଯ୍ୟ, ଧରିତ୍ରୀ ବେହେରା, ଡଃ ରାମ କିଶୋର ହରିଜନ, ଅଧ୍ୟାପିକା ଆରତୀ ହୋ, ଅଧ୍ୟାପକ ବିନୋଦ କୁମାର ମହାପାତ୍ର, ଯୋଗେଶ୍ୱର ବେହେରା ବିଭିନ୍ନ ପ୍ରତିଯୋଗିତା କରାଇଥିଲେ। ପ୍ରାଧ୍ୟାପକ ରଞ୍ଜନ କୁମାର ମହାନ୍ତି ସହିତ ବିଶ୍ୱନାଥ ମହାନ୍ତ ଓ ସମସ୍ତ ବିଭାଗର ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ତଥା ଛାତ୍ରଛାତ୍ରୀ ମହାବିଦ୍ୟାଳୟର ସ୍ମାରକୀ ବରଗଛ ଚତୁଃପାଶ୍ୱରେ ସମବେତ ବନ୍ଦେ ମାତରମ ସଙ୍ଗୀତ ଗାନ କରିଥିଲେ।

**କୁଆମରା:** ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଡିଗ୍ରୀ କଲେଜର ଶୁକ୍ରବାର ବନ୍ଦେ ମାତରମ୍ ଜାତୀୟ ଗୀତ ଗାନ କରାଯାଇଛି। ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୫୦ ବର୍ଷ ପୂର୍ତ୍ତି ଅବସରରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ବନ୍ଦେ ମାତରମ୍ ଉପରେ ଐତିହାସିକ ବିବରଣୀ ପାଠ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଦୁର୍ନୀତି ନିବାରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଗଣେଶ ପ୍ରସାଦ ସେଠୀ, ଗୋପାଳକୃଷ୍ଣ ନାୟକ, ଜ୍ୟୋତି ରୂପା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଖୁଣ୍ଟା ଯୁକ୍ତ ଦୁଇ କଲେଜର ମଧ ବନ୍ଦେ ମାତରମ୍ ଗୀତ ଗାନ କରାଯାଇଥିଲା। ଏହି ଅବସରରେ ସାଇବର ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇଆଇସି ପଞ୍ଚାନନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ସାଇବର ଅପରାଧ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଇଥିଲେ। ସେହିପରି ଖୁଣ୍ଟା ଥାନାରେ ମଧ ବନ୍ଦେ ମାତରମ୍ ଗୀତ ଗାନ କରାଯାଇଥିଲା।

**କରଞ୍ଜିଆ :** ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଞ୍ଚପୀଢ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବନ୍ଦେ ମାତରମ୍ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ଆସିଷ୍ଟାଣ୍ଟ କଲେକ୍ଟର ନିହାର ରଞ୍ଜନ ସେଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଗୋପୀନାଥ ସଏ, ଆସିଷ୍ଟାଣ୍ଟ କଲେକ୍ଟର ଯଶୋବନ୍ତ ନାରାୟଣ ବି.ସି. ପାତ୍ର, ଡେପୁଟି କଲେକ୍ଟର ବେଦବ୍ୟାସ ଭୋଇ, ସେକ୍ସନ୍ ଅଫିସର୍ ମଞ୍ଜୁଶ୍ରୀ ଦାସଙ୍କ ସମେତ ବହୁ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି ରାଷ୍ଟ୍ରୀୟ ଗୀତ ଗାନ କରିଥିଲେ।

**ବେତନଟୀ :** ବେତନଟୀ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ 'ବନ୍ଦେ ମାତରଂ' ରାଷ୍ଟ୍ରୀୟ ଗୀତ ଗାନ କରାଯାଇଥିଲା। ଭାରପ୍ରାପ୍ତ ଅଧ୍ୟକ୍ଷ ରାଷ୍ଟ୍ରୀୟ ସଂଗୀତର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାତୀୟତା ବୋଧର ଜାଗରଣ ନିମିତ୍ତ ବିଭିନ୍ନ ପ୍ରତିଯୋଗିତା ଯଥା - ଦେଶାବୋଧ କବିତା ଲିଖନ, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ ପରୀକ୍ଷା ଏବଂ ଚିତ୍ରାଙ୍କନ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

ସକାଳ THE SAKALA



## ରେଳବାଇ ଚାକିରି ପ୍ରଲୋଭନ ଦେଖାଇ ଟଙ୍କା ହଡ଼ପ

ବାରିପଦା, ୭ ।୧୧(ସମିସ): ଜଣେ ଯୁବତୀଙ୍କୁ ରେଳ ବିଭାଗରେ ଚାକିରି କରେଇ ଦେବାର ପ୍ରଲୋଭନ ଦେଖାଇ ପରିବାର ଲୋକଙ୍କଠାରୁ ଚଞ୍ଚକତା କରି ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ କ୍ରମେ ବାରିପଦା ଟାଉନ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୁନଗଡ଼ିଆ ଅଞ୍ଚଳର ଧୀରେନ୍ଦ୍ର ନାଥ ମହାନ୍ତ ଥାନାରେ କରିଥିବା ଅଭିଯୋଗ ଅନୁସାରେ ଅଶ୍ୱିନୀ କୁମାର ପଟେଲ ନାମକ ଜଣେ ବ୍ୟକ୍ତି ତାଙ୍କ ପରିବାର ସହ ସମ୍ପର୍କ ସୃଷ୍ଟି କରିଥିଲା। ତାଙ୍କ ଝିଅ ଚାକିରି ଖୋଜୁଥିବା ବେଳେ ତାଙ୍କୁ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯାହାକୁ ନେଇ ପର୍ଯ୍ୟାୟକ୍ରମରେ ୨ଲକ୍ଷ ୨୦ ହଜାର ଟଙ୍କା ଫୋନ ପେ' ମାଧ୍ୟମରେ ନେଇଥିଲା। କିନ୍ତୁ ନିଯୁକ୍ତି ପତ୍ର ମିଳିନଥିଲା। ବାରମ୍ବାର ସମୟ ଗଡ଼ିବା ପରେ ଚାକିରି ନ ହେବାରୁ ଉକ୍ତ ଟଙ୍କା ଫେରସ୍ତ ମାଗିଥିଲେ; ହେଲେ ଶ୍ରୀ ପଟେଲ ଟଙ୍କା ଫେରସ୍ତ ଦେବା ବଦଳରେ ହତ୍ୟା ଧମକ ଦେଇଥିବା ନେଇ ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

## ପୁଣି ମହିଳାଙ୍କଠାରୁ ସୁନା ଅଳଙ୍କାର ଲୁଟ୍

ବାରିପଦା,୭।୧୧(ସମିସ): ବାରିପଦା ସହରରେ ପୁଣି ମହିଳାଙ୍କ ପାଖରୁ ସୁନା ଅଳଙ୍କାର ଲୁଟ ହୋଇଛି। ମନ୍ଦିରକୁ ପୂଜା କରିବାକୁ ଯାଇଥିବାବେଳେ ଭିଡ଼ର ସୁଯୋଗ ନେଇ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଲୁଟ କରିଛନ୍ତି। ଏନେଇ ଦେଉଳସାହି ଅଞ୍ଚଳର ସୁପ୍ରଭା ତ୍ରିପାଠୀ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସକାଳୁ ଜଗନ୍ନାଥ ମନ୍ଦିରକୁ ଦର୍ଶନ କରିବା ପାଇଁ ଯାଇଥିଲେ। ତେବେ ଭିଡ଼ ମଧ୍ୟରେ ସୁଯୋଗ ପାଇ ଦୁର୍ବୃତ୍ତମାନେ ମହିଳାଙ୍କଠାରୁ ସୁନାହାର ଲୁଟ କରିଛନ୍ତି। ସୁନାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ପରେ ଏ ନେଇ ଶ୍ରୀମତୀ ତ୍ରିପାଠୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ବାଇକ ଡିକିଭାଙ୍ଗି ୨.୭୦ ଲକ୍ଷ ଲୁଟ୍ ଅଭିଯୋଗ

ବେତନଟୀ,୭।୧୧(ସମିସ): ବେତନଟୀ ବଙ୍ଗାଳଛକ ନିକଟରେ ଜଣେ ଯୁବକଙ୍କ ବାଇକ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୨ଲକ୍ଷ ୭୦ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ବେତନଟୀ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଘଟଣାରୁ ପ୍ରକାଶ ଯେ, ବେତନଟୀ ବ୍ଲକର ମେର୍ଦା ପଞ୍ଚାୟତର ଉଣାପୁରା ଗ୍ରାମର ପ୍ରଦୀପ କୁମାର ପାତ୍ର ବେତନଟୀ ବ୍ୟାଙ୍କ ଅଫ ଇଣ୍ଡିଆରୁ ଋଣ ବାବଦରେ ୨ଲକ୍ଷ ୭୦ ହଜାର ଟଙ୍କା ଉଠାଇ ବାଇକ ଡ଼ିକିରେ ରଖିଥିଲେ। ପରେ ସେ ବଙ୍ଗାଳଛକର ଏକ ଜଳଖିଆ ଦୋକାନରେ ଗାଡି ରଖି ଜଳଖିଆ ଖାଇବା ପାଇଁ ଯାଇଥିଲେ। ଖାଇସାରି ଆସି ଦେଖିବା ବେଳକୁ ଡ଼ିକି ଭଙ୍ଗା ହୋଇଥିଲା ଏବଂ ଡିକିରେ ଟଙ୍କା ନ ଥିଲା। ପରେ ସେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଟ୍ରେନ ଧକ୍କାରେ ଦନ୍ତା ମୃତ୍ୟୁ ଘଟଣା ଆଉ ଜଣେ ଫରେଷ୍ଟର ନିଲମ୍ବିତ

ବେତନଟୀ, ୭।୧୧ (ସମିସ): ବେତନଟୀ ନିକଟ ଆଗ୍ରିଆ ଲେବେଲ କ୍ରସିଂ ନିକଟରେ ଶନିବାର ରାତିରେ ଶାଲିମାର ଭଞ୍ଜପୁର ଟ୍ରେନରେ ଏକ ଦନ୍ତାର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବନବିଭାଗ ବୁଧବାର ପୁଣି ବେତନଟୀ ଫରେଷ୍ଟର ପ୍ରଦୀପ ଦେହୁରୀଙ୍କୁ ନିଲମ୍ବନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ମଙ୍ଗଳବାର ବନ ବିଭାଗ ପକ୍ଷରୁ ଏହି ଘଟଣାରେ ଫରେଷ୍ଟ ଗାର୍ଡ ହୃଷିକେଶ ବେହେରା ଓ ଜୟନ୍ତୀ ପାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। ବନବିଭାଗ ପକ୍ଷରୁ ଏହି ଘଟଣାକୁ ନେଇ ତଦନ୍ତ ଚାଲୁ ରହିଥିବା ବେଳେ ଆଗକୁ ଅନ୍ୟ ଅଧିକାରୀଙ୍କୁ ମଧ୍ୟ ନିଲମ୍ବନ କରାଯିବାର ସମ୍ଭାବନା ରହିଛି।

## ଦୁଷ୍କର୍ମକାରୀକୁ ୧୦ ବର୍ଷ କାରାଦଣ୍ଡାଦେଶ

କେନ୍ଦୁଝର, ୭।୧୧(ସମିସ): କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରା ଏକ ଦୁଷ୍କର୍ମ ମାମଲାର ବିଚାର କରି ଘଟଗାଁ ଥାନା ଅନ୍ତର୍ଗତ ସୀତାବିଞ୍ଜି ଗ୍ରାମର ଅଭିଯୁକ୍ତ ରମେଶ ଓରଫ୍ ନାଙ୍ଗୁ ମୁଣ୍ଡା(୨୧)କୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା; ଅନାଦେୟ ଅଧିକ ୬ ମାସ ସଶ୍ରମ କାରା ଦଣ୍ଡାଦେଶ ଶୁଣାଇଛନ୍ତି। ଗତ ୨୯।୨।୨୦୨୪ ସନ୍ଧ୍ୟା ୮ଟା ସମୟରେ ପୀଡ଼ିତାର ପିଲାମାନେ ତାଙ୍କ ଗାଁ ପଡ଼ିଶା ଘରକୁ ଟିଭି ଦେଖିବାକୁ ଯାଇଥିଲେ। ପିଲାମାନେ ଫେରିବାର ବିଳମ୍ବ ହେବାରୁ ପୀଡ଼ିତା ତା' ପିଲାମାନଙ୍କୁ ଖୋଜିବାକୁ ଯିବା ସମୟରେ ଅଭିଯୁକ୍ତ ନାଙ୍ଗୁ ମୁଣ୍ଡା ଅନ୍ଧାରର ସୁଯୋଗ ନେଇ ମୁହଁକୁ ହାତରେ ଚାପି ଧରି ପାଖରେ ଥିବା ଏକ ବାଡି(ପଡିଆ)କୁ ଟାଣି ନେଇ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। ଧମକ ଦେଇ କହିଥିଲା କି ଏ ସଂପର୍କରେ ବାହାରେ ପ୍ରକାଶ କଲେ ଜୀବନରୁ ମାରିଦେବ। ଏହି ଘଟଣାକୁ ନେଇ ପୀଡ଼ିତା ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ କରିବା ପରେ ଘଟଗାଁ ଥାନା କେସ୍ ନଂ ୮୪ ୩।୨।୨୦୨୪ରେ ଆଇପିସି ଦଫା ୩୪୧/୩୭୬/୫୦୬ ରୁଜୁକରି ପୁଲିସ ଉକ୍ତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଏହି ମାମଲାରେ ୧୧ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

# ଚାରି କାନ୍ଥ ମଧ୍ୟରେ କଏଦୀ ଫଳାଉଛନ୍ତି ସୁନାର ଫସଲ

### କାରାଗାର ପରିସର ସବୁଜିମାମୟ; ବନ୍ଦୀ ଜୀବନରେ ଖୁସି ବାଣ୍ଟୁଛି






### ନିଜେ ଉତ୍ପାଦନ କରି ପରିବା ବିକ୍ରି କରୁଛନ୍ତି ଅନ୍ତେବାସୀ

### ଚାଷ କଲେ କଏଦୀଙ୍କ ଦୂର ହେଉଛି ମାନସିକ ଦୁଶ୍ଚିନ୍ତା

ରାଇରଙ୍ଗପୁର, ୭।୧୧ (ସମିସ): ରାଇରଙ୍ଗପୁର କାରାଗାରର ଚାରିକାନ୍ଥ ଭିତରେ କଏଦୀଙ୍କ ଦ୍ୱାରା ହୋଇଥିବା ସୁନାର ଫସଲ ଏବେ ଫଳୁଛି। ଫଳରେ ସମଗ୍ର ଜେଲ ପରିସର ସବୁଜିମାମୟ ହୋଇଛି। ଚାରି କାନ୍ଥ ମଧ୍ୟରେ ଆବଦ୍ଧ ଥିବା ବନ୍ଦୀର ଜୀବନ ବନ୍ଧନ ମୁକ୍ତ ହୋଇଛି। ରାସାୟନିକ ପଦାର୍ଥ ଓ ସାର ବ୍ୟବହାର ନ କରି କେବଳ ଜୈବିକ ଉପାୟରେ ସବୁଜ ପନିପରିବା ଚାଷ କରୁଛନ୍ତି କଏଦୀ; ଯାହାକୁ କିଣିବା ପାଇଁ ଗ୍ରାହକଙ୍କ ମଧ୍ୟରେ ଅନେକ ଚାହିଦା ରହିଛି। ଜଘନ୍ୟ ଅପରାଧ ଘଟାଇ ସଶ୍ରମ କାରାଦଣ୍ଡରେ ବନ୍ଦୀ ଜୀବନ ବିତାଉଥିବା ଅନ୍ତେବାସୀଙ୍କୁ ଜେଲ କର୍ତ୍ତୃପକ୍ଷ ଆତ୍ମନିର୍ଭରଶୀଳ ହେବାର ମନ୍ତ୍ର ଦେଇଛନ୍ତି। ଅନ୍ତେବାସୀମାନେ ଶ୍ରମଦାନ କରି ଜୈବିକ ଉପାୟରେ ପରିବା ଚାଷ କରୁଛନ୍ତି। ଯାହାର ବେଶ ଆଦର ରହିଛି। ରାଇରଙ୍ଗପୁର ଉପକାରାଗାର ୧୯୧୮ ମସିହାରେ ପ୍ରତିଷ୍ଠା ହୋଇଥିଲା। ବର୍ତ୍ତମାନ କାରଗାରରେ ପ୍ରାୟ ୧୦୦ ଜଣ ଅନ୍ତେବାସୀ ରହିଛନ୍ତି। ସେଥି ମଧ୍ୟରୁ ସଶ୍ରମ କାରାଦଣ୍ଡ ଭୋଗୁଥିବା ଅନ୍ତେବାସୀଙ୍କୁ ଜେଲ ସୁଧାର ଯୋଜନାରେ କର୍ତ୍ତୃପକ୍ଷ ଏହି ଭଳି କାର୍ଯ୍ୟଧାରା ଆରମ୍ଭ କରିଛନ୍ତି। କଏଦୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ଚାଲିଚଳଣିରେ ପରିବର୍ତ୍ତନ ଆଣିବାକୁ ଜେଲ କର୍ତ୍ତୃପକ୍ଷ ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି। ଜେଲ ମଧ୍ୟରେ ଥିବା



ସବୁଜିମାମୟ ପରିବେଶ ସୃଷ୍ଟି କରି ଜେଲ ପରିସରକୁ ପାର୍କ ରୂପେ ସଜାଇଛନ୍ତି। ବିଭିନ୍ନ ପ୍ରକାର ସତେଜ ପନିପରିବା ଫୁଲକୋବି, ବନ୍ଧା କୋବି, ବିଲାତି, ଶାଗ, ମୂଳା, ସାଲଗମ, ଧନିଆ ପତ୍ର, ଝୁଡ଼ଙ୍ଗ, ବାଇଗଣ ଆଦି ବିଭିନ୍ନ ପନିପରିବା ଚାଷ କରୁଛନ୍ତି। ଯାହାକି ଜେଲରେ କଏଦୀଙ୍କ ଆବଶ୍ୟକତା ମଧ୍ୟ ପୂରଣ କରୁଛି। ଏହାସହିତ ରାଇରଙ୍ଗପୁର ଉପକାରାଗାର ସମ୍ମୁଖରେ ଛନ ଛନିଆ କଞ୍ଚା ପରିବା ବିକ୍ରି ମଧ୍ୟ କରୁଛନ୍ତି।

ବନ୍ଦୀ କଏଦୀଙ୍କୁ ୱାର୍ଡରୁ କଡା ସୁରକ୍ଷା ମଧ୍ୟରେ ବାହାର କରି ଚାଷ ସ୍ଥାନକୁ ନିଆଯାଇଥାଏ। ସେଠାରେ କଏଦୀମାନେ ଜେଲ ନିୟମ ଅନୁଯାୟୀ ସକାଳ ୮ରୁ ୧୧ ଏବଂ ଅପରାହ୍ଣ ୩ରୁ ୫ ପର୍ଯ୍ୟନ୍ତ କାର୍ଯ୍ୟ କରିଥାନ୍ତି। ଏଥିପାଇଁ ସେମାନଙ୍କୁ କୁଶଳୀ, ଅର୍ଦ୍ଧ କୁଶଳୀ ଓ ଅଣକୁଶଳୀ ଅନୁଯାୟୀ ପାରିଶ୍ରମିକ ପ୍ରଦାନ କରାଯାଇଥାଏ। ଯାହାକି କଏଦୀଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ କଏଦୀଙ୍କ ସମେତ କଏଦୀର ପରିବାର ଲୋକଙ୍କୁ ପ୍ରଦାନ କରାଯାଇଥାଏ। ତେବେ ସେମାନଙ୍କୁ ଚାଷ ବାବଦରେ ତାଲିମ ଦେବାକୁ ପ୍ରଶିକ୍ଷକଙ୍କ ଅଭାବ ରହୁଛି। ଯାହାଦ୍ୱାରା ସେମାନେ ଅଧିକ ଚାଷ କରି ଆତ୍ମନିର୍ଭରଶୀଳ ହୋଇପାରିବେ। ଏହାସହିତ ଅନ୍ୟ କାରାଗାର ଭଳି ବାଉଁଶ, କାଠ ଓ ସବାଇ ଘାସ ଆଦିରୁ ଘରକରଣା ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ କାରିଗରୀ, ବୁଣାକାର ନେଇ ସ୍ୱତନ୍ତ୍ର ତାଲିମ ଦେଇ ତାହା ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି। ଏହା ବନ୍ଦୀଙ୍କ ଜୀବନରେ ଖୁସି ଆଣିବା ସହ ଅନ୍ତେବାସୀଙ୍କ ମଧ୍ୟରେ ସଂସ୍କାର ଆଣି ଜୀବନରେ ସୁଧାର ପାଇଁ ଜେଲ କର୍ତ୍ତୃପକ୍ଷ ମଧ୍ୟ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏ ନେଇ ରାଇରଙ୍ଗପୁର ଉପ କାରାଗାର ଜେଲର ଅଞ୍ଜନ କୁମାର ପଣ୍ଡାଙ୍କୁ ପଚାରିବାରୁ ଜେଲର ସ୍ୱତନ୍ତ୍ର ଯୋଜନା ଅନୁଯାୟୀ ସଶ୍ରମ କାରାଦଣ୍ଡ ଭୋଗ କରୁଥିବା କଏଦୀଙ୍କୁ ଜେଲର ଚାରିକାନ୍ଥ ମଧ୍ୟରେ ଆତ୍ମନିର୍ଭରଶୀଳ ହେବା ପାଇଁ ପଦକ୍ଷେପ ଜାରି ରହିଛି ବୋଲି କହିଛନ୍ତି।

### ମାନପୁର ରେଲ୍‌ୱେ ପ୍ଲଟ୍ ଯୋଗୁ ବଢୁଛି ପ୍ରଦୂଷଣ

## ଆଉ ଜଣଙ୍କ ଗଡ଼ିଲା ମୁଣ୍ଡ

ଦାନଗଦି,୭।୧୧(ସମିସ): ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଧୂଳିଗଡ଼ ପଞ୍ଚାୟତର ମାନଗୋବିନ୍ଦ ଠାରେ ଚାଲିଥିବା ରେଲ୍‌ୱେ ପ୍ଲଟ ଯୋଗୁ ବ୍ୟାପକ ଜଳ ଓ ବାୟୁ ପ୍ରଦ୍ୟୁଷଣ ହେଉଛି। ଫଳରେ ପାଶ୍ୱର୍ବର୍ତ୍ତୀ ମାନପୁର ସୁଆଁଲୋ ଗାଁ ଏହା ଦ୍ୱାରା ବ୍ୟାପକ ଭାବେ ପ୍ରଭାବିତ ହୋବା ଦ୍ୱାରା ବହୁ ଲୋକେ ଯକ୍ଷ୍ମା ଓ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି।

**ଏଯାଏଁ ଗଲାଣି ୧୫୫ ଜଣଙ୍କ ଜୀବନ**

ଏହି ମାନପୁର ନୀଳପଦା ସାହି (୧୧ ନଂ) ୱାର୍ଡର ୩୫ଟି ପରିବାରର ସମସ୍ତ ଘର ରେଲୱେ ପ୍ଲଟକୁ ଲାଗିକି ରହିଛି। ଫଳରେ ରେଳ ପ୍ଲଟରେ ଯେଉଁ କଞ୍ଚାମାଲ କୋଇଲା, କ୍ଲିଙ୍କର, ଲୁହାପଥର ଗୁଣ୍ଡ, ଜିପ୍‌ସମ ଦିନରାତି ୨୪ ଘଣ୍ଟା ଅନଲୋଡିଂ ହୋଇ ହାଇୱା ଯୋଗେ କାରଖାନା ପରିସରକୁ ପରିବହନ ହେବା ଦ୍ୱାରା ଧୂଳି ଉଡ଼ି ବ୍ୟାପକ ବାୟୁ ଜଳ ପ୍ରଦୂଷିତ ହେଉଛି। ଏହି ମାତ୍ରାଧିକ ବାୟୁ ଜଳ ପ୍ରଦୂଷଣରେ ଅଣନିଃଶ୍ୱାସୀ ହୋଇ ଆକ୍ରାନ୍ତ ହୋଇ ଏହି ନୀଳପଦା, ସୁଆଁଲ, ଗୁଳାସାହିରେ କିଛି ବର୍ଷ ହେଲା ୧୫୫ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁର ଶିକାର ହେଲେଣି। ଏହି କ୍ରମରେ କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ହୋଇ ନୀଳପଦା ସାହିର ସ୍ୱର୍ଗତ ଭରତ ବେହେରାଙ୍କର ଏକମାତ୍ର ପୁତ୍ର ବୋଧିରାମ ବେହେରା (୫୪) ବର୍ଷ ଆଜି ଆଖି ବୁଝିଛନ୍ତି। ପ୍ରଦୂଷଣ ଜନିତ ରୋଗରେ ପୀଡ଼ିତ ହୋଇ ତିନିଦିନ ପୂର୍ବରୁ କଟକ ମେଡିକାଲ ଓ ପରେ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର ପାଇଁ ତାଙ୍କୁ ନିଆଯାଇଥିଲା। ନୀଳପଦା ସାହିଟି ପ୍ଲଟର ଶୂନ୍ୟ ମିଟରରେ ଅଛି। ବାରମ୍ବାର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ପ୍ରଦୂଷଣ ରୋକିବା ପାଇଁ, ସ୍ୱାସ୍ଥ୍ୟ ଶିବିର କରିବା, ବିସ୍ଥାପିତ କରିବା ପାଇଁ ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ନିରବ। କେତେ ମୁଣ୍ଡ ଆଉ ଗଲା ପରେ ଚେତିବେ ନେତା, ପ୍ରଶାସନ ତାହା ଦେଖିବାକୁ ବାକି ରହିଲା।

### ଶିଶୁ କନ୍ୟା ଯୌନ ନିର୍ଯାତନାକାରୀର ଗିରଫ ଦାବି

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା

ବାଲେଶ୍ୱର,୭।୧୧(ସମିସ): ନାବାବାଳିକା ଯୌନ ନିର୍ଯାତନା ଘଟଣାରେ ଅଭିଯୁକ୍ତକୁ ଗିରଫ ଦାବିରେ ଆଜି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ବାଲେଶ୍ୱର କେନ୍ଦ୍ର ପକ୍ଷରୁ ଶାନ୍ତିପୂର୍ଣ୍ଣ ଗଣଧାରଣା ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଦିଆଯାଇଥିଲା। ଜଳେଶ୍ୱର ଥାନା କେଶପୁର ଗ୍ରାମର ଜନୈକ ନାବାଳିକାକୁ ଯୌନ ନିର୍ଯାତନା ଦେଇଥିବା ଏହି ଅଭିଯୁକ୍ତକୁ ଗିରଫ ପାଇଁ ମହମ୍ମଦ ଇସଲାମଙ୍କ ଆହ୍ୱାନରେ ଧାରଣା ଦିଆଯାଇଥିଲା। ପୁଲିସ୍‌ର ନିଷ୍କ୍ରିୟତା ପ୍ରତିବାଦ ଏବଂ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଧାରଣାରେ ବରିଷ୍ଠ ଗାନ୍ଧୀବାଦୀ ଓ ସମାଜସେବୀ ସୁରେନ୍ଦ୍ର ପଣ୍ଡା, ଆବାହକ ମହମ୍ମଦ ଇସଲାମ୍, ଗୌରାଙ୍ଗ ପାଣିଗ୍ରାହୀ, ପ୍ରତିମା ପଣ୍ଡା, କବିତାରାଣୀ ଦାସ, ଯଶୋଧାରା ଦାସ, ଇନ୍ତେକାବ୍ ଅଲ୍ଲୀ ଖାଁ, ସତ୍ୟେନ୍ଦ୍ର କୁମାର ଦାସ, ବିଧାନ ଚନ୍ଦ୍ର ରାୟ, ଗୌରୀରାଣୀ ଉପାଧ୍ୟାୟ, ଆଶ୍ରିତା ତରେଇ, ବେଣୁଧର ସାହୁ, ପ୍ରଜ୍ଞାପାରମିତା ବିଶ୍ୱାଳ, ସେକ୍ ଅସଗର ଅଲ୍ଲୀ, ସାକିଲା ବାନୋ, ସୁଶାନ୍ତ କୁମାର ମହାନ୍ତି, ମଧୁମିତା ପାତ୍ର, ସାଜିଦ୍ ଅଲ୍ଲୀ, ସସ୍ମିତା ମହାନ୍ତି, ସଂଯୁକ୍ତା ବେହେରା, ଭଗବାନ ମୋହନୀ, ଅମିତା ଚାନ୍ଦ, ନୌସର ଅଲ୍ଲୀ ଓ ମିନତୀ ସେଠୀ ପ୍ରମୁଖ ଏହି ଗଣଧାରଣାରେ ସାମିଲ ହୋଇ ତୁରନ୍ତ ଅଭିଯୁକ୍ତକୁ ଗିରଫ ପାଇଁ ଦାବି କରିଥିଲେ। ଏହି ଗଣଧାରଣାରେ ପୀଡ଼ିତାଙ୍କ ପରିବାର ସଦସ୍ୟ ତଥା ନାବାଳିକା କନ୍ୟା ସହ ତା'ର ପିତାମାତା ସାମିଲ ଦେଇଥିଲେ। ଶେଷରେ ପୁଲିସ ପ୍ରଶାସନ ପକ୍ଷରୁ ସହଦେବଖୁଣ୍ଟା ଆଇଆଇସି ଅଜୟ ମୁର୍ମୁ ଧାରଣାସ୍ଥଳରେ ପହଞ୍ଚି ଦାବିପତ୍ର ଗ୍ରହଣ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ସମାଜସେବୀ ସୁରେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ



### ୫ ଜିଲ୍ଲାରୁ ୭୭୫ ବରିଷ୍ଠ ନାଗରିକ ଏବଂ ୨୫ ଅଧିକାରୀଙ୍କ ଯାତ୍ରା

ବାଲେଶ୍ୱର, ୭।୧୧(ସମିସ): ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଜିଲ୍ଲା ପ୍ରଶାସନର ସହଯୋଗରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ନିମନ୍ତେ ପଞ୍ଚମ ପର୍ଯ୍ୟାୟ ରେଳ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଓ କେନ୍ଦୁଝର ଆଦି ୫ଟି ଜିଲ୍ଲାରୁ ମୋଟ ୭୭୫ଜଣ ଯାତ୍ରୀ ସମେତ ୨୫ ଜଣ ଅନୁସରଣ ଅଧିକାରୀ ବାଲେଶ୍ୱର ଠାରୁ ଅଯୋଧ୍ୟା, ବନାରସ ଯାତ୍ରାକୁ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂହ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ସଞ୍ଜୟ ରାଉତ, ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ଅତିରିକ୍ତ ସଚିବ ରୁଦ୍ର ନାରାୟଣ ଦାସ, ସଦର ଉପଜିଲ୍ଲାପାଳ ଶିବ ମାଲବ୍ୟ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ଗତକାଲି ନୋସିଠାରେ ସେମାନଙ୍କ ରାତ୍ରୀଯାପନ ସହ ସମସ୍ତଙ୍କ ଖାଦ୍ୟ, ପାନୀୟ, ଔଷଧର ବ୍ୟବସ୍ଥା କରାଯାଇଥିଲା। ୧୧ଟାରେ ସମସ୍ତ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀଙ୍କୁ ନୋସି ଠାରୁ ଆଣି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଭବ୍ୟ ଆଧ୍ୟାତ୍ମିକ ଅନୁଭବ ସଫଳ କାମନା କରି ରେଳ ଯାତ୍ରାର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଯୋଗ ଦେଇ ଏହି ଯୋଜନାରେ ସରକାର ବରିଷ୍ଠ ନାଗରିକ ଯେଉଁମାନେ ୬୦ ବର୍ଷ ରୁ ୭୫ ବର୍ଷ ମାତ୍ର ନିଜର ବହୁ ଆକାଂକ୍ଷିତ ତୀର୍ଥ ଯାତ୍ରା କରିବାର କୌଣସି ସମ୍ବଳ ବା ଉପଯୁକ୍ତ ସମୟ ସୁଯୋଗ ପାଇ ପାରୁନଥିବା ହିତାଧିକାରୀଙ୍କୁ ବିଗତ ୨୦୧୬ ରୁ ଏହି ଯୋଜନା କାର୍ଯ୍ୟକାରୀ ହୋଇଆସୁଛି। ଚଳିତ ବର୍ଷର ଏହି ଯୋଜନାରେ ୫ ଗୋଟି ଜିଲ୍ଲାରୁ ସମସ୍ତ ଯୋଗ୍ୟ ବଶିଷ୍ଠ ନାଗରିକଙ୍କୁ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ବୋଲି ଅବଗତ କରିଥିଲେ। ଏଣୁ ସମସ୍ତ ଯୋଗ୍ୟ ବରିଷ୍ଠ ନାଗରିକ ଏହି ଯୋଜନାରେ ଦିବ୍ୟ ଆଧ୍ୟାତ୍ମିକ ଅନୁଭବ ସୁଯୋଗ ପାଇବା ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ମୟୂର ବିକାଶ ସମେତ ଅନ୍ୟାନ୍ୟ ବରେଣ୍ୟ ଅତିଥି ଗଣ ବରିଷ୍ଠ ନାଗରିକଙ୍କ ସଫଳ ଯାତ୍ରା କରି ଦିବ୍ୟ ଆଧ୍ୟାତ୍ମିକ ଅନୁଭବ କାମନା କରିଥିଲେ। ଏହି ସାଧାରଣ ସଭା କାର୍ଯ୍ୟକ୍ରମ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ମଧ୍ୟରୁ ୫ ଜଣଙ୍କୁ ଆନୁଷଙ୍ଗିକ ଉପକରଣଗୁଡିକୁ ଅତିଥିଗଣ ପ୍ରଦାନ କରିଥିଲେ।

## ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୨୩ ସାମିଲ




ବାରିପଦା, ୭।୧୧(ସମିସ): ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ ଖୋ-ଖୋ ପ୍ରତିଯୋଗିତା ଚଳିତ ନଭେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାସ୍ଥିତ ଧନୁର୍ଜୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲାରୁ ୧୨ଜଣ ଛାତ୍ର ଓ ୧୧ ଜଣ ଛାତ୍ରୀ ଯୋଗ ଦେବେ। ବାଳକ ଟିମ ମ୍ୟାନେଜର ଭାବେ ପିଇଟି ଧର୍ମେନ୍ଦ୍ର ପଣ୍ଡା ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ସୁନିତା ଚାମ୍ପିୟାଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାରୁ ୨୩ ଜଣ ପ୍ରତିଯୋଗୀ ଯୋଗ ଦେବେ। ସେମାନେ ହେଲେ ୧୪ ବର୍ଷରୁ କମ ବାଳକ ବିଭାଗରେ ଦୁର୍ଗା ହାଁସଦା, କେଶରୀ ଟୁଡୁ, ରଘୁନାଥ ମାଝୀ, କାରାନ ମୁର୍ମୁ, ଲାଲୁ ମାରାଣ୍ଡି, ସଧାଇ ସୋରେନ, ଯାତୁର ହାଁସଦା, ତପନ ଗୋଛାୟତ, ସମୀର ନାଏକ, ବାଦଲ ଟୁଡୁ, ରାମ ମାରାଣ୍ଡି, ରାମ ହେମ୍ବ୍ରମ ଓ ବାଳିକା ବିଭାଗରେ ସିନଗ ମୁର୍ମୁ, ସଂଗୀତା ସିଂ, ଲଛମିନ ସୋରେନ, ଲେଛେ ମୁର୍ମୁ, ମଧୁସ୍ମିତା ନାଏକ, ଲକ୍ଷ୍ମୀ ହେମ୍ବ୍ରମ, ଲକ୍ଷ୍ମୀ ସିଂ, ମୁକ୍ତା ଉଗ୍ରସେନ, ପିଙ୍କି ସାମାଡ଼, ଜୁଲି ମାରାଣ୍ଡି, ଅନୀତା ହାଁସଦା।

### ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ୫ମ ସନ୍ଧ୍ୟା

# ଆଧୁନିକ ଓ ମୁଣ୍ଡାରୀ ନୃତ୍ୟ ଗୀତରେ ଦୁଲୁକିଲା ପଡ଼ିଆ

ବାରିପଦା, ୭।୧୧(ସମିସ): ସ୍ଥାନୀୟ ଭଂଜପୁରଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ୫ମ ସନ୍ଧ୍ୟାରେ ଗୁ‡ ଡ୍ୟାନ୍ସ ଗ୍ରୁପ ଓ କରଞ୍ଜିଆର ଚାରୁ ଡ୍ୟାନ୍ସ ଏକାଡେମୀର ଝୁମର, ଆଧୁନିକ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ପରେ ପରେ ଡ୍ରପ ବିଟ ଡ୍ୟାନ୍ସ ଷ୍ଟୁଡିଓର କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଏବଂ ଓଡିଶା ମୁଣ୍ଡାରୀ ଷ୍ଟୁଡେଣ୍ଟସ ଆସୋସିଏସନ ଦ୍ୱାରା ପରିବେଷିତ ମୁଣ୍ଡାରୀ ସାମ୍ପ୍ରଦାୟର ନୃତ୍ୟ ଗୀତରେ ପଡିଆ ଦୁଲୁକିଥିଲା। ସାଂସ୍କୃତିକ ସମ୍ପାଦକ କିଶୋର ପଲେଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସୋମନାଥ ସିଂହ, ପ୍ରୀତମ ପଣ୍ଡା, ଆନିଶ ମିଶ୍ର, ଆଲୋକ ବାରିକ ଓ ପ୍ରତୀକ ବାରିକ ପରିଚାଳନା କରିଥିଲେ।





ଶନିବାର ମୟୁରଭଞ୍ଜ ଆର୍ଟ ଫାଉଣ୍ଡେସନ, ମୁଦ୍ରାକଳା ଆକାଡେମୀ, ଶାନ୍ତି ଆର୍ଟ ସ୍କୁଲର କାର୍ଯ୍ୟକ୍ରମ ପରେ ମୟୁରଭଞ୍ଜ ଆଦିବାସୀ ଷ୍ଟୁଡେଣ୍ଟସ ଆସୋସିଏସନର କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ଶ୍ରୀ ପଲେଇ ସୂଚନା ଦେଇଛନ୍ତି। ଏଥିସହିତ ମେଳା ପଡିଆରେ କମିଟି ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ । ପେଟ ଜନିତ ସମସ୍ୟା ଦେଖା ଦେଇପାରେ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।


**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ଆୟ ଓ ବ୍ୟୟ ସମାନ ରହିବ। ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୪୫- ହଂକଂରେ ନୌକା ଦୁର୍ଘଟଣାରେ ୧୫୫୦ ଲୋକଙ୍କ ମୃତ୍ୟୁ।
- ୧୯୬୫- ବ୍ରିଟେନରେ, ହତ୍ୟା ମାମଲାରେ ମୃତ୍ୟୁଦଣ୍ଡକୁ ଉଠାଇ ଦିଆଗଲା।
- ୧୯୮୮-ଚୀନ୍‌ରେ ବିନାଶକାରୀ ଭୂମିକମ୍ପ ଯୋଗୁଁ ୯୦୦ ଲୋକଙ୍କ ମୃତ୍ୟୁ।
- ୨୦୦୦- ବିଲ୍ କ୍ଲିଣ୍ଟନ୍‌ଙ୍କ ପତ୍ନୀ ହିଲାରି କ୍ଲିଣ୍ଟନ୍ ନ୍ୟୁୟର୍କ ସିଟ୍‌ରୁ ଜିତି ରେକର୍ଡ କଲେ।
- ୨୦୦୮ - ଭାରତର ପ୍ରଥମ ମାନବ ରହିତ ମହାକାଶଯାନ ଚନ୍ଦ୍ରଯାନ-୧ ଚନ୍ଦ୍ର କକ୍ଷରେ ପହଞ୍ଚିଲା।



## ହୀରା ଖଚିତ ଆଖି

ଫିଲ୍ମ ତଥା ଟିଭିରେ ବେଳେ ବେଳେ ଏମିତି ଚରିତ୍ର ନଜର ଆସିଛନ୍ତି, ଯେଉଁମାନଙ୍କ ଦାନ୍ତ ସୁନାର ହୋଇଥାଏ। ସେହିପରି ବାସ୍ତବ ଜୀବନରେ ବି କିଛି ଧନୀ ଲୋକ ଏମିତି ଥାନ୍ତି, ଯେଉଁମାନେ ସୁନାର ଦାନ୍ତ ଲଗାଇଥାନ୍ତି। ଏହି କ୍ରମରେ ଏବେ ଜଣେ ବ୍ୟକ୍ତି ସୁନା ନୁହେଁ, ବରଂ ହୀରା ଖଚିତ ଆଖି ପାଇଁ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଆଲବାମା ନିବାସୀ ସେଲ୍ଟର ଜୋନ୍ସଙ୍କ ପାଖରେ ବିଶ୍ୱର ସବୁଠୁ ଦାମୀ କୃତ୍ରିମ ଆଖି ଅଛି। ଜୋନ୍ସ ଜଣେ ଗହଣା ଦୋକାନର ମାଲିକ। ସେ ତାଙ୍କ କୃତ୍ରିମ ଆଖିରେ ୨ କ୍ୟାରେଟ୍‌ର ହୀରା ଲଗାଇଛନ୍ତି। ସେ ଡାହାଣ ଚକ୍ଷୁର ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ହରାଇବା ପରେ ତାଙ୍କ କୃତ୍ରିମ ଆଖିରେ ହୀରା ଲଗାଇବା ନିଷ୍ପତ୍ତି ନେଲେ। ତେବେ ସେ ଏକ ଭୟାନକ ରୋଗ ଯୋଗୁଁ ନିଜ ଡାହାଣ ଆଖିର ଦୃଷ୍ଟିଶକ୍ତି ହରାଇବା ପରେ କୃତ୍ରିମ ଆଖି ଲଗାଇବାକୁ ଚାହିଁଲେ। ତେଣୁ ଏ ଲାଗି ସେ ବିଶେଷଜ୍ଞ ଜନ୍ ଲିମ୍‌ଙ୍କ ପାଖକୁ ଗଲେ। ଏଠାରେ ଜୋନ୍ସ ଏକ ବିଶେଷ ପ୍ରକାର ଆଖି ତିଆରି ପାଇଁ ବରାଦ ଦେଲେ। ଜୋନ୍ସ ଏମିତି ଏକ ଆଖି ଚାହୁଁଥିଲେ, ଯାହାକି ତାଙ୍କୁ ଜଣେ ଅଳଙ୍କାର ଡିଜାଇନର ବୋଲି ଦର୍ଶାଇ ପାରୁଥିବ। ତାଙ୍କ ଆଖିରେ ଲାଗିଥିବା ହୀରା ଉପରେ ଆଲୋକ ପଡ଼ିଲେ ଚିକ୍‌ମିକ୍ କରେ। ସେହିପରି ସେ ତାଙ୍କର ହୀରା ଆଖି ଯୋଗୁଁ ଯୁଆଡ଼େ ଯାଆନ୍ତି ଚର୍ଚ୍ଚାରେ ରହନ୍ତି। ତେବେ ଏହି କୃତ୍ରିମ ଆଖି ତାଙ୍କ ଜୀବନରେ ନୂଆ ଆଲୋକ ଆଣିଥିବା କହିଛନ୍ତି। ଲିମ୍ ଛଅ ସପ୍ତାହ ଶିଶୁଙ୍କଠାରୁ ଆରମ୍ଭ କରି ୧୦୧ ବର୍ଷ ବୟସ୍କ ପାଇଁ ପ୍ରାୟ ୧୦ ହଜାର କୃତ୍ରିମ ଚକ୍ଷୁ ତିଆରି କରିଛନ୍ତି। ହେଲେ ଜୋନ୍ସଙ୍କର କୃତ୍ରିମ ଆଖି ସବୁଠୁ ଦାମୀ ବୋଲି ଲିମ୍ କହନ୍ତି। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ଏକଥା ସାମ୍ନାକୁ ଆସିବା ପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ମା' ହେଲେ କ୍ୟାଟ୍ରିନା




ବିବାହର ଚାରି ବର୍ଷ ପରେ ବଲିଉଡ୍‌ର ପାୱାର କପଲ୍ କାଟ୍ରିନା କୈଫ୍ ଏବଂ ଭିକି କୌଶଲ ମା' ବାପା ହୋଇଛନ୍ତି। ଏହି ଦମ୍ପତି ଆଜି (ନଭେମ୍ବର ୭ ତାରିଖ) ସେମାନଙ୍କର ପ୍ରଥମ ସନ୍ତାନକୁ ସ୍ୱାଗତ କରିଛନ୍ତି। ୪୨ ବର୍ଷୀୟା କ୍ୟାଟ୍ରିନା ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଛନ୍ତି। ଉଭୟ ମା' ଓ ପୁଅଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସୂଚନା ମିଳିଛି। କାଟ୍ରିନା ଏବଂ ଭିକି ଉଭୟ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ପ୍ରଶଂସକଙ୍କ ସହିତ ଏହି ଖୁସି ଖବର ସେୟାର କରିଛନ୍ତି। ପୋଷ୍ଟରେ ଲେଖାଯାଇଛି- "ଆମ ଖୁସିର ବଣ୍ଡଲ୍ ଆସିଗଲା। ଅତ୍ୟନ୍ତ ଆନନ୍ଦ ଏବଂ ଉତ୍ସାହର ସହିତ ଆମେ ଆମ ପୁଅକୁ ସ୍ୱାଗତ କରୁଛୁ। ନଭେମ୍ବର ୭, ୨୦୨୫। କ୍ୟାଟ୍ରିନା ଏବଂ ଭିକି।" ପୋଷ୍ଟ ସେୟାର୍ ହେବା ପରେ ବଲିଉଡ୍ ତାରକାଙ୍କଠାରୁ ଆରମ୍ଭ କରି ପ୍ରଶଂସକଙ୍କ ପର୍ଯ୍ୟନ୍ତ ସମସ୍ତେ ଭିକି ଓ କେଟ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଚଳିତବର୍ଷ ଆରମ୍ଭରୁ କ୍ୟାଟ୍ରିନା ଗର୍ଭବତୀ ଥିବା କଥା ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଥିଲେ ମଧ୍ୟ ଏହି ଦମ୍ପତି କିନ୍ତୁ ଗୋପନୀୟତା ବଜାୟ ରଖିଥିଲେ। ଶେଷରେ ସେପ୍ଟେମ୍ବର ୨୦୨୫ରେ, କ୍ୟାଟ୍ରିନା ମା' ହେବାକୁ ଯାଉଥିବା କଥା ଘୋଷଣା କରି ଏହି ଖବର ଉପରେ ବିରାମ ଲଗାଇଥିଲେ।

## ପିଲାଙ୍କ ପାଇଁ ବ୍ୟାଙ୍କ



ଜାପାନ କେବଳ ଟେକ୍ନୋଲୋଜି ଏବଂ ନୂତନ ଜ୍ଞାନ କୌଶଳ ପ୍ରୟୋଗରେ ଆଗରେ ରହିଛି ତାହା ନୁହେଁ; ଏଠାକାର ସ୍ୱଚ୍ଛ ବାତାବରଣ, ସଫା ରାସ୍ତା, ଲୋକଙ୍କ ଜୀବନଶୈଳୀ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ। ଏହି କ୍ରମରେ ଏଠାରେ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାଙ୍କକୁ ନେଇ ଚର୍ଚ୍ଚା ହେଉଛି। ଜାପାନରେ ପିଲାମାନଙ୍କ ପାଇଁ ରହିଛି ସ୍ୱତନ୍ତ୍ର ବ୍ୟାଙ୍କ। ଏହି ବ୍ୟାଙ୍କଗୁଡ଼ିକ ଭିତରକୁ ପିଲାମାନଙ୍କ ବାପା-ମାଆଙ୍କୁ ମଧ୍ୟ ପ୍ରବେଶ ପାଇଁ ଅନୁମତି ନାହିଁ। କୁନି କୁନି ପିଲାମାନଙ୍କୁ ଛୋଟ ବୟସରୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏଭଳି ଏକ ପରିକଳ୍ପନା କରାଯାଇଛି। ବ୍ୟାଙ୍କରେ ପିଲାମାନେ ନିଜେ ନିଜେ ଟଙ୍କା ଜମା କରିଥାନ୍ତି। ସେମାନଙ୍କୁ ସେମାନଙ୍କ ସଞ୍ଚୟ ଉପରେ ସୁଧ ମିଳିଥାଏ। ଏହାଦ୍ୱାରା ପିଲାମାନେ ଖୁବ୍ କମ୍ ବୟସରୁ ଆର୍ଥିକ ପରିଚାଳନା ଶିଖିପାରନ୍ତି। ଏନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର କରାଯାଇଛି। ଏଥିରେ କୁହାଯାଇଛି ଯେ, ପିଲାମାନଙ୍କ ପାଇଁ ଜାପାନ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ। ଅନ୍ୟ ଦେଶମାନଙ୍କରେ ପିଲାମାନେ ବୟସ୍କଙ୍କ ତତ୍ତ୍ୱାବଧାନରେ ରୁହନ୍ତି। ପିଲାଙ୍କୁ କେଉଁଠିକୁ ଏକାକି ଛଡ଼ାଯାଇ ନ ଥାଏ। ହେଲେ ଜାପାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ଏଠାରେ ପିଲାମାନେ ବୟସ୍କଙ୍କ ବିନା ନିଜ କାମ ନିଜେ କରନ୍ତି। ଏକାକି ସ୍କୁଲ ଯାଆନ୍ତି। ଏସବୁ ଜାପାନର ପିଲାମାନଙ୍କ ପାଇଁ ସାଧାରଣ କଥା। କେବଳ ସେତିକି ନୁହେଁ, ଜାପାନରେ ଚୋରି ମାମଲା ବି ଦେଖିବାକୁ ମିଳେନାହିଁ। ଯଦି ଜଣେ ବ୍ୟକ୍ତି ଏଠାରେ ନିଜର ଫୋନ୍, ମନିପର୍ସ କିମ୍ବା ବ୍ୟାଗ୍‌କୁ କେଉଁଠି ଛାଡ଼ି ଦେଇଥାନ୍ତି, ଏକ ଘଣ୍ଟା ପରେ ଉକ୍ତ ସ୍ଥାନରେ ସେହି ସାମଗ୍ରୀ ମିଳିଯାଇଥାଏ। ସେହିପରି ହଜିଯାଇଥିବା ସାମଗ୍ରୀକୁ ଖୋଜିଲେ ଏଠାରେ ମିଳିବାର ଆଶା ଶତ ପ୍ରତିଶତ ରହିଥାଏ।

## ଶିଶୁ





**ପ୍ରଶାନ୍ତ କୁମାର ସାହୁ**

ଶିଶୁଟିଏ ଥିଲେ ଘରେ ସବୁ ଦିନ ପରବ
ଲୋଡ଼ା ନାହିଁ ସୁନା ରୁପା ଲୋଡ଼ା ନାହିଁ ଦରବ।
ଲୋଡ଼ା ନାହିଁ ହୀରା ଲୀଳା ମୋତି ଅବା ମାଣିକ
ଲୋଡ଼ା ନାହିଁ ଜହ୍ନ ତାରା ପୁଅ ଝିଅ ଫରକ।
ଶିଶୁଟିଏ ପରିବାର ଦେଶ ପାଇଁ ଗରବ
ଫେରାଇ ଆଣିବ ଦିନେ ଅତୀତ ଗଉରବ।
ଶିଶୁଟିଏ ଜାଣେ ନାହିଁ ଛନ୍ଦ ଅବା କପଟ
ଶିଖାଇବ ନିତି ତାକୁ ସତ୍ୟ ନ୍ୟାୟ ସୁବାଟ।
ଶୁଣାଇବ ଗୀତ ଗପ ଛୋଟ ଛୋଟ କାହାଣୀ
ଶୁଣାଇବ କେବେ କେବେ ବଡ଼ ଲୋକ ଜୀବନୀ।
ଛାତିରେ ମନରେ ତା'ର ଭରିଦେବ ସାହସ
ସ୍ନେହ ପ୍ରେମେ ବାନ୍ଧିଦେଇ ଭରିଦେବ ଉଲ୍ଲାସ।
ଆଜି ସିନା କଳି ସିଏ କାଲି ଫୁଟି ବାସିବ
ଦୁନିଆଟି ନିଶ୍ଚେ ଦିନେ ତା' ପାଇଁ ହସିବ। ■

ଇନ୍ଦିପୁର, ଚନ୍ଦନ ମଣ୍ଡପ ସାହି, ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬

## ପ୍ରହେଳିକା

- ଗୋରା ଶାସକଙ୍କ ବିରୁଦ୍ଧେ ସେହି
ଲଢ଼ିଥିଲେ କାରାବରଣ ସହି
ବାପୁଜୀଙ୍କ ସହ ହାତ ମିଳାଇ
ଇଂରେଜଙ୍କୁ ଦେଲେ ଦେଶୁ ହଟେଇ
ସ୍ୱାଧୀନ ହୋଇଲା ଦେଶ
ପ୍ରଥମ ପ୍ରଧାନମନ୍ତ୍ରୀ ସେ ହୋଇଲେ
କୁହ ତାଙ୍କ ନାମ କିସ।
ଉତ୍ତର-ଜବାହାରଲାଲ୍ ନେହରୁ

- ନଭେମ୍ବର ମାସ ଚଉଦ ଦିନ
ହସିଉଠେ ସର୍ବ ଶିଶୁଙ୍କ ମନ
ଚାଚା ନେହରୁଙ୍କ ଜନ୍ମ ଦିବସ
ପାଳନ୍ତି ସଭିଏଁ ହୋଇ ହରଷ
ପରବଟିଏ ସେ ଆମ
ଚାଚାଙ୍କ ଜନମ ଦିନ ସେ ଆସଇ
କୁହ ଦେଖି ତା'ର ନାମ।
ଉତ୍ତର-ଶିଶୁ ଦିବସ

- ମଗୁଶିର କୃଷ୍ଣ ଅଷ୍ଟମୀ ଦିନ
ପର୍ବଟିଏ ରାଜ୍ୟେ ହୁଏ ପାଳନ
ଜ୍ୟେଷ୍ଠ ସନ୍ତାନକୁ ମିଳେ ସମ୍ମାନ
ପିନ୍ଧିଥାଏ ସିଏ ନୂଆ ବସନ
ହୁଏ ପୂଜାବିଧି କର୍ମ
ଏଣ୍ଡୁରି ପିଠାର ବାସ ମହକଇ
କୁହ ସେ ପରବ ନାମ।
ଉତ୍ତର-ପ୍ରଥମାଷ୍ଟମୀ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ମାର୍ଗଶିର ମାସେ ପ୍ରଥମାଷ୍ଟମୀ ଯେ



**ନିରଞ୍ଜନ ସାହୁ**

ଏଣ୍ଡୁରି ପିଠାଟି ବାସଇ
ପ୍ରଥମ ସନ୍ତାନ ପଢ଼ୁଆଁ ହେବାକୁ
ମାମୁଁଘରୁ ସବୁ ଆସଇ ।
ମାମୁଁଘରୁ ଆସେ ନୂତନ ପୋଷାକ
ପ୍ରଥମ ସନ୍ତାନ ପାଇଁକି
ପିଠାମିଠା ବଡ଼ ଶରଧାରେ ଧରି
ମାମୁଁ ଆସିଥାନ୍ତି ଧାଇଁକି ।
କେଉଁ କାଳରୁ ଏ ବିଧି ରହିଅଛି
ମାମୁଁ ଯେ ପଢ଼ୁଆଁ କରିବେ
ବଡ଼ ଭଣଜା କି ବଡ଼ ଭାଣିଜୀଙ୍କ
ମନରେ ସନ୍ତୋଷ ଭରିବେ ।
ଘରର ପ୍ରଥମ ସନ୍ତାନ ଉପରେ
ଅନେକ ଦାୟିତ୍ୱ ରହିଛି
ସେଥିପାଇଁ ତାଙ୍କୁ ସ୍ୱତନ୍ତ୍ର ସମ୍ମାନ
ଦେବାକୁ ଦୁନିଆ କହିଛି ।
ପ୍ରଥମାଷ୍ଟମୀରେ ପଢ଼ୁଆଁ ହୁଅନ୍ତି



ପ୍ରଥମ ସନ୍ତାନ ଯେତେକ
ଏହି ସମ୍ମାନରେ ସମ୍ମାନିତ ସିଏ
ତାଙ୍କ ଲାଗି କଥା ଏତେକ ।
ନୂଆ ବିରି ନୂଆ ଅରୁଆ ଚାଉଳ
ଯେମିତି ଯେଉଁଠୁ ଆଣିବ
ହଳଦୀ ପତରେ ପିଠା ଗଢ଼ା ହେବ
ପୁର ପଶିଥିବ ଜାଣିବ ।
ଏଣ୍ଡୁରି ପିଠାର ବହୁତ ଆଦର
ପ୍ରଥମ ଅଷ୍ଟମୀ ପରବେ
ପିଲା ଠାରୁ ବୁଢ଼ା, ରଙ୍କ ଠାରୁ ରାଜା
ପିଠା ଖାଇଥାନ୍ତି ସରବେ ।■

ନିହଲ ପ୍ରସାଦ, ଢେଙ୍କାନାଳ
ମୋ- ୯୯୩୮୭୪୧୫୮୩



## ସୁମନ

## ନୂତନ ପ୍ରକାଶ





**ସୁଧାଂଶୁ ଶେଖର ଦ୍ୱିବେଦୀ**

ଶରତ ଋତୁର ମୃଦୁ ସନ୍ଧ୍ୟା। ଗ୍ରାମ୍ୟ ଜୀବନର ନିସ୍ତବ୍ଧତା ମଧ୍ୟରେ ଅନତୀ ଦୂରରୁ ମୃଦଙ୍ଗର ମୃଦୁ ଶବ୍ଦ ପ୍ରତିଧ୍ୱନିତ ହେଉଥାଏ। ସେଇ ଗାଁରେ ସଂଗ୍ରାମ ନାମକ ବାଳକଟିଏ ରହୁଥାଏ। ସଂଗ୍ରାମ ଅଳ୍ପଭାଷୀ, ଆତ୍ମସଙ୍କୋଚରେ ଗ୍ରସ୍ତ। ବିଦ୍ୟାଳୟରେ କୌଣସି ପ୍ରତିଯୋଗିତା ହେଲେ ଅନ୍ୟ ବିଦ୍ୟାର୍ଥୀ ଉତ୍ସାହ ପୂର୍ବକ ଅଂଶଗ୍ରହଣ କରନ୍ତି କିନ୍ତୁ ସଂଗ୍ରାମ ସବୁବେଳେ ନିରବ ରୁହେ। ତା' ଭିତରର ଆତ୍ମବଳ ଲୁପ୍ତ ହୋଇଯାଇଛି ବୋଲି ସେ ଅନୁଭବ କରେ । ଦିନେ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା ହେବ ବୋଲି ଘୋଷଣା ହେଲା। ସଂଗ୍ରାମର ସାଙ୍ଗ ସନ୍ତୋଷ ଖୁସି ହୋଇ କହିଲା- ମୁଁ ମଞ୍ଚକୁ ଯାଇ ବକ୍ତୃତା ଦେବି। ତୁ ଯିବୁ ନା ସଂଗ୍ରାମ ? ସାଙ୍ଗର କଥା ଶୁଣି ସଂଗ୍ରାମ ପୂର୍ବପରି ମୌନବ୍ରତ ଧାରଣ କରି ବସିରହିଲା। ତା'ର ଦୃଷ୍ଟି ଭୂମିରେ ନିବଦ୍ଧ ଥାଏ। ଯେମିତି ଭୟ ଓ ଶଙ୍କା ତାକୁ ଆବୋରି ନେଇଛି। ସନ୍ଧ୍ୟା ସମୟରେ ଘରକୁ ଫେରି ସେ ଜେଜେଙ୍କ ପାଖରେ ବସିଗଲା। ଜେଜେ ସ୍ନେହସିକ୍ତ ସ୍ୱରରେ ପଚାରିଲେ-କ'ଣ ହେଇଛି କିରେ ସଂଗ୍ରାମ? ତୁ ଏମିତି ଚୁପଚାପ୍ ବସିଛୁ ? ସଂଗ୍ରାମ ନମ୍ର ହୋଇ କହିଲା- ଜେଜେ ! ମୋ ମନରେ ପ୍ରବଳ ଇଚ୍ଛା ଥିବା ସତ୍ତ୍ୱେ ମୁଁ ବିଦ୍ୟାଳୟର ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରୁନି। ଜେଜେ ତା' ମନର କଥା ବୁଝି ତାକୁ କୋଳରେ ବସାଇ ଏକ ପୁରୁଣା ପୁସ୍ତକ ବାହାର କଲେ। ପୃଷ୍ଠା ଓଲଟାଇ ଗୋଟେ ଚିତ୍ରକୁ ସଙ୍କେତ କରି କହିଲେ- ବଟବୃକ୍ଷ ପରି ଧୈର୍ଯ୍ୟବାନ ମହାପୁରୁଷ ହେଉଛନ୍ତି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ସେ ତାଙ୍କ ଜୀବନରେ ସବୁବେଳେ ଗୋଟେ କଥା କହୁଥିଲେ- ନିଜ ଜୀବନର ମୋଡ଼କୁ ବଦଳାଇବା ପାଇଁ ତୁରନ୍ତ ନୂଆ ନୂଆ ସଂକଳ୍ପ ଆରମ୍ଭ କର। ଜେଜେଙ୍କ ମାର୍ଗଦର୍ଶନରେ ସଂଗ୍ରାମ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ ହେଲା। ରାତିରେ ଆକାଶର ତାରା ସବୁ ଝିଲମିଲ୍ ହେଉଥାନ୍ତି। ସଂଗ୍ରାମ ନିଜ ପଢ଼ା ଘରେ ବସି ବକ୍ତୃତା ଲେଖୁଥାଏ। ତା' ହୃଦୟରେ ଆଶଙ୍କା ଥାଏ ହେଲେ ମନରେ ଏକ ନୂତନ ପ୍ରକାଶ ସାହାସ ବାନ୍ଧୁଥାଏ। ତା' ପରଦିନ ବିଦ୍ୟାଳୟରେ ପ୍ରତିଯୋଗିତା ଥାଏ। ମଞ୍ଚରେ ପହଞ୍ଚି ସଂଗ୍ରାମର ହୃଦୟ ଧକ୍ ଧକ୍ ହେଲା। ନିଜକୁ ଦୃଢ଼ କରି ଜେଜେଙ୍କ ମାର୍ଗଦର୍ଶନକୁ ମନେ ପକାଇଲା। ଏକ ଦୀର୍ଘ ନିଶ୍ୱାସ ନେଇ ଆତ୍ମବିଶ୍ୱାସର ସହିତ ଧୀର ଓ ନମ୍ର କଣ୍ଠରେ ନିଜ ବକ୍ତୃତା ଆରମ୍ଭ କଲା। ଶବ୍ଦରେ ସ୍ପଷ୍ଟତା ଏବଂ ଭାବର ବିସ୍ତାର ଆସିଗଲା। ସେ ଅନର୍ଗଳ କହି ଚାଲିଲା। ବକ୍ତୃତା ସମାପ୍ତ ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ତାଳିର ଧ୍ୱନି ଗୁଞ୍ଜରିତ ହେଉଥାଏ। ସଂଗ୍ରାମକୁ ଜଣା ଯାଉଥାଏ ଆଜି ସେ ନିଜକୁ ଚିହ୍ନିପାରିଛି। ସେହିଦିନଠାରୁ ସେ ଆଉ ମୌନ କି ସଙ୍କୋଚ ବାଳକ ହୋଇ ରହିଲା ନାହିଁ। ଅନ୍ଧାରରୁ ପ୍ରକାଶ ଦିଗକୁ ଅଗ୍ରସର ହେଲା। ଇଚ୍ଛାଶକ୍ତି ଦୃଢ଼ କରି ଯେବେ କୌଣସି କାମ କରେ କି ପାଠ ପଢ଼େ ପୂରା ଉତ୍ସାହରେ ପ୍ରକାଶିତ ହୋଇ ଆଗକୁ ବଢ଼ି ଚାଲିଲା।■

ବିସି-୭୪, ସଲ୍ଟ ଲେକ୍, କଲିକତା
ମୋ- ୯୬୮୧୩୭୩୫୧୨

## ତୁମ ଅଙ୍କା ଛବି





**ସିଦ୍ଧ ମାନିସ ସାହୁ**
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂରାଜୀ ମାଧ୍ୟମ ସ୍କୁଲ
ଡୁମୁଡୁମା, ଭୁବନେଶ୍ୱର





**ପ୍ରିୟଲ ଶାହ**
ପ୍ରଥମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର, ଝାଡ଼ଖଣ୍ଡ





**ଅମ୍ରିତ ସାହୁ**
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି
ସରକାରୀ ପ୍ରାଥମିକ
ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ





**ଉପମିତା ଦାସ**
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଦଶରଥପୁର, ଯାଜପୁର

# ଛେତ୍ରୀ ଯୁଗର ଅନ୍ତ

## ଆଉ ଖେଳିବେନି ବୋଲି ନିଶ୍ଚିତ କଲେ ସୁନିଲ୍



ନୂଆଦିଲ୍ଲୀ, ୭ ।୧୧ (ଏଜେନ୍ସି): ଭାରତୀୟ ଫୁଟ୍‌ବଲର କିମ୍ବଦନ୍ତୀ ଖେଳାଳି ସୁନିଲ ଛେତ୍ରୀ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟିଛି। ତାଙ୍କୁ ଆଉ ନୀଳ ଜର୍ସି ପରିଧାନ କରି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାର ଦେଖିବାକୁ ମିଳିବ ନାହିଁ। ଚଳିତ ଏଏଫ୍‌ସି ଏସିଆନ୍ କପ୍-୨୦୨୭ ଫାଇନାଲ ରାଉଣ୍ଡ ଯୋଗ୍ୟତା ପର୍ଯ୍ୟାୟରୁ ଭାରତ ବିଦାୟ ନେବା ସହ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇଥିବା ୪୧ ବର୍ଷୀୟ ଛେତ୍ରୀ କହିଛନ୍ତି। ଗତ ବର୍ଷ ଜୁନରେ ଛେତ୍ରୀ ପ୍ରଥମେ ଅନ୍ତର୍ଜାତୀୟ ଫୁଟ୍‌ବଲକୁ ଅଲ୍‌ବିଦା କରିଥିଲେ। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମଧ୍ୟ ଦିଆଯାଇଥିଲା। କିନ୍ତୁ ଚଳିତ ବର୍ଷ ପ୍ରାରମ୍ଭରେ ସେ ତାଙ୍କ ଅବସର ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲେ। ଏଥିସହ ପୁଣିଥରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶୁକ୍ରବାର ଏକ ସାକ୍ଷାତ୍‌କାରରେ ଛେତ୍ରୀ କହିଛନ୍ତି, 'ଯେତେବେଳେ ମୁଁ ଦ୍ୱିତୀୟଥର ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲି ମୋ ମୁଣ୍ଡରେ କେବଳ ଗୋଟିଏ ଲକ୍ଷ୍ୟ ଥିଲା ଯେ ଏଏଫ୍‌ସି ଏସିଆନ କପ୍‌କୁ ଯୋଗ୍ୟତା ଅର୍ଜନ ଲାଗି ଯଥାସମ୍ଭବ ଯୋଗଦାନ ଦେବି। ଯୋଗ୍ୟତା ଅର୍ଜନ ଲାଗି ଯଦି କୌଣସି ସମ୍ଭାବନା ନ ଥିଲା ତାହାଲେ ହୁଏତ ମୁଁ ପ୍ରତ୍ୟାବର୍ତ୍ତନ କରି ନ ଥାନ୍ତି। ଗାଣିତିକ ଭାବେ ଆମେ ଆଉ ଯୋଗ୍ୟତା ଅର୍ଜନ କରିପାରୁନାହୁଁ। ତେଣୁ ଏହା ଅବସର ନେବାର ଏକ ସଠିକ ସମୟ ବୋଲି ଅନୁଭବ କଲି। କୋଚ୍ ଖଲିଦ ଜମିଲ ସାର୍‌ଙ୍କୁ ମୋର ନିଷ୍ପତ୍ତି ବିଷୟରେ କହିବା ସହଜ ଥିଲା' ବୋଲି ଛେତ୍ରୀ ଏହି ସାକ୍ଷାତ୍‌କାର ସମୟରେ କହିଛନ୍ତି।

### ■ ଭାରତର ଟପ୍ ସ୍କୋରର

ସିକନ୍ଦରାବାଦ ଜନ୍ମିତ ଛେତ୍ରୀ ପ୍ରଥମେ ୩୦ ମାର୍ଚ୍ଚ ୨୦୦୪ରେ ଭାରତୀୟ ୨୦ ବର୍ଷରୁ କମ୍ ଦଳ ପକ୍ଷରୁ ଖେଳିଥିଲେ। ଏହାର ବର୍ଷକ ପରେ ୧୨ ଜୁନ ୨୦୦୫ରେ ସେ ପାକିସ୍ତାନ ବିପକ୍ଷରେ ସିନିଅରସ୍ତରରେ ପଦାର୍ପଣ କରିଥିଲେ। ଜାତୀୟ ଦଳ ପକ୍ଷରୁ ଦୁଇ ଦଶନ୍ଧି ଧରି ଖେଳିଥିବା ଛେତ୍ରୀଙ୍କୁ ଭାରତୀୟ ଫୁଟ୍‌ବଲର ସର୍ବଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଏ। ସେ ଦେଶ ପାଇଁ ୧୫୭ଟି ମ୍ୟାଚ୍ ଖେଳି ୯୫ଟି ଗୋଲ୍ ଦେଇଛନ୍ତି। ଭାରତୀୟ ଫୁଟବଲର ସେ ସର୍ବକାଳୀନ ସର୍ବାଧିକ ସ୍କୋରର ବିବେଚିତ ହୋଇଛନ୍ତି। ସେହିଭଳି ଅନ୍ତର୍ଜାତୀୟ ଫୁଟବଲରେ ସର୍ବାଧିକ ଗୋଲ୍ ଦେବାରେ ସେ କ୍ରିଷ୍ଟିଆନୋ ରୋନାଲ୍ଡୋ (୧୪୩ ଗୋଲ୍) ଲିଓନେଲ ମେସି (୧୧୪), ଇରାନର ଅଲି ଡାଇ (୧୦୮)ଙ୍କ ପଛକୁ ଛେତ୍ରୀ ୪ର୍ଥ ସ୍ଥାନରେ ରହିଛନ୍ତି।

# କୀର୍ତ୍ତିମାନଠୁ ଗୋଟିଏ ୱିକେଟ ଦୂରରେ ଯଶପ୍ରୀତ୍ ବୁମ୍‌ରା



ବ୍ରିସବେନ, ୭ ।୧୧ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଏକ ବଡ଼ କୀର୍ତ୍ତିମାନଠୁ ପାଦେ ଦୂରରେ ରହିଛନ୍ତି। ଶନିବାର ଘରୋଇ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ତଥା ୫ମ ଟି-୨୦ରେ ସେ ଆଉ ଜଣେ ବ୍ୟାଟରଙ୍କୁ ଆଉଟ୍ କରନ୍ତି। ତେବେ ଏହି ଛୋଟିଆ ଫର୍ମାଟ୍‌ରେ ବୁମ୍‌ରା ତାଙ୍କର ୧୦୦ ୱିକେଟ୍ ପୂରଣ କରିବେ। ଅର୍ଶଦୀପ୍ ସିଂହ (୧୦୫)ଙ୍କ ପରେ ସେ ଦ୍ୱିତୀୟ ଭାରତୀୟ କ୍ରିକେଟର୍ ଭାବେ ଟି-୨୦ ଫର୍ମାଟ୍‌ରେ ୧୦୦ ୱିକେଟ୍ ନେବାର ସୌଭାଗ୍ୟ ଲାଭ କରିବେ। ବୁମରା ବର୍ତ୍ତମାନ ୭୯ ମ୍ୟାଚରୁ ୧୮.୧୧ ହାରରେ ୯୯ଟି ୱିକେଟ୍ ନେଇଛନ୍ତି। ସେହିଭଳି ବୁମ୍‌ରା ମଧ୍ୟ ଆଉ ଏକ ବଡ଼ ରେକର୍ଡ କରିବେ। ଭାରତର ପ୍ରଥମ ବୋଲର ଭାବେ ସେ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ୧୦୦ କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ୱିକେଟ ନେବାର ସଫଳତା ପାଇବେ। ବୁମରା ବର୍ତ୍ତମାନ ଟେଷ୍ଟରେ ୨୨୬ଟି ଓ ଦିନିକିଆରେ ୧୪୯ଟି ୱିକେଟ ନେଇଛନ୍ତି।

## ନିର୍ଣ୍ଣାୟକ ପଞ୍ଚମ ଟି-୨୦ ଆଜି

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ



ବ୍ରିସବେନ, ୭ ।୧୧ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ଟି-୨୦ ସିରିଜର ଅନ୍ତିମ ତଥା ନିର୍ଣ୍ଣାୟକ ୫ମ ମୁକାବିଲା ଶନିବାର ବ୍ରିସବେନରେ ଖେଳାଯିବ। ଉଭୟ ଘରୋଇ ଅଷ୍ଟ୍ରେଲିଆ ଓ ଭାରତ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱବହନ କରୁଛି। ୨-୧ରେ ଅଗ୍ରଣୀ ଥିବା ଭାରତ ଏହି ମ୍ୟାଚ୍ ଜିତି ସିରିଜ ବିଜୟୀ ହେବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ପାଇଁ 'କର ବା ମର' ସ୍ଥିତି ସୃଷ୍ଟି କରିଛି। ସିରିଜରେ ପଛୁଆ ଥିବା କଙ୍ଗାରୁ ଦଳ ଏଠାରେ ବିଜୟୀ ହୋଇ ଡ୍ର ରଖିବା ଲକ୍ଷ୍ୟରେ ରହିଛି। ଯଦି ଅଷ୍ଟ୍ରେଲିଆ ପରାସ୍ତ ହୁଏ ତେବେ ସିରିଜ ମଧ୍ୟ ହାତଛଡ଼ା କରିବ। ତେଣୁ ଭାରତ ଅପେକ୍ଷା ଅଷ୍ଟ୍ରେଲିଆ ନିଶ୍ଚିତ ଭାବେ ଏହି ମ୍ୟାଚରେ ଚାପରେ ରହିବ।

ପୂର୍ବରୁ ସିରିଜର କାନବେରାରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ଏହାପରେ ମେଲବୋର୍ଣ୍ଣ ମୁକାବିଲାକୁ ୪ ୱିକେଟରେ ଜିତି ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଭ୍ରମଣକାରୀ ଭାରତ ୩ୟ ଓ ୪ର୍ଥ ମୁକାବିଲାରେ ଦମ୍‌ଦାର ପ୍ରଦର୍ଶନ କରି ଯଥାକ୍ରମେ ୫ ୱିକେଟ୍ ଓ ୪୮ ରନରେ ବିଜୟୀ ହୋଇଥିଲା। ଫଳରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ୨-୧ରେ ଆଗୁଆ ରହିଛି। ଆସନ୍ତାକାଲି ମଧ୍ୟ ଟିମ୍ ଇଣ୍ଡିଆ ଏହି ବିଜୟଧାରାକୁ ବଜାୟ ରଖିବା ସହ ଦୁଇଟି ଉପଲବ୍ଧି ହାସଲ କରିବା ଲକ୍ଷ୍ୟରେ ରହିଛି। ପ୍ରଥମତଃ ଅଷ୍ଟ୍ରେଲିଆ ମାଟିରେ ଦୀର୍ଘ ୧୭ ବର୍ଷ ହେଲା ଟି-୨୦ ସିରିଜ ପରାସ୍ତ ନ ହେବାର ରେକର୍ଡ ବଜାୟ ରଖିବ। ଦ୍ୱିତୀୟରେ ଗତ ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ମଧ୍ୟ ଟି-୨୦ରେ ନେବାକୁ ଭାରତୀୟ ଦଳ ଲକ୍ଷ୍ୟ ରଖିଛି। ତେଣୁ ସୂର୍ଯ୍ୟକୁମାର ଓ ତାଙ୍କ ଦଳ ଟି-୨୦ ସିରିଜକୁ ଦମ୍‌ଦାର ଭାବେ ଫିନିଶ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବେ।

ପଞ୍ଚମ ମ୍ୟାଚରେ ଉପଅଧିନାୟକ ଶୁବମାନ ଗିଲ୍ ଓ ଅଧିନାୟକ ସୂର୍ଯ୍ୟକୁମାରଙ୍କ ବ୍ୟାଟିଂ ଉପରେ ସମସ୍ତଙ୍କ ନଜର ରହିବ। ଆଉ ଦୁଇ ମାସ ପରେ ଭାରତରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାବେଳେ ଗିଲ୍‌ଙ୍କ ଫର୍ମ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି। ଗିଲ୍ ଗତ ୭ଟି ଟି-୨୦ ମୁକାବିଲାରେ ଅର୍ଦ୍ଧଶତକ ମଧ୍ୟ ହାସଲ କରିପାରିନାହାନ୍ତି। ତେବେ ଗତ ୪ର୍ଥ ଟି-୨୦ରେ ସେ ୪୬ ରନର ପାଳି ଖେଳି ଫର୍ମକୁ ଫେରିଥିବାର ସଙ୍କେତ ଦେଇଛନ୍ତି। ସୂର୍ଯ୍ୟକୁମାର ମଧ୍ୟ ଏହି ସିରିଜରେ ଭଲ ଆରମ୍ଭ କରୁଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ରୂପାନ୍ତରିତ କରିବାରେ ବିଫଳ ହୋଇଛନ୍ତି। ସେହିଭଳି ଏସିଆ କପ୍ ଫାଇନାଲର ହିରୋ ତିଲକ ବର୍ମା ସିରିଜର ଶେଷ ୩ଟି ମ୍ୟାଚରେ ଯଥାକ୍ରମେ ୦, ୨୯ ଓ ୫ ରନ କରି ନିରାଶ କରିଛନ୍ତି। ତିନି ସ୍ପିନର ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ବୋଲିଂରେ ଭାରତର ପ୍ରମୁଖ ଶକ୍ତି ରହିଛନ୍ତି।

| |
|---|
| ୫ମ ଟି-୨୦ |
| ଆରମ୍ଭ: ଅପରାହ୍ଣ ୧ଟା ୪୫ |
| ଭେନ୍ୟୁ: ବ୍ରିସ୍‌ବେନ୍ |
| ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ |

ଅପରପକ୍ଷରେ ଘରୋଇ ଅଷ୍ଟ୍ରେଲିଆର ବ୍ୟାଟରଙ୍କ ସ୍ପିନ ଦୁର୍ବଳତା ୪ର୍ଥ ଟି-୨୦ରେ ମଧ୍ୟ ପଦାରେ ପଡ଼ିଥିଲା। କାରାରା ଓଭାଲରେ ଅନୁଷ୍ଠିତ ଏହି ମ୍ୟାଚରେ ବରୁଣ, ଅକ୍ଷର ଓ ୱାଶିଂଟନ ମିଳିତ ଭାବେ ୧୦ ଓଭରରେ ୬ଟି ୱିକେଟ୍ ନେଇ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲା। ଫଳରେ ଏକଦା ବିଜୟ ଦିଗରେ ଅଗ୍ରସର ହେଉଥିବା ଅଷ୍ଟ୍ରେଲିଆ ୪୮ ରନରେ ପରାସ୍ତ ହୋଇଥିଲା। ତେଣୁ ଏହି ମ୍ୟାଚରେ ଅଷ୍ଟ୍ରେଲିଆ ବ୍ୟାଟର୍ ଭାରତୀୟ ସ୍ପିନରଙ୍କୁ କେଉଁଭଳି ଭାବେ ମୁକାବିଲା କରୁଛନ୍ତି ଏହା ଉପରେ ସମସ୍ତଙ୍କ ନଜର ରହିଛି।

# ପାକିସ୍ତାନକୁ ୨ ରନ୍‌ରେ ହରାଇଲା ଭାରତ

## ହଂକଂ ସିକ୍ସେସ



ମୋଙ୍ଗକକ୍, ୭ ।୧୧ (ଏଜେନ୍ସି): ହଂକଂରେ ଖେଳାଯାଉଥିବା ୬ ଓଭରବିଶିଷ୍ଟ ହଂକଂ ସିକ୍ସେସ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ଡିଏଲ୍ ପଦ୍ଧତିରେ ୨ ରନରେ ପାକିସ୍ତାନକୁ ହରାଇଦେଇଛି। ଏହି ମ୍ୟାଚରେ ଟସ୍ ଜିତି ପାକିସ୍ତାନ ଅଧିନାୟକ ଆବାସ ଆଫ୍ରିଦୀ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦୁଇ ଓପନର ରବିନ ଉଥପ୍ପା ଓ ଭରତ ଚିପିଲିଙ୍କ ଉପଯୋଗୀ ପାଳି ବଳରେ ୬ ଓଭରରେ ୪ ୱିକେଟ୍ ହରାଇ ୮୬ ରନ କରିଥିଲା। ଉଥପ୍ପା ୧୧ ବଲରେ ୨୮ ରନ ଓ ୧୩ ବଲରେ ୨୪ ରନ କରିଥିଲେ। ଅଧିନାୟକ ଦିନେଶ କାର୍ତ୍ତିକ ୬ଟି ବଲରେ ୧୭ ରନ କରି ଅପରାଜିତ ରହିଥିଲେ। ଷ୍ଟୁଆର୍ଟ ବିନ୍ନି ୪ ଓ ଅଭିମନ୍ୟୁ ମିଥୁନ ୬ ରନରେ ଆଉଟ୍ ହୋଇଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ଶାହବାଜ ୨ଟି ୱିକେଟ ହାସଲ କରିଥିଲେ। ଜବାବରେ ୩ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୧ ରନ କରିଥିବାବେଳେ ବର୍ଷା ହୋଇଥିଲା। ଓପନର ଖୱାଜ ନାଫି ୯ ବଲରେ ୧୮ ଓ ଅମଦୁଲ ସମାନ ୬ ବଲରେ ୧୬ ରନ କରି ଅପରାଜିତ ରହିଥିଲେ। ଏହାପରେ ଫଳାଫଳ ପାଇଁ ଡିଏଲ୍ ପଦ୍ଧତିର ସହାୟତା ନିଆଯାଇଥିଲା। ଏଥିରେ ଭାରତକୁ ୨ ରନରେ ବିଜୟୀ ହୋଇଥିଲା। ଭାରତ ଏଥିସହ ୨ ପଏଣ୍ଟ ପାଇ ପୁଲ୍-ସି'ର ଶୀର୍ଷ ସ୍ଥାନରେ ରହିଛି। ଭାରତ ଏହାର ଶେଷ ମ୍ୟାଚରେ ଶନିବାର କୁଏତକୁ ଭେଟିବ। ଅପରପକ୍ଷରେ ପାକିସ୍ତାନ ଅନ୍ୟ ଏକ ମ୍ୟାଚରେ କୁଏତକୁ ୪ ୱିକେଟରେ ହରାଇ ୨ ପଏଣ୍ଟ ପାଇଛି।

ଚଳିତ ସଂସ୍କରଣରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ଶ୍ରୀଲଙ୍କା, ଭାରତ, ପାକିସ୍ତାନ, ବାଂଲାଦେଶ, କୁଏତ, ଆଫଗାନିସ୍ତାନ ଓ ଆୟୋଜକ ହଂକଂକୁ ମିଶାଇ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଆଇସିସି ଅନୁମୋଦିତ ହାସଲ କରିଥିବାବେଳେ ପ୍ରତ୍ୟେକ ଦଳରେ ୬ଜଣ ଲେଖାଏ ଖେଳାଳି ରହିଥାନ୍ତି। ୬ ଓଭରବିଶିଷ୍ଟ ଏହି ମ୍ୟାଚରେ ପ୍ରତି ଦଳର ଜଣେ ବୋଲର ୨ ଓଭର ବୋଲିଂ କରିବାର ନିୟମ ରହିଛି।

# ରାଜ୍ୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ



ଭୁବନେଶ୍ୱର, ୭ ।୧୧ (ସମିସ): ସ୍ଥାନୀୟ ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ରାଜ୍ୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଚାରିଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୧୫ ଓ ୧୭ ବର୍ଷରୁ କମ୍ ବୟସବର୍ଗରେ ୨୮୦ରୁ ଊର୍ଦ୍ଧ୍ୱ ଖେଳାଳି ଯୋଗଦେଇଛନ୍ତି। ପ୍ରଥମ ଦିନରେ ବାଳକ/ବାଳିକ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ୮୦ଟି ମ୍ୟାଚ୍ ଖେଳାଯାଇଛି। ପ୍ରାୟ ସମସ୍ତ ସିଡେଡ୍ ଖେଳାଳି ନିଜ ନିଜ ମୁକାବିଲାରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଶୁକ୍ରବାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘର ସମ୍ପାଦକ ନିଲୀନ କୁମାର, ଉପସଭାପତି ପ୍ରଦୀପ ପଟ୍ଟନାୟକ, ଆୟୋଜକ କମିଟିର ସଂପାଦକ ଅଜିତ ମହାନ୍ତି, ନିର୍ଦ୍ଦେଶକ ଶୁଭମ ନାୟକ, ପର୍ଯ୍ୟବେକ୍ଷକ ଶିବମ ଅଗ୍ରୱାଲ, ସଂଯୋଜକ ତାରାକାନ୍ତ ଦାଶ, ଅବଦୁଲ ହାକିମ, ଜୟପ୍ରକାଶ ଜେନା, ମୁଖ୍ୟ ରେଫରୀ ରୀତା ଦାଶ ଓ ଲକ୍ଷାପତି ନନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ।




ଶୁକ୍ରବାର ହକି ଇଣ୍ଡିଆର ୧୦୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଚେନ୍ନାଇରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବତନ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଭାରତ-ଏ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ

# ଆକରମାନ୍‌ଙ୍କ ଶତକ ସତ୍ତ୍ୱେ ଦ.ଆଫ୍ରିକା-ଏ ପଛୁଆ

ବେଙ୍ଗାଲୁରୁ, ୭ ।୧୧ (ଏଜେନ୍ସି): ଘରୋଇ ଭାରତ-ଏ କ୍ରିକେଟ ଟିମ୍ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ପାଳିରେ ପଛୁଆ ରହିଛି। ଭାରତ-ଏ'ର ପ୍ରଥମ ପାଳି ସ୍କୋର ୨୫୫ ରନ ଜବାବରେ ଦକ୍ଷିଣ ଆଫ୍ରିକା-ଏ ୨୨୧ ରନରେ ସୀମିତ ରହିଛି। ଭ୍ରମଣକାରୀ ଦଳ ପକ୍ଷରୁ ଅଧିନାୟକ ମାର୍କସ ଆକରମାନ ଦ୍ରୁତ ଶତକୀୟ ପାଳି ଖେଳିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା-ଏକୁ ଅଗ୍ରଣୀ କରାଇପାରି ନ ଥିଲେ। ଆକରମାନ ୧୭ ଚୌକା ଓ ୫ ଛକା ବଳରେ ୧୧୮ ବଲରୁ ୧୩୪ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଜୋର୍ଡାନ ହର୍‌ମାନ୍ନ ୨୬ ଓ ପ୍ରିନେଲାନ ସବରେୟିନ ୨୦ ରନ କରିଥିବାବେଳେ ଅନ୍ୟ ୮ ଜଣ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଭାରତ-ଏ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୩ ଏବଂ ମହମ୍ମଦ ସିରାଜ ଓ ଆକାଶଦୀପ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ୩୪ ରନରେ ଅଗ୍ରଣୀ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭାରତ-ଏ ଶୁକ୍ରବାର ଷ୍ଟମ୍ପ ସୁଦ୍ଧା ୨୪ ଓଭରରେ ୩ ୱିକେଟ ହରାଇ ୭୮ ରନ ସଂଗ୍ରହ କରିଛି। ଖେଳ ଶେଷବେଳକୁ ଲୋକେଶ ରାହୁଲ ୨୬ ଓ କୁଲଦୀପ୍ ଯାଦବ କୌଣସି ରନ ନ କରି କ୍ରିଜରେ ରହିଛନ୍ତି। ଆଉଟ୍ ହୋଇଥିବା ବ୍ୟାଟର୍‌ଙ୍କ ମଧ୍ୟରେ ସାଇ ସୁଦର୍ଶନ ୨୩, ଦେବଦତ୍ତ ପାଡିକଲ୍ ୨୪ ରନ କରିଥିବାବେଳେ ଓପନର୍ ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲିପାରି ନ ଥିଲେ। ଦ୍ୱିତୀୟ ପାଳିରେ ୭ ୱିକେଟ୍ ବଳକା ଥାଇ ଘରୋଇ ଦଳ ଏବେ ମୋଟ୍ ଉପରେ ୧୧୨ ରନରେ ଅଗ୍ରଣୀ ରହିଛି। ମ୍ୟାଚ ଆହୁରି ୨ ଦିନ ବାକି ଥିବାରୁ ଫଳାଫଳ ବାହାରିବା ନିଶ୍ଚିତ ମନେ ହେଉଛି। ପୂର୍ବରୁ ପ୍ରଥମ ଟେଷ୍ଟକୁ ୩ ୱିକେଟରେ ଜିତି ଭାରତ-ଏ ସିରିଜରେ ୧-୦ରେ ଆଗୁଆ ରହିଛି।

## ଆଜିଠୁ ବିଦର୍ଭ ବିପକ୍ଷ ରଣଜୀ

# ଓଡ଼ିଶାର ଚିନ୍ତା ଚୂଡ଼ାନ୍ତ ଏକାଦଶ ଗଠନ

- ବିଫଳତା ଆଣୁଛି ବ୍ୟାଟିଂ ଲାଇନ୍‌ଅପ୍‌ରେ ପରିବର୍ତ୍ତନ
- ନିରାଶ କରୁଛନ୍ତି ପ୍ରମୁଖ ବୋଲର; ଖେଳି ପାରନ୍ତି ଜାମେଲା
- ରାଜେଶଙ୍କ ବୋଲିଂ ଆଭରେଜ୍ ୨୦୦ ଟପିଛି



କଟକ,୭।୧୧(ସମିସ): ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ବିପକ୍ଷରେ ଚଳିତ ରଣଜୀ ଟ୍ରଫିର ୪ର୍ଥ ଲିଗ୍ ମ୍ୟାଚ୍ ଖେଳିବ ଓଡ଼ିଶା ଦଳ। ଶନିବାର ଠାରୁ ନାଗପୁର ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ପ୍ରଥମ ତିନୋଟି ମ୍ୟାଚ୍‌ରୁ ଦୁଇଟି ପରାଜୟଜାଲରେ ଛନ୍ଦି ହୋଇ ନିନ୍ଦା ମୁଣ୍ଡାଇଥିବା ଓଡ଼ିଶା ଏହି ଧାରାରୁ ମୁକୁଳିବାକୁ ନିହାତି ଉଦ୍ୟମ କରିବ। ଅନ୍ୟପକ୍ଷରେ ଖେଳାଳିଙ୍କ ମନୋବଳକୁ ଦୃଢ଼ ରଖିବାକୁ ଶୁକ୍ରବାର ମ୍ୟାଚ୍ ପୂର୍ବ ଟିମ୍ ମିଟିଂରେ ଆଲୋଚନା କରାଯାଇଛି। ବିଦର୍ଭ ବିପକ୍ଷ ଶେଷ ୫ଟି ମ୍ୟାଚ୍‌ରେ ଓଡ଼ିଶା ଗୋଟିଏ ହେଲେ ବିଜୟ ସୁଯୋଗ ପାଇନଥିଲେ ସୁଦ୍ଧା ନାଗପୁର ମୁକାବିଲା ରୋମାଞ୍ଚକ ହେବ ବୋଲି ଅନୁମାନ କରାଯାଇପାରେ। ଅକ୍ଷୟ ୱାଡେକରଙ୍କ ନେତୃତ୍ୱାଧୀନ ବିଦର୍ଭକୁ ଓଡ଼ିଶାର ଶୁଭ୍ରାଂଶୁ ବାହିନୀ କଡା ଟକ୍କର ଦେବ।

ନିକଟ ଅତୀତରେ ଶେଷ ହୋଇଥିବା ଇରାନୀ କପ୍‌ରେ ବିଦର୍ଭ ଚାମ୍ପିଅନ ଟାଇଟଲ ହାସଲ କରିବା ପରେ ରଣଜୀ ଟ୍ରଫିରେ ଭାଗ ନେଇଛି। ପ୍ରଥମ ତିନୋଟି ମ୍ୟାଚ୍‌ରୁ ବିଦର୍ଭକୁ ଗୋଟିଏ ବିଜୟ ଏବଂ ୨ଟି ଅମୀମାଂସିତ ଫଳାଫଳ ଦ୍ୱାରା ୧୩ ପଏଣ୍ଟ ମିଳିଛି। ଦଳ ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ ରହିଛି। ଯଶ ରାଥୋଡ, ଅମନ ମୋଖାଡେ, ଧ୍ରୁବ ସୋରେ, ଅକ୍ଷୟ କର୍ଣ୍ଣେୱାର ଦଳର ବ୍ୟାଟିଂ ଭାର ସମ୍ଭାଳିଛନ୍ତି। ଯଶ ଏବଂ ଅମନଙ୍କ ବ୍ୟାଟରୁ ଶତକୀୟ ପାଳି ଦେଖିବାକୁ ମିଳିଛି। ନଚିକେତ ଭୂତେ ହେଉଛନ୍ତି ଦଳର ସଫଳ ବୋଲର। ୩ଟି ମ୍ୟାଚରୁ ସେ ୧୫ଟି ୱିକେଟ ଅକ୍ତିଆର କରିଛନ୍ତି। ହର୍ଷ ଦୁବେ, ପ୍ରଫୁଲ୍ଲ ହିଙ୍ଗେ, ପାର୍ଥ ରେଖାଡେଙ୍କ କାନ୍ଧରେ ବିଦର୍ଭର ଶକ୍ତିଶାଳୀ ବୋଲିଂ ଲାଇନଅପ ଭରସା କରୁଛି। ବିଦର୍ଭକୁ ଟକ୍କର ଦେବା ଓଡ଼ିଶା ପାଇଁ କାଠିକର ପାଠ ହୋଇପାରେ।

ବିଦର୍ଭ ବିପକ୍ଷ ମ୍ୟାଚ୍ ପୂର୍ବରୁ ଓଡ଼ିଶା ଦଳରେ ପରିବର୍ତ୍ତନ ଅଣାଯାଇଛି। ଡାହାଣହାତୀ ପେସ୍ ବୋଲର ସୁନୀଲ କୁମାର ରାଉଳଙ୍କୁ ବାଦ୍ ଦେଇ ଦଳରେ ପେସ୍ ବୋଲର ପ୍ରଶାନ୍ତ ରଣା ଏବଂ ବାମହାତୀ ସ୍ପିନର ଜାମେଲା ଭଞ୍ଜନ ମହାପାତ୍ରଙ୍କୁ ସାମିଲ କରାଯାଇଛି। ପୂର୍ବରୁ ବାଦଲ ବିଶ୍ୱାଳ ଏବଂ ସୁମିତ ଶର୍ମା ପ୍ରମୁଖ ସ୍ପିନର ଭାବେ ଦଳରେ ରହିଛନ୍ତି। ବିଦର୍ଭ ବିପକ୍ଷରେ ସୁମିତଙ୍କୁ ବିଶ୍ରାମ ଦିଆଯାଇ ଜାମେଲାଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇପାରେ। ତେବେ ଓଡ଼ିଶାର ଭରସାଯୋଗ୍ୟ ପେସ୍ ବୋଲର ରାଜେଶ ମହାନ୍ତିଙ୍କ ବିଫଳତା ଦଳ ପାଇଁ ଚିନ୍ତା ସୃଷ୍ଟି କଲାଣି। ୩ଟି ମ୍ୟାଚ୍‌ରୁ ସେ ମାତ୍ର ଗୋଟିଏ ୱିକେଟ ପାଇଛନ୍ତି। ମୋଟ୍ ୬୦ ଓଭର ବୋଲିଂ କରିଥିବା ରାଜେଶଙ୍କ ଆଭରେଜ ୨୦୭ ରହିଛି। ତାଙ୍କର ପ୍ରତ୍ୟାବର୍ତ୍ତନ ଓଡ଼ିଶା ପାଇଁ ନିହାତି ଆବଶ୍ୟକ ହୋଇଛି। ନବାଗତ ସମ୍ବିତ ବରାଳ ୫ଟି ଏବଂ ବାଦଲ ବିଶ୍ୱାଳ ୬ଟି ୱିକେଟ ଦଖଲ କରି ଅନ୍ୟମାନଙ୍କ ଠାରୁ ଆଗରେ ରହିଛନ୍ତି। ବ୍ୟାଟିଂ ବିପଳତା ଓଡ଼ିଶା ପାଇଁ ଅନ୍ୟଏକ ଚିନ୍ତାର କାରଣ। ଗୌରବ ଚୌଧୁରୀ, ଶୁଭ୍ରାଂଶୁ ସେନାପତି, ସମ୍ବିତ ବରାଳ, ସନ୍ଦୀପ ପଟ୍ଟନାୟକ, ରାଜେଶ ଧୂପର, ସ୍ୱସ୍ତିକ ସାମଲ, ଗୋବିନ୍ଦ ପୋଦ୍ଦାର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ସୁଦ୍ଧା ଉଚିତ୍ ସମୟରେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇ ପାରିନାହାନ୍ତି। ବିଦର୍ଭ ବିପକ୍ଷରେ ଚୂଡାନ୍ତ ଏକାଦଶ ଗଠନ କରିବା ନେଇ ଓଡ଼ିଶା ଶିବିରରେ ଚିନ୍ତା ବଢ଼ିଥିବା କୁହାଯାଉଛି।

ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS